| 2169 | ବାଲିପଟା | 161 | 4798P | 0.0570 | 0.0160 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2170 | ବାଲିପଟା | 161 | 4799 | 0.0970 | 0.0970 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2171 | ବାଲିପଟା | 161 | 4800 | 0.0445 | 0.0445 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2172 | ବାଲିପଟା | 8 | 4801 | 0.0465 | 0.0465 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2173 | ବାଲିପଟା | 8 | 4802 | 0.0465 | 0.0465 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2174 | ବାଲିପଟା | 161 | 4803P | 0.0610 | 0.0450 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2175 | ବାଲିପଟା | 597 | 4806P | 0.5800 | 0.2630 | ଜଳାଶୟ | ସରକାରୀ |
| 2176 | ବାଲିପଟା | 597 | 4807P | 0.0970 | 0.0085 | ଆଡି | ସରକାରୀ |
| 2177 | ବାଲିପଟା | 152 | 4808 | 0.0360 | 0.0360 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2178 | ବାଲିପଟା | 381 | 4809P | 0.0810 | 0.0325 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2179 | ବାଲିପଟା | 235 | 4810 | 0.1140 | 0.1140 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2180 | ବାଲିପଟା | 235 | 4811 | 0.1090 | 0.1090 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2181 | ବାଲିପଟା | 391 | 4812P | 0.0485 | 0.0240 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2182 | ବାଲିପଟା | 302 | 4813 | 0.0325 | 0.0325 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2183 | ବାଲିପଟା | 235 | 4814 | 0.0565 | 0.0565 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2184 | ବାଲିପଟା | 381 | 4815P | 0.1295 | 0.0080 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2185 | ବାଲିପଟା | 430 | 4833 | 0.0400 | 0.0400 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2186 | ବାଲିପଟା | 15 | 4834P | 0.0200 | 0.0040 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2187 | ବାଲିପଟା | 96 | 4863P | 0.0700 | 0.0030 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2188 | ବାଲିପଟା | 152 | 4831P | 0.0565 | 0.0285 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2189 | ବାଲିପଟା | 587 | 4832 | 0.0825 | 0.0825 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2190 | ବାଲିପଟା | 587 | 4835P | 0.0320 | 0.0040 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2191 | ବାଲିପଟା | 596/ 389 | 1616P | 0.0200 | 0.0080 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 2192 | ବାଲିପଟା | 596/ 221 | 1616/ 5222P | 0.0770 | 0.0170 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 2193 | ବାଲିପଟା | 596/ 221 | 1632/ 5223 | 0.0080 | 0.0080 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 2194 | ବାଲିପଟା | 596/ 221 | 1633/ 5224P | 0.0120 | 0.0045 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 2195 | ବାଲିପଟା | 596/ 382 | 4716/ 5366P | 0.0150 | 0.0050 | ଘରବାରି | ବ୍ୟକ୍ତିଗତ |
| 2196 | ବାଲିପଟା | 596/ 382 | 4716/ 5367P | 0.0150 | 0.0050 | ଘରବାରି | ବ୍ୟକ୍ତିଗତ |
| 2197 | ବାଲିପଟା | 596/ 378 | 4716/ 5368P | 0.0325 | 0.0100 | ତଇଲା | ବ୍ୟକ୍ତିଗତ |
| 2198 | ବାଲିପଟା | 596/ 379 | 4716/ 5369P | 0.0150 | 0.0050 | ଘରବାରି | ବ୍ୟକ୍ତିଗତ |
| 2199 | ବାଲିପଟା | 596/ 379 | 4716/ 5297P | 0.0170 | 0.0055 | ଘରବାରି | ବ୍ୟକ୍ତିଗତ |
| | ଉପ ସମୁଦାୟ | | | 30.779 | 18.940 | | |
| 2200 | କଙ୍କରେଇ | 1 | 1930 | 13.391 | 0.486 | ଛୋଟ ଜଙ୍ଗଲ | ସରକାରୀ |
| 2201 | କଙ୍କରେଇ | 2 | 1937 | 0.963 | 0.057 | ରାସ୍ତା | ସରକାରୀ |
| 2202 | କଙ୍କରେଇ | 2/ 2 | 1870 | 30.542 | 0.283 | ପୁରାତନ ପତିତ | ସରକାରୀ |
| 2203 | କଙ୍କରେଇ | 223/ 171 | 1870/ 2083 | 0.777 | 0.081 | ତଇଲା ଏକ | ବ୍ୟକ୍ତିଗତ |
| 2204 | କଙ୍କରେଇ | 223/ 171 | 1870/ 2634 | 0.032 | 0.024 | ଘରବାରି | ବ୍ୟକ୍ତିଗତ |
| 2205 | କଙ୍କରେଇ | 223/ 47 | 1870/ 2079 | 0.773 | 0.202 | ତଇଲା ଏକ | ବ୍ୟକ୍ତିଗତ |
| 2206 | କଙ୍କରେଇ | 223/ 666 | 1870/ 2722 | 0.482 | 0.198 | ତଇଲା ଏକ | ବ୍ୟକ୍ତିଗତ |
| 2207 | କଙ୍କରେଇ | 223/ 48 | 1870/ 2080 | 1.267 | 0.445 | ତଇଲା ଏକ | ବ୍ୟକ୍ତିଗତ |
| 2208 | କଙ୍କରେଇ | 223/ 14 | 1870/ 2081 | 1.068 | 0.372 | ତଇଲା ଏକ | ବ୍ୟକ୍ତିଗତ |
| 2209 | କଙ୍କରେଇ | 223/ 664 | 1870/ 2721 | 0.024 | 0.012 | ତଇଲା ଏକ | ବ୍ୟକ୍ତିଗତ |
| 2210 | କଙ୍କରେଇ | 223/ 385 | 1870/ 2436 | 0.129 | 0.049 | ତଇଲା ଏକ | ବ୍ୟକ୍ତିଗତ |
| 2211 | କଙ୍କରେଇ | 223/ 627 | 1870/ 2686 | 0.032 | 0.032 | ତଇଲା ଏକ | ବ୍ୟକ୍ତିଗତ |
| 2212 | କଙ୍କରେଇ | 223/ 628 | 1870/ 2707 | 0.049 | 0.049 | ଘରବାରି | ବ୍ୟକ୍ତିଗତ |
| 2213 | କଙ୍କରେଇ | 223/ 627 | 1870/ 2706 | 0.049 | 0.016 | ଘରବାରି | ବ୍ୟକ୍ତିଗତ |
| 2214 | କଙ୍କରେଇ | 223/ 551 | 1870/ 2616 | 0.065 | 0.065 | ତଇଲା ଏକ | ବ୍ୟକ୍ତିଗତ |
| 2215 | କଙ୍କରେଇ | 223/ 553 | 1870/ 2618 | 0.032 | 0.020 | ତଇଲା ଏକ | ବ୍ୟକ୍ତିଗତ |
| | ଉପ ସମୁଦାୟ | | | 49.675 | 2.391 | | ବ୍ୟକ୍ତିଗତ |
| 2216 | ବାଲିଚନ୍ଦ୍ରପୁର | 10 | 365 | 0.8050 | 0.1133 | ପତିତ | ବ୍ୟକ୍ତିଗତ |
| 2217 | ବାଲିଚନ୍ଦ୍ରପୁର | 12 | 430 | 0.0116 | 0.0081 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2218 | ବାଲିଚନ୍ଦ୍ରପୁର | 12 | 431 | 0.0160 | 0.0040 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2219 | ବାଲିଚନ୍ଦ୍ରପୁର | 13 | 476 | 0.0405 | 0.0405 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2220 | ବାଲିଚନ୍ଦ୍ରପୁର | 13 | 477 | 0.1050 | 0.0799 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2221 | ବାଲିଚନ୍ଦ୍ରପୁର | 13 | 528 | 0.0380 | 0.0152 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2222 | ବାଲିଚନ୍ଦ୍ରପୁର | 16 | 510 | 0.0565 | 0.0405 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2223 | ବାଲିଚନ୍ଦ୍ରପୁର | 26 | 474 | 0.0285 | 0.0152 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2224 | ବାଲିଚନ୍ଦ୍ରପୁର | 26 | 475 | 0.0320 | 0.0152 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2225 | ବାଲିଚନ୍ଦ୍ରପୁର | 32 | 478 | 0.1880 | 0.0728 | ପତିତ | ବ୍ୟକ୍ତିଗତ |
| 2226 | ବାଲିଚନ୍ଦ୍ରପୁର | 32 | 483 | 0.0279 | 0.0279 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2227 | ବାଲିଚନ୍ଦ୍ରପୁର | 39 | 557 | 0.0485 | 0.0486 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2228 | ବାଲିଚନ୍ଦ୍ରପୁର | 39 | 577 | 0.0285 | 0.0101 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2229 | ବାଲିଚନ୍ଦ୍ରପୁର | 39 | 578 | 0.3250 | 0.3250 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2230 | ବାଲିଚନ୍ଦ୍ରପୁର | 54 | 214 | 0.4008 | 0.0040 | ତଇଲା | ବ୍ୟକ୍ତିଗତ |
| 2231 | ବାଲିଚନ୍ଦ୍ରପୁର | 56 | 549 | 0.0325 | 0.0324 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2232 | ବାଲିଚନ୍ଦ୍ରପୁର | 56 | 550 | 0.0325 | 0.0202 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2233 | ବାଲିଚନ୍ଦ୍ରପୁର | 56 | 555 | 0.0300 | 0.0162 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2234 | ବାଲିଚନ୍ଦ୍ରପୁର | 56 | 556 | 0.0280 | 0.0279 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2235 | ବାଲିଚନ୍ଦ୍ରପୁର | 56 | 558 | 0.0160 | 0.0162 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2236 | ବାଲିଚନ୍ଦ୍ରପୁର | 56 | 562 | 0.0325 | 0.0202 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2237 | ବାଲିଚନ୍ଦ୍ରପୁର | 56 | 569 | 0.0485 | 0.0486 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2238 | ବାଲିଚନ୍ଦ୍ରପୁର | 56 | 570 | 0.0060 | 0.0061 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2239 | ବାଲିଚନ୍ଦ୍ରପୁର | 56 | 571 | 0.0720 | 0.0720 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2240 | ବାଲିଚନ୍ଦ୍ରପୁର | 56 | 579 | 0.0325 | 0.0324 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2241 | ବାଲିଚନ୍ଦ୍ରପୁର | 56 | 580 | 0.0325 | 0.0040 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2242 | ବାଲିଚନ୍ଦ୍ରପୁର | 56 | 586 | 0.0430 | 0.0111 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2243 | ବାଲିଚନ୍ଦ୍ରପୁର | 59 | 467 | 0.0750 | 0.0425 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2244 | ବାଲିଚନ୍ଦ୍ରପୁର | 59 | 468 | 0.1600 | 0.0020 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2245 | ବାଲିଚନ୍ଦ୍ରପୁର | 59 | 469 | 0.0530 | 0.0364 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2246 | ବାଲିଚନ୍ଦ୍ରପୁର | 59 | 470 | 0.1135 | 0.0364 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2247 | ବାଲିଚନ୍ଦ୍ରପୁର | 59 | 501 | 0.2710 | 0.0951 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2248 | ବାଲିଚନ୍ଦ୍ରପୁର | 61 | 479 | 0.0780 | 0.0061 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2249 | ବାଲିଚନ୍ଦ୍ରପୁର | 61 | 480 | 0.0470 | 0.0071 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2250 | ବାଲିଚନ୍ଦ୍ରପୁର | 61 | 481 | 0.0545 | 0.0142 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2251 | ବାଲିଚନ୍ଦ୍ରପୁର | 61 | 482 | 0.0890 | 0.0607 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2252 | ବାଲିଚନ୍ଦ୍ରପୁର | 61 | 485 | 0.0810 | 0.0152 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2253 | ବାଲିଚନ୍ଦ୍ରପୁର | 61 | 502 | 1.0870 | 0.6880 | ପତିତ | ବ୍ୟକ୍ତିଗତ |
| 2254 | ବାଲିଚନ୍ଦ୍ରପୁର | 62 | 459 | 0.0485 | 0.0162 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2255 | ବାଲିଚନ୍ଦ୍ରପୁର | 67 | 588 | 0.0285 | 0.0061 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2256 | ବାଲିଚନ୍ଦ୍ରପୁର | 67 | 589 | 0.0325 | 0.0061 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2257 | ବାଲିଚନ୍ଦ୍ରପୁର | 67 | 601 | 0.4580 | 0.1720 | ତଇଲା | ବ୍ୟକ୍ତିଗତ |
| 2258 | ବାଲିଚନ୍ଦ୍ରପୁର | 70 | 394 | 0.0245 | 0.0081 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2259 | ବାଲିଚନ୍ଦ୍ରପୁର | 70 | 395 | 0.0285 | 0.0285 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2260 | ବାଲିଚନ୍ଦ୍ରପୁର | 70 | 398 | 0.0200 | 0.0200 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2261 | ବାଲିଚନ୍ଦ୍ରପୁର | 70 | 399 | 0.0690 | 0.0690 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2262 | ବାଲିଚନ୍ଦ୍ରପୁର | 70 | 400 | 0.0565 | 0.0152 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2263 | ବାଲିଚନ୍ଦ୍ରପୁର | 61 | 484 | 0.1480 | 0.0911 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2264 | ବାଲିଚନ୍ଦ୍ରପୁର | 83 | 472 | 0.1480 | 0.0911 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2265 | ବାଲିଚନ୍ଦ୍ରପୁର | 83 | 472 | 0.3640 | 0.0567 | ତଇଲା | ବ୍ୟକ୍ତିଗତ |
| 2266 | ବାଲିଚନ୍ଦ୍ରପୁର | 85 | 529 | 0.0800 | 0.0801 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2267 | ବାଲିଚନ୍ଦ୍ରପୁର | 85 | 537 | 0.0325 | 0.0325 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2268 | ବାଲିଚନ୍ଦ୍ରପୁର | 85 | 538 | 0.0445 | 0.0445 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2269 | ବାଲିଚନ୍ଦ୍ରପୁର | 85 | 539 | 0.0245 | 0.0247 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2270 | ବାଲିଚନ୍ଦ୍ରପୁର | 85 | 540 | 0.0580 | 0.0579 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2271 | ବାଲିଚନ୍ଦ୍ରପୁର | 85 | 547 | 0.0580 | 0.0579 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2272 | ବାଲିଚନ୍ଦ୍ରପୁର | 85 | 548 | 0.0780 | 0.0781 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2273 | ବାଲିଚନ୍ଦ୍ରପୁର | 104 | 595 | 0.0081 | 0.0040 | ମାହାର | ସରକାରୀ |
| 2274 | ବାଲିଚନ୍ଦ୍ରପୁର | 96 | 402 | 0.0245 | 0.0152 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2275 | ବାଲିଚନ୍ଦ୍ରପୁର | 96 | 403 | 0.0060 | 0.0060 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2276 | ବାଲିଚନ୍ଦ୍ରପୁର | 96 | 405 | 0.0060 | 0.0060 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2277 | ବାଲିଚନ୍ଦ୍ରପୁର | 96 | 406 | 0.0120 | 0.0091 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2278 | ବାଲିଚନ୍ଦ୍ରପୁର | 96 | 407 | 0.0680 | 0.0556 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2279 | ବାଲିଚନ୍ଦ୍ରପୁର | 96 | 411 | 0.0730 | 0.0506 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2280 | ବାଲିଚନ୍ଦ୍ରପୁର | 96 | 412 | 0.0690 | 0.0445 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2281 | ବାଲିଚନ୍ଦ୍ରପୁର | 96 | 432 | 0.0160 | 0.0160 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2282 | ବାଲିଚନ୍ଦ୍ରପୁର | 96 | 404 | 0.0060 | 0.0060 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2283 | ବାଲିଚନ୍ଦ୍ରପୁର | 104 | 393 | 0.0380 | 0.0081 | ମାହାର | ସରକାରୀ |
| 2284 | ବାଲିଚନ୍ଦ୍ରପୁର | 104 | 396 | 0.0200 | 0.0200 | ମାହାର | ସରକାରୀ |
| 2285 | ବାଲିଚନ୍ଦ୍ରପୁର | 104 | 397 | 0.0140 | 0.0140 | ମାହାର | ସରକାରୀ |
| 2286 | ବାଲିଚନ୍ଦ୍ରପୁର | 106 | 500 | 0.0400 | 0.0405 | ନାଳ | ସରକାରୀ |
| 2287 | ବାଲିଚନ୍ଦ୍ରପୁର | 107 | 602 | 0.2790 | 0.0991 | ପୁରାତନ ପତିତ | ସରକାରୀ |
| 2288 | ବାଲିଚନ୍ଦ୍ରପୁର | 104 | 596 | 0.0245 | 0.0040 | ମାହାର | ସରକାରୀ |
| 2289 | ବାଲିଚନ୍ଦ୍ରପୁର | 7 | 564 | 0.0365 | 0.0364 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| | ଉପ ସମୁଦାୟ | | | 7.21 | 3.52 | | |
| | ମୋଟ ସମୁଦାୟ | | | 836.167 | 265.495 | | |

OIPR-24015/14/0006/2223

ତହସିଲଦାର, ଛେଣ୍ଡିପଦା

**'ଭାରତ ବି ଖେଳିପାରିବ ତାଇୱାନ କାର୍ଡ'** ଆଗକୁ ଚାଇନା ଭାରତକୁ ଉସୁକାଇବା ଭଳି କାମ କଲେ ନୂଆଦିଲ୍ଲୀ ମଧ ତାଇୱାନ କାର୍ଡ ଖେଳିପାରିବ ବୋଲି କଂଗ୍ରେସ ଏମ୍‌ପି ଶଶି ଥରୁର କହିଛନ୍ତି। ତାଇୱାନ ସହ ସମ୍ପର୍କ ଓ ଯୋଗାଯୋଗ ବଢ଼ାଇବା ନିମନ୍ତେ ଭାରତ ସରକାରଙ୍କ ପାଖରେ ବିକଳ୍ପ ରହିଛି। ଆଗକୁ ଚାଇନା ଭାରତକୁ ଚିଡ଼ାଇବାକୁ ଉଦ୍ୟମ କଲେ ଆମେ ତାଇୱାନ ସହ ସମ୍ପର୍କ ବଢ଼ାଇପାରିବା। ବହିର୍ବ୍ୟାପାର ମନ୍ତ୍ରଣାଳୟ ଉଚିତ୍ ସମୟରେ ତାଇୱାନ କାର୍ଡ ଖେଳିପାରିବେ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପାର୍ଲାମେଣ୍ଟରେ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ବିଲ୍ ପ୍ରତ୍ୟାହୃତ

**ନୂଆଦିଲ୍ଲୀ,୩।୮:** ପାର୍ଲାମେଣ୍ଟରେ ଉପସ୍ଥାପିତ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ବିଧେୟକ ବୁଧବାର ପ୍ରତ୍ୟାହୃତ ହୋଇଛି। ଜଏଣ୍ଟ ପାର୍ଲାମେଣ୍ଟାରି କମିଟି ୮୧ ଗୋଟି ସଂଶୋଧନ ପାଇଁ ପରାମର୍ଶ ଦେବା ପରେ ବିଲ୍ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି। ୨୦୧୯ରେ କେନ୍ଦ୍ର ସରକାର ସଂସଦରେ ବିଲ୍ ଉପସ୍ଥାପନ କରିବା ପରେ ଜନସାଧାରଣଙ୍କ ବ୍ୟକ୍ତିଗତ ତଥ୍ୟ ପ୍ରଘଟ ହେବା ସହ ସେମାନଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବା ଅଭିଯୋଗ କରିଥିଲେ ବିରୋଧୀ ଦଳ। ଏହାପରେ ବିଲ୍‌କୁ ଜଏଣ୍ଟ ପାର୍ଲାମେଣ୍ଟାରି କମିଟି ନିକଟକୁ ହସ୍ତାନ୍ତର କରାଯାଇଥିଲା। ବ୍ୟକ୍ତି ବିଶେଷଙ୍କ ଚିହ୍ନଟ ପ୍ରକ୍ରିୟା ସହଜ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ପର୍ସନାଲ ଡାଟା ପ୍ରୋଟେକ୍ସନ୍ ବିଲ୍ ପ୍ରସ୍ତୁତ କରିଥିଲେ।

### ସୁରେଶ ଏନ୍. ପଟେଲ ନୂଆ ସିଭିସି



**ନୂଆଦିଲ୍ଲୀ, ୩।୮:** ଭିଜିଲାନ୍ସ କମିଶନର ସୁରେଶ ଏନ୍. ପଟେଲ ବୁଧବାର କେନ୍ଦ୍ରୀୟ ଭିଜିଲାନ୍ସ କମିଶନର (ସିଭିସି) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ସିଲେକ୍ସନ କମିଟି ଏହି ପଦ ପାଇଁ ସୁରେଶ ପଟେଲଙ୍କ ନାମ ଚୟନ କରିଥିଲା। ରାଷ୍ଟ୍ରପତି ଭବନରେ ଶପଥ ଗ୍ରହଣ ଉତ୍ସବ ଆୟୋଜିତ ହୋଇଥିବାବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁରେଶଙ୍କୁ ଶପଥ ପାଠ କରାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଓ ପ୍ରଧାନମନ୍ତ୍ରୀ ଉପସ୍ଥିତ ଥିଲେ। ଗୋଟିଏ ବର୍ଷ ଧରି ଏହି ଗୁରୁତ୍ୱପୂର୍ଣ୍ଣ ପଦ ଖାଲି ରହିଥିଲା। ଆନ୍ଧ୍ରା ବ୍ୟାଙ୍କରେ ସୁରେଶ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଫିସର ଏବଂ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ଥିଲେ। ୨୦୨୦ ଏପ୍ରିଲରେ ତାଙ୍କୁ ଭିଜିଲାନ୍ସ କମିଶନର ଦାୟିତ୍ୱ ପ୍ରଦାନ କରାଯାଇଥିଲା।

### ପୁଟିନ୍‌ଙ୍କ ପ୍ରେମିକାଙ୍କୁ ଆମେରିକା ମନା



**ୱାଶିଂଟନ୍, ୩।୮:** ଆମେରିକାର ସଦ୍ୟ ପ୍ରକାଶିତ ବ୍ୟାନ୍ ତାଲିକାରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ପ୍ରେମିକା ଆଲିନା ମାରାତୋଭ୍‌ନା କାବେଇଭା(୩୯)ଙ୍କୁ ରଖାଯାଇଛି। ୟୁକ୍ରେନ୍ ଉପରେ ଆକ୍ରମଣ ପ୍ରତିବାଦରେ ୱାଶିଂଟନ୍ ରୁଷିଆର ବହୁ ପ୍ରମୁଖ ବ୍ୟକ୍ତିବିଶେଷଙ୍କ ଆମେରିକା ଗସ୍ତ ଉପରେ କଟକଣା ଲଗାଇଛି। ଆଲିନା କ୍ରେମଲିନ୍ ସମର୍ଥିତ ନ୍ୟାଶନାଲ ମିଡିଆ ଗ୍ରୁପ୍‌ର ମୁଖ୍ୟ। ପୂର୍ବରୁ ୟୁରୋପୀୟ ସଂଘ ମଧ ଆଲିନାଙ୍କ ୟୁରୋପ ଗସ୍ତ ଉପରେ କଟକଣା ଲଗାଇଛି। ଆମେରିକା ଗତ ଏପ୍ରିଲରେ ପୁଟିନ୍‌ଙ୍କ ଝିଅ କ୍ୟାଟେରିନା ଭ୍ଲାଡିମିରୋଭ୍‌ନା ତିଖୋନୋଭା ଏବଂ ମାରିଆ ଭୋରୋଣ୍ଟସୋଭାଙ୍କ ଉପରେ ବ୍ୟାନ୍ ଲଗାଇଥିଲା।

# ଚାଇନାକୁ 'ପେଲୋସି' ଝଟକା



ଆମେରିକା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସ ସ୍ପିକର ନାନ୍ସି ପେଲୋସି ତାଇୱାନ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ସାଇ ଇଙ୍ଗ-ୱେନ୍‌ଙ୍କୁ ଭେଟୁଛନ୍ତି।

## ଭାରତର ସମର୍ଥନ ଲୋଡ଼ିଲା ଚାଇନା

**ନୂଆଦିଲ୍ଲୀ, ୩।୮:** ୱାନ୍-ଚାଇନା ପଲିସି ଅନ୍ତର୍ଜାତୀୟ ସମୁଦାୟର ଏକ ବୈଶ୍ୱିକ ସହମତି ଏବଂ ଅନ୍ୟ ଦେଶ ସହିତ ଚାଇନାର ସମ୍ପର୍କର ପ୍ରମୁଖ ରାଜନୈତିକ ମୂଳଦୁଆ। ଭାରତ ପାଇଁ ଚାଇନାର ସମାନ ନୀତି କାର୍ଯ୍ୟକରେ। ତାଇୱାନ ଚାଇନାର ଏକ ଆଭ୍ୟନ୍ତରୀଣ ପ୍ରସଙ୍ଗ ଏବଂ ଏକ ରେଡ୍ ଲାଇନ୍। କେହି ଏହି ଲକ୍ଷ୍ମଣ ରେଖା ପାର କରିବା ଉଚିତ ନୁହେଁ। ଭାରତ ମଧ ଏହାକୁ ବୁଝିବ ଏବଂ ଚାଇନାର ଆଞ୍ଚଳିକ ଅଖଣ୍ଡତା, ସାର୍ବଭୌମତ୍ୱ ଓ ସୁରକ୍ଷା ଦିଗରେ ସମର୍ଥନ ଦେବ ବୋଲି ଆଶା ଥିବା ନୂଆଦିଲ୍ଲୀରେ ଅବସ୍ଥାପିତ ଚାଇନା ରାଷ୍ଟ୍ରଦୂତ ସନ୍ ୱେଇଡଙ୍ଗ୍ କହିଛନ୍ତି।

## ବିଶ୍ୱ ସମୁଦାୟର ପ୍ରତିକ୍ରିୟା

" ଆମେ ଏପରି ଯୁଗରେ ବାସ କରୁଛୁ ଯେଉଁଠି ରଣନୀତିକ ପ୍ରତିଯୋଗିତା ଏବଂ ଉତ୍ତେଜନା ବୃଦ୍ଧି ପାଇବାର ଲାଗିଛି। ଚାଇନା ଏ ଦିଗରେ ଅଧିକ ଆକ୍ରମଣାତ୍ମକ ଆଭିମୁଖ୍ୟ ଆପଣାଇଛି। କିନ୍ତୁ ତାଇୱାନ ପ୍ରସଙ୍ଗରେ ଏହା ସ୍ପଷ୍ଟ କରିଦେବାକୁ ଚାହୁଁ ଯେ ଏକପାଖିଆ ଭାବେ ଏହି ଦ୍ୱୀପର ବର୍ତ୍ତମାନ ସ୍ଥିତି ବଦଳାଯାଇପାରିବ ନାହିଁ।

**-ଆଣ୍ଟୋନି ଆଲବାନିଜ୍, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ**

" ଚାଇନାର ଲାଇଭ୍-ଫାୟାର ସମରାଭ୍ୟାସ ଆଞ୍ଚଳିକ ଅସ୍ଥିରତା ସୃଷ୍ଟି କରିବ। ତାଇୱାନରେ ଶାନ୍ତି ଏବଂ ସ୍ଥିରତା କେବଳ ଜାପାନର ଜାତୀୟ ସୁରକ୍ଷା ନୁହେଁ ବରଂ ସମଗ୍ର ଅନ୍ତର୍ଜାତୀୟ ସମୁଦାୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ଶାନ୍ତିପୂର୍ଣ୍ଣ ଉପାୟରେ ଏହାର ସମାଧାନ ହେବା ଉଚିତ।

**-ହିରୋଗାଜୁ ମାତସୁନୋ, ଜାପାନ ଚିଫ୍ କ୍ୟାବିନେଟ୍ ସେକ୍ରେଟାରି**

" ଆଞ୍ଚଳିକ ଅସ୍ଥିରତା ଏବଂ ଶାନ୍ତିଭଙ୍ଗର ମୂଳ କାରଣ ହେଉଛି ଆମେରିକା। ପେଲୋସିଙ୍କ ଗସ୍ତ ଚାଇନାର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ହସ୍ତକ୍ଷେପ। ଆଞ୍ଚଳିକ ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ରକ୍ଷା ସପକ୍ଷରେ ଉତ୍ତରକୋରିଆ ଚାଇନାକୁ ସମର୍ଥନ କରୁଛି।

**-କୋଇ ସନ୍-ହୁଇ, ଉତ୍ତରକୋରିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର**

" ଚାଇନାର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ହସ୍ତକ୍ଷେପ କରି ଆମେରିକା ବିବାଦ ସୃଷ୍ଟି କରିଛି। ବିଶ୍ୱର ବିଭିନ୍ନ ସ୍ଥାନରେ ଆମେରିକାର ହସ୍ତକ୍ଷେପବାଦୀ ନୀତିର ଏହା ଆଉ ଏକ ଉଦାହରଣ। ଅସ୍ଥିରତା ଏବଂ ଅଶାନ୍ତି ବ୍ୟତୀତ ଏହାର ଅନ୍ୟ କିଛି ପରିଣାମ ନାହିଁ।

**-ନାସିର କନାନି, ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର**

" ପେଲୋସିଙ୍କ ଗସ୍ତ ଯୋଗୁ ତାଇୱାନରେ ସୃଷ୍ଟି ହୋଇଥିବା ଅସ୍ଥିରତାକୁ ନେଇ ପାକିସ୍ତାନ ଚିନ୍ତିତ। ସୁରକ୍ଷା ପ୍ରସଙ୍ଗରେ ବିଶ୍ୱ ଅନେକ ଗମ୍ଭୀର ସ୍ଥିତି ଦେଇ ଗତିକରୁଛି। ବୈଶ୍ୱିକ ଶାନ୍ତି, ସୁରକ୍ଷା ଏବଂ ଅର୍ଥନୀତିକୁ ପ୍ରଭାବିତ କରିବା ଭଳି ଆଉ ଏକ ସଙ୍କଟକୁ ବିଶ୍ୱ ସମ୍ଭାଳିପାରିବ ନାହିଁ।

**-ଅସିମ୍ ଇଫ୍‌ତିଖର, ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର**

## 'ତାଇୱାନ୍‌କୁ ଏକା ଛାଡ଼ିବନି ଆମେରିକା'

ତାଇପେଇ, ୩।୮

ଚାଇନାର ନାଲିଆଖି ସତ୍ତ୍ୱେ ଆମେରିକା ପ୍ରତିନିଧି ସଭା ସ୍ପିକର ନାନ୍ସି ପେଲୋସିଙ୍କ ଦିନିକିଆ ତାଇୱାନ ଗସ୍ତ ସୁରକ୍ଷିତ ଓ ସଫଳ ଭାବେ ଶେଷ ହୋଇଛି। ମଙ୍ଗଳବାର ରାତିରେ ଅଭୁତପୂର୍ବ ସୁରକ୍ଷା ବଳୟ ଭିତରେ ପେଲୋସିଙ୍କ ବିମାନକୁ ତାଇପେଇରେ ଅବତରଣ କରାଯିବା ଏବଂ ପରେ ତାଇୱାନ ରାଷ୍ଟ୍ରପତି ସାଇ ଇଙ୍ଗ-ୱେନ୍‌ଙ୍କ ସହ ଆଲୋଚନା ଆଦି ସବୁକୁ ଦେଖି ଚାଇନା କେବଳ କଥା କହିବା ଛଡ଼ା ବେଶି କିଛି କରିପାରିନାହିଁ। ଫଳରେ ବେଜିଂ ଦେଇଆସିଥିବା ଧମକ ସବୁ ପେଲୋସିଙ୍କ ଗସ୍ତକୁ କୌଣସି ପ୍ରକାରେ ପ୍ରଭାବିତ କରିପାରିନାହିଁ। ଓଲଟି ପେଲୋସି ତାଇୱାନ ମାଟିରୁ ଚାଇନାକୁ କଡ଼ା ବାର୍ତ୍ତା ଦେବା ସହ ଏହି ସ୍ୱୟଂଶାସିତ ଦ୍ୱୀପକୁ ଆମେରିକା କେବେ ଏକା ଛାଡ଼ିବନି ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଫଳରେ ପେଲୋସିଙ୍କ ଏହି ଗସ୍ତ ଯୋଗୁ ଭବିଷ୍ୟତରେ ଅନ୍ୟ ବିଦେଶୀ ନେତା ତାଇୱାନକୁ ଯିବା ରାସ୍ତା ଏକପ୍ରକାର ଉନ୍ମୁକ୍ତ ହୋଇଛି। ଅନ୍ୟପକ୍ଷରେ ପ୍ରାୟ ୧୯ ଘଣ୍ଟାର ରହଣି ପରେ ପେଲୋସି ବୁଧବାର ସେଠାରୁ ଦକ୍ଷିଣ କୋରିଆ ଗସ୍ତ କରିଛନ୍ତି। ଏହାପରେ ତାଙ୍କ ଜାପାନ ଗସ୍ତ କାର୍ଯ୍ୟକ୍ରମ ରହିଛି।

ତାଇପେଇର ଏକ ହୋଟେଲରେ ରାତ୍ରିରହଣି ପରେ ପେଲୋସି ବୁଧବାର ତାଇୱାନ ରାଷ୍ଟ୍ରପତି ସାଇ ଇଙ୍ଗ-ୱେନ୍‌ଙ୍କୁ ଭେଟିଥିଲେ। ଏଥିସହ ତାଇୱାନ ପାର୍ଲାମେଣ୍ଟକୁ ସମ୍ବୋଧିତ କରିଥିଲେ। ସୁରକ୍ଷା ପ୍ରସଙ୍ଗରେ ଆମେରିକା ସର୍ବଦା ତାଇୱାନକୁ ସହଯୋଗ କରିବ। ୪୩ ବର୍ଷ ପୂର୍ବେ ଆମେରିକା ତାଇୱାନ ସହ ସବୁବେଳେ ଛିଡ଼ା ହେବ ବୋଲି କରିଥିବା ପ୍ରତିଶ୍ରୁତି ଆଜି ବି ପାଳନ କରୁଛି। ତାଇୱାନ ସହ ବନ୍ଧୁତା ପାଇଁ ଗର୍ବିତ ବୋଲି ପେଲୋସି କହିଥିଲେ। ଏହି ଗସ୍ତବେଳେ ପେଲୋସି ତାଇୱାନ ମାନବାଧିକାରୀ କର୍ମୀଙ୍କୁ ଭେଟିଥିଲେ। ସେମାନଙ୍କ ମଧ୍ୟରେ ଚାଇନା ଗଣତନ୍ତ୍ର ଆନ୍ଦୋଳନରେ ସାମିଲ ଥିବା ପୂର୍ବତନ ନେତା ଉଏର କାଇକ୍ସି ମଧ ସାମିଲଥିଲେ। ଚାଇନାରେ ଜେଲଦଣ୍ଡ ଭୋଗିଥିବା ହଂକଂର ପୂର୍ବତନ ବୁକ୍‌ସେଲର ଲାମ୍ ୱିଙ୍ଗ୍-ନି, ସାମାଜିକକର୍ମୀ ଲି ମିନ୍-ଚିଙ୍କୁ ଭେଟି ପେଲୋସି ଆଲୋଚନା କରିଥିଲେ। ସେପଟେ ପେଲୋସିଙ୍କ ଗସ୍ତକୁ ନେଇ ଆକ୍ରମଣାତ୍ମକ ହୋଇପଡ଼ିଥିବା ଚାଇନା ତାଇୱାନ ଏୟାର ଡିଫେନ୍ସ ଜୋନ୍‌ରେ ୨୭ ଯୁଦ୍ଧଜାହାଜ ଉଡ଼ାଇଛି। ସୀମା ନିକଟରେ ଗୁରୁବାରଠାରୁ ଲାଇଭ୍ ସମରାଭ୍ୟାସ ଆରମ୍ଭ କରିବ ବୋଲି ଘୋଷଣା କରିଛି। ତାଇୱାନ ଉପରେ ଆର୍ଥିକ କଟକଣା ଲଗାଇବା ମଧ ଆରମ୍ଭ କରିଛି। ଚାଇନା ତାଇୱାନର ଏକ ବଡ଼ ଟ୍ରେଡିଂ ପାର୍ଟନର। ଅର୍ଥାତ ତାଇୱାନ ଚାଇନା ସହ ଅଧିକାଂଶ ସାମଗ୍ରୀ ରପ୍ତାନି ଓ ଆମଦାନୀ କରିଥାଏ। ମଙ୍ଗଳବାର ଚାଇନା ତାଇୱାନ୍ ବିସ୍କୁଟ୍, ପେଷ୍ଟ୍ରି ଆଦି ସହ ୨୫ ଖାଦ୍ୟ ବ୍ରାଣ୍ଡ୍ ଆମଦାନୀକୁ ବନ୍ଦ କରିବା ସହ ଚାଇନା କଷ୍ଟମ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ୩,୨୦୦ କମ୍ପାନୀ ମଧ୍ୟରୁ ୨,୦୬୬ କମ୍ପାନୀକୁ ସସ୍‌ପେଣ୍ଡ ତାଲିକାରେ ରଖିଥିଲା। ବୁଧବାର ବେଜିଂ ଏହି ପଡୋଶୀ ଦେଶରୁ କେତେକ ଫଳ ଏବଂ ମାଛ ଆମଦାନୀ ବନ୍ଦ କରିଛି। ଏହାସହ ତାଇୱାନକୁ ବାଲି ରପ୍ତାନୀ ବାତିଲ କରିଛି। ସିଧାସଳଖ କୌଣସି ରାଷ୍ଟ୍ର ସହ ଯୁଦ୍ଧ ନ କରି 'ଆର୍ଟ ଅଫ୍ ୱାର' ରଣନୀତିକୁ ଚାଇନା ଆପଣାଉଛି। ଏପରି କରି ଚାଇନା ତାଇୱାନ ଉପରେ ଚାପ ପକାଇ ବେଜିଂ କଥା ମାନିବା ପାଇଁ ବାଧ କରାଇବାକୁ ଉଦ୍ୟମ କରୁଛି। ତେବେ ତାଇୱାନ ସହ ଚାଇନା ସାମଗ୍ରୀ ରପ୍ତାନି ଆମଦାନୀ ବନ୍ଦ କରିବା ନୂଆ କଥା ନୁହେଁ। ପୂର୍ବରୁ ମଧ ବେଜିଂ ଏହି ଦ୍ୱୀପରାଷ୍ଟ୍ର ବିରୋଧରେ ଏହି ପଦକ୍ଷେପ ନେଇଛି।



ତାଇୱାନରୁ ଫେରିବାବେଳେ ନାନ୍ସି ପେଲୋସି ତାଇପେଇର ସୋଙ୍ଗସାନ୍ ବିମାନବନ୍ଦରରେ ବିଦାୟ ଜଣାଉଛନ୍ତି।

## ୟଙ୍ଗ୍ ଇଣ୍ଡିଆ ଅଫିସ୍ ସିଲ୍

ନୂଆଦିଲ୍ଲୀ,୩।୮

ନ୍ୟାଶନାଲ ହେରାଲ୍ଡ ଖବରକାଗଜ ସମ୍ପର୍କିତ ମନି ଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବୁଧବାର ୟଙ୍ଗ୍ ଇଣ୍ଡିଆ ଅଫିସକୁ ସିଲ୍ କରାଯାଇଛି। ଏଥିସହ ଏହି ମାମଲାରେ ଇଡି ଜେରାର ସମ୍ମୁଖୀନ ହୋଇଥିବା କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ବାସଭବନ ଆଗରେ ପୋଲିସ ମୁତୟନ କରାଯାଇଛି।

ନୂଆଦିଲ୍ଲୀର ବାହାଦୁରଶାହ ଜାଫର ମାର୍ଗରେ ଥିବା ହେରାଲ୍ଡ ହାଉସ୍‌ର ୟଙ୍ଗ୍ ଇଣ୍ଡିଆ ପ୍ରାଇଭେଟ୍ ଲିଃ ଅଫିସରେ ମଙ୍ଗଳବାର ଇଡି ଅଧିକାରୀମାନେ ଚଢ଼ାଉ କରିଥିଲେ। ବୁଧବାର ଉକ୍ତ ଅଫିସକୁ ସେମାନେ ସିଲ୍ କରିଥିବା ନେଇ ସେଠାରେ ଏକ ଅର୍ଡର ଛାପିଛନ୍ତି। ଇଡିର ବିନା ଅନୁମତିରେ ଉକ୍ତ ପରିସରକୁ ଖୋଲାଯାଇପାରିବ ନାହିଁ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ଏନେଇ ଜଣେ ଇଡି ଅଧିକାରୀ କହିଛନ୍ତି, ହେରାଲ୍ଡ ଅଧିକାରୀମାନଙ୍କୁ ଆମେ ସହଯୋଗ ପାଇଁ ଡାକିଥିଲୁ। କିନ୍ତୁ ସେମାନେ ତଲାସିରେ ସହଯୋଗ କରି ନ ଥିଲେ। ଅନ୍ୟ କୌଣସି ବିକଳ୍ପ ନ ପାଇ ଆମେ ଏହାକୁ ସିଲ୍ କରିଛୁ। ଯେପରି ପ୍ରମାଣ ନଷ୍ଟ ନ ହେବ ସେଥିଲାଗି ଏହି ପଦକ୍ଷେପ ନିଆଯାଇଛି। ନିକଟରେ ଇଡି ପକ୍ଷରୁ ସୋନିଆ ଓ ତାଙ୍କ ପୁଅ ତଥା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଏକାଧିକ ପର୍ଯ୍ୟାୟରେ ଜେରା କରାଯାଇଥିଲା। ଅଫିସ ସିଲ୍‌କୁ ନେଇ ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ବିରୋଧୀ ଦଳକୁ ଟାର୍ଗେଟ କରିବା ପାଇଁ କେନ୍ଦ୍ର ସରକାର ଏପରି କରିଛନ୍ତି। ଏଭଳି ରାଜନୈତିକ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନକୁ ଆମେ ନିନ୍ଦା କରୁଛୁ। ମୋଦି ସରକାର ଆମ ମୁହଁ ବନ୍ଦ କରିପାରିବେ ନାହିଁ ବୋଲି ସେ ଟୁଇଟ୍ କରିଛନ୍ତି। ଇତିମଧ୍ୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ଦିଲ୍ଲୀ ପୋଲିସ ସୋନିଆଙ୍କ ଘର ବାହାରେ ଏବଂ ଏଆଇସିସି ମୁଖ୍ୟାଳୟ ରାସ୍ତାରେ ବ୍ୟାରିକେଡ୍ କରିଛି। ଏହାର ରହସ୍ୟ କ'ଣ ବୋଲି ଜୟରାମ ରମେଶ ପ୍ରଶ୍ନ କରିଛନ୍ତି।




ଇଡି ପକ୍ଷରୁ ବୁଧବାର ସିଲ୍ କରାଯାଇଥିବା ୟଙ୍ଗ୍ ଇଣ୍ଡିଆ ଅଫିସ୍।

**ନ୍ୟାଶନାଲ ହେରାଲ୍ଡ ମାମଲା**

**ସୋନିଆଙ୍କ ଘର ଆଗରେ ପୋଲିସ ମୁତୟନ**

## ମଙ୍କିପକ୍ସ: କେନ୍ଦ୍ରର ଗାଇଡ୍‌ଲାଇନ୍

ନୂଆଦିଲ୍ଲୀ,୩।୮

ଦେଶରେ ବୃଦ୍ଧି ପାଉଥିବା ମଙ୍କିପକ୍ସ ସଂକ୍ରମଣ ନେଇ ବୁଧବାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ସଂକ୍ରମିତଙ୍କ ସଂସ୍ପର୍ଶରେ ବାରମ୍ବାର ଆସିବା ଦ୍ୱାରା ସଂକ୍ରମଣ ବ୍ୟାପିବା ଆଶଙ୍କା ଥିବା ମନ୍ତ୍ରଣାଳୟ କହିଛି। ସଂକ୍ରମିତ ସ୍ୱତନ୍ତ୍ର କୋଠରୀରେ ସଙ୍ଗରୋଧରେ ରଖିବା ଜରୁରୀ। ସାନିଟାଇଜର ଓ ସାବୁନରେ ହାତ ଧୋଇବା ଆବଶ୍ୟକ। ମାସ୍କ ପରିଧାନ ଜରୁରୀ ହୋଇଥିବା ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ କରାଯାଇଛି। ସଂକ୍ରମିତଙ୍କ ସହ ବେଡ୍ ଶେୟାର ନ କରିବା ସହ ତାଙ୍କ ଦ୍ୱାରା ବ୍ୟବହୃତ ଟାୱେଲ୍, କପଡ଼ା ବ୍ୟବହାର କରିବା ଦ୍ୱାରା ସଂକ୍ରମଣ ବ୍ୟାପିବାର ଆଶଙ୍କା ରହିଛି। ସେହିପରି ମଙ୍କିପକ୍ସରେ ଆକ୍ରାନ୍ତ ବ୍ୟକ୍ତିଙ୍କ ପୋଷାକ ଧୋଇବା ପାଇଁ ଲଣ୍ଡ୍ରିରେ ନ ଦେବା ସହ ସେମାନଙ୍କୁ କୌଣସି ସମାରୋହ ଓ ଗହଳି ସ୍ଥାନରୁ ଦୂରରେ ରଖିବା ଉଚିତ। ମଙ୍କିପକ୍ସ ସଂକ୍ରମିତ ଦେଶରୁ ଆସିଥିବା ବ୍ୟକ୍ତିଙ୍କ ପାଇଁ ସଙ୍ଗରୋଧ ବାଧ୍ୟତାମୂଳକ। ଅନ୍ୟପଟେ ଯଦି କୌଣସି ବ୍ୟକ୍ତିଙ୍କଠାରେ ଜ୍ୱର, ଗଣ୍ଠି ଫୁଲିବା, ଦୁର୍ବଳ ଲାଗିବା, ମୁଣ୍ଡବିନ୍ଧା ଭଳି ଲକ୍ଷଣ ଦେଖାଯାଏ ତେବେ ସେମାନଙ୍କୁ ସଙ୍ଗରୋଧରେ ରଖିବା ସହ ନମୁନା ପରୀକ୍ଷା କରିବା ଜରୁରୀ। ମଙ୍କିପକ୍ସ ସଂକ୍ରମଣ ସ୍ଥିତିର ତଦାରଖ ସାଙ୍ଗକୁ ସଂକ୍ରମଣ କିପରି ଭାବେ ରୋକାଯାଇ ପାରିବ ତାର ଅନୁଧ୍ୟାନ ପାଇଁ ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯାଇଛି।

## କେନ୍ଦ୍ର, ନୀତି ଆୟୋଗକୁ ପ୍ରସ୍ତାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩।୮

ନିର୍ବାଚନ ବେଳେ ଭୋଟରଙ୍କୁ ମାଗଣା ସାମଗ୍ରୀ ଓ ସୁବିଧା ବଣ୍ଟନର ପ୍ରତିଶ୍ରୁତି ନେଇ ଗମ୍ଭୀରତା ସହ ବିଚାର କରିବାକୁ ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ର ସରକାର, ନୀତି ଆୟୋଗ, ଅର୍ଥ କମିଶନ ଓ ରିଜର୍ଭ ବ୍ୟାଙ୍କକୁ ପରାମର୍ଶ ଦେଇଛନ୍ତି। ଏଥିସହ ଏହା ଉପରେ ସକାରାତ୍ମକ ପ୍ରସ୍ତାବ ଦେବାକୁ କହିଛନ୍ତି। ସିଜେଆଇ ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ କ୍ରିଷ୍ଣା ମୁରାରି ଏବଂ ହିମା କୋହିଲଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ପ୍ରସଙ୍ଗରେ ପଦକ୍ଷେପ ନେବା ଲାଗି ଏକ ବ୍ୟବସ୍ଥା ପ୍ରତିଷ୍ଠା କରାଯିବା ନେଇ ସଙ୍କେତ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ଏହାକୁ ନେଇ ଆମେ କିଛି କରିପାରିବୁ ନାହିଁ ବୋଲି ନିର୍ବାଚନ କମିଶନ ଓ ସରକାର କହିପାରିବେ ନାହିଁ। ମାଗଣା ପ୍ରତିଶ୍ରୁତି ପ୍ରସଙ୍ଗରେ ସେମାନଙ୍କୁ ବିଚାର କରି ପ୍ରସ୍ତାବ ଦେବାକୁ ପଡ଼ିବ।

**ନିର୍ବାଚନ ବେଳେ ମାଗଣା ସାମଗ୍ରୀ ପ୍ରତିଶ୍ରୁତି ପ୍ରସଙ୍ଗ**



# ଇଡି କ୍ଷମତାର ପୁନର୍ବିଚାର ହେଉ

ନୂଆଦିଲ୍ଲୀ,୩।୮

ସୁପ୍ରିମକୋର୍ଟ ସପ୍ତାହେ ତଳେ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅଖଣ୍ଡ କ୍ଷମତାକୁ ବଳବତ୍ତର ରଖିଥିବାବେଳେ ବୁଧବାର ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ଆପତ୍ତି ଉଠାଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱାଧୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସମେତ ୧୭ ବିରୋଧୀ ଦଳ ସୁପ୍ରିମକୋର୍ଟଙ୍କ ରାୟର ସମ୍ଭାବ୍ୟ ଦୀର୍ଘକାଳୀନ ପ୍ରଭାବ ଉପରେ ଚିନ୍ତା ବ୍ୟକ୍ତ କରିଛନ୍ତି। ଏଥିସହ ଉକ୍ତ ରାୟର ପୁନର୍ବିଚାର ଦାବି କରିଛନ୍ତି।

**ସୁପ୍ରିମକୋର୍ଟଙ୍କ 'ବିପଜ୍ଜନକ' ରାୟ କେନ୍ଦ୍ର ହାତମୁଠାକୁ ଟାଣ କରିବ: ବିରୋଧୀ**

ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଜାରି ଏକ ମିଳିତ ବିବୃତିରେ କୁହାଯାଇଛି, କେନ୍ଦ୍ର ସରକାର ବିରୋଧୀଙ୍କୁ ଟାର୍ଗେଟ କରିବା ପାଇଁ ରାଜନୈତିକ ପ୍ରତିଶୋଧ ନେଉଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ବିପଜ୍ଜନକ ରାୟ ଏପରି କାର୍ଯ୍ୟ କରିବା ଲାଗି କେନ୍ଦ୍ରର ହାତମୁଠାକୁ ଟାଣ କରିବ। ମନି ଲଣ୍ଡରିଂ ନିବାରଣ ଆଇନ, ୨୦୦୨ରେ ଅଣାଯାଇଥିବା ସଂଶୋଧନକୁ ଉଚିତ ସମୀକ୍ଷା ନ କରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ଉକ୍ତ ସଂଶୋଧନକୁ ଫାଇନାନ୍ସ ଆକ୍ଟ ଜରିଆରେ ଅଣାଯାଇଥିଲେ ଠିକ୍ ହୋଇଥାଆନ୍ତା। ଶୀର୍ଷ ଅଦାଲତଙ୍କ ପ୍ରତି ଆମର ଯଥେଷ୍ଟ ସମ୍ମାନ ରହିଛି ଓ ରହିବ। କିନ୍ତୁ ସାମ୍ବିଧାନିକ ଖଣ୍ଡପୀଠ ଦ୍ୱାରା ସଂଶୋଧନର ସମୀକ୍ଷା ପରେ ରାୟ ଦିଆଯାଇଥିଲେ ଉଚିତ ହୋଇଥାଆନ୍ତା ବୋଲି ବିରୋଧୀ ଦଳଗୁଡ଼ିକ ଏଥିରେ ଉଲ୍ଲେଖ କରିଛନ୍ତି। ବିବୃତିରେ ସ୍ୱାକ୍ଷରକାରୀଙ୍କ ମଧ୍ୟରେ ଟିଏମ୍‌ସି, ଏଏପି ସମେତ କଂଗ୍ରେସ, ଡିଏମ୍‌କେ, ଏନ୍‌ସିପି, ସମାଜବାଦୀ ପାର୍ଟି, ଶିବସେନା, ସିପିଆଇଏମ୍, ସିପିଆଇ, ଆଇୟୁଏମ୍‌ଏଲ୍, ଆର୍‌ଏସ୍‌ପି, ଏମ୍‌ଡିଏମ୍‌କେ ଏବଂ ଆର୍‌ଜେଡି ନେତା ରହିଛନ୍ତି। ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ, ଶରଦ ପାୱାର, ରାମଗୋପାଳ ଯାଦବ, ଡେରେକ୍ ଓ'ବ୍ରାଏନ୍, ଟି.ଆର୍. ବାଲୁ, ବିନୟ ବିଶ୍ୱମ୍, କପିଲ ସିବଲ ଓ ନାରାୟଣ ଦାସଗୁପ୍ତା ପ୍ରମୁଖଙ୍କ ଦସ୍ତଖତ ସମ୍ବଳିତ ଏହି ବିବୃତିକୁ କଂଗ୍ରେସ ନେତା ଜୟରାମ ରମେଶ ଟୁଇଟ୍ କରିଛନ୍ତି।

ପ୍ରକାଶ ଯେ, ପିଏମ୍‌ଏଲ୍‌ଏ ବଳରେ ଇଡି ପକ୍ଷରୁ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନ ବିରୋଧରେ କଂଗ୍ରେସ ନେତା କାର୍ତ୍ତି ଚିଦାମ୍ବରମ୍‌ଙ୍କ ସମେତ ଅନେକ ଆବେଦନକାରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଜୁଲାଇ ୨୭ରେ ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ସେମାନଙ୍କ ପିଟିଶନଗୁଡ଼ିକର ଶୁଣାଣି କରି ପିଏମ୍‌ଏଲ୍‌ଏ ଧାରା ୫, ୮(୪), ୧୫, ୧୭ ଓ ୧୯ ଭଳି କେତେକ ନିୟମର ସାମ୍ବିଧାନିକ ବୈଧତାକୁ ବଳବତ୍ତର ରଖିଥିଲେ। ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିପାରିବ। ତାଙ୍କ ଘର ତଲାସି ସହ ସମ୍ପତ୍ତି ମଧ ବାଜ୍ୟାପ୍ତ କରିପାରିବ ବୋଲି ଖଣ୍ଡପୀଠ ରାୟ ଦେଇଥିଲେ।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କ ସମସ୍ୟା ନେଇ ରାଷ୍ଟ୍ରପତିଙ୍କୁ ଚିଠି

**ସମ୍ବଲପୁର,୩।୮(ବ୍ୟୁରୋ):** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କୁଡାନାଲି ଗ୍ରାମର ରଞ୍ଜନ ରାଉତ ଓ ତାଙ୍କ ଭଉଣୀ ଅଦ୍ୟାଶା ପ୍ରିୟଦର୍ଶିନୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଚିଠି ଲେଖିଛନ୍ତି। ଅଞ୍ଚଳର ଛାତ୍ରୀଛାତ୍ରଙ୍କ ସମସ୍ୟା, ଖାଦ୍ୟ ଓ ସ୍ୱାସ୍ଥ୍ୟ ସମସ୍ୟା ନେଇ ସେମାନେ ଚିଠିରେ ଉଲ୍ଲେଖ କରିଛନ୍ତି। ଏଭଳି ସମସ୍ୟା ଯୋଗୁ ଅନେକ ପିଲାଙ୍କ ପାଠ ପଢାରେ ଡୋରି ଲାଗୁଛି। ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଅନୁରୋଧ କରିଛନ୍ତି।

### ମେଣ୍ଢାବାହାଲରେ ମାରପିଟ: ଜଣେ ମୃତ

**ଜମନକିରା,୩।୮(ଡି.ଏନ.ଏ.):** ଜମନକିରା ଥାନା ଗୌଡପଲି ଫାଣ୍ଡି ଅନ୍ତର୍ଗତ ମେଣ୍ଢାବାହାଲ ଗାଁରେ ମାରପିଟ ହୋଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାର୍ତ୍ତିକ ଖଡିଆ (୪୫)। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ରାତ୍ର ପ୍ରାୟ ସାଢ଼େ ୭ଟା ସମୟରେ ମେଣ୍ଢାବାହାଲ ଗ୍ରାମର ୩ଜଣ ବ୍ୟକ୍ତିଙ୍କ ସହ କାର୍ତ୍ତିକଙ୍କର କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସମ୍ପୃକ୍ତ ବ୍ୟକ୍ତିମାନେ କାର୍ତ୍ତିକଙ୍କୁ ମାଡ଼ ମାରି ଲହୁଲୁହାଣ କରିଦେଇଥିଲେ। ପରିବାର ଲୋକେ ତାଙ୍କୁ ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ହୋଇଛି। ପୋଲିସ ଏ ନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ତଦନ୍ତ ପରେ ହତ୍ୟାକାଣ୍ଡର କାରଣ ଜଣାପଡ଼ିବ ବୋଲି ଥାନା ଆଇଆଇସି ପ୍ରେମଜିତ ଦାସ ପ୍ରକାଶ କରିଛନ୍ତି।

### ବର୍ଷା ପାଇଁ ଲରିଆପାଲିରେ ଇନ୍ଦ୍ରପୂଜା

**କୁଚିଣ୍ଡା,୩।୮(ଡି.ଏନ.ଏ.):** ବାମରା ବ୍ଲକ ଲରିଆପାଲି ପଞ୍ଚାୟତରେ ବର୍ଷା ଅଭାବରୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଶ୍ରାବଣ ସରିବାକୁ ବସିଥିବା ବେଳେ ବିଲରେ ପାଣି ନ ଥିବାରୁ ଚାଷୀମାନେ ରୁଆ ବେଉଷଣ କାମ କରିପାରିନାହାନ୍ତି। ଇନ୍ଦ୍ରଦେବଙ୍କ ସନ୍ତୁଷ୍ଟି ପାଇଁ ବୁଧବାର ଲରିଆପାଲି ଗ୍ରାମରେ ସାମୂହିକ ଇନ୍ଦ୍ରପୂଜା କରାଯାଇଥିଲା। ଗ୍ରାମର ଗୌନ୍ତିଆ ଘନଶ୍ୟାମ ନାଏକ ଓ ତାଙ୍କ ସହଧର୍ମିଣୀ ଜୟନ୍ତୀ ନାଏକ କର୍ତ୍ତା ହୋଇଥିବା ବେଳେ ପୂଜକ ଭାବେ ପୀତାମ୍ବର ମିଶ୍ର ଓ ଦୀପକ ମିଶ୍ର ଦାୟିତ୍ୱ ତୁଲାଇଥିଲେ। ଏଥିରେ ଲରିଆପାଲି ଗ୍ରାମର ଡିଲେଶ୍ୱର ସାହୁ, ଲାଲମଣୀ ପୃଷେଠ, ପ୍ରଫୁଲ୍ଲ ପୃଷେଠଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

### ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ

**କୁଚିଣ୍ଡା,୩।୮(ଡି.ଏନ.ଏ.):** ବାମରା ବ୍ଲକ ଲରିଆପାଲିଠାରେ ବିଶ୍ୱ ସ୍ତନ୍ୟପାନ ସଚେତନତା ସପ୍ତାହ ପାଳନ କରାଯାଇଛି। ଅଙ୍ଗନୱାଡି କର୍ମୀ ଫୁଲମତୀ ବାଘଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ଲରିଆପାଲି ଓ ଆଖପାଖ ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଗର୍ଭବତୀ ଓ ପ୍ରସୂତି ମହିଳା ଯୋଗଦେଇଥିଲେ । ସିଡବ୍ଲ୍ୟୁଏସ୍‌ର କ୍ଷେତ୍ର ଅଧିକାରୀ ଅକ୍ଷୟ ସୁତାର ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ମିନା ବେହେରା, ଅନୁପମା ଲୁଗୁନ ଅତିଥି ଭାବେ ଯୋଗଦେଇ ମା' କ୍ଷୀରର ଉପକାରିତା, ନବଜାତ ଶିଶୁର ଖାଦ୍ୟ ଓ ଯତ୍ନ, କିଶୋରୀମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଉପରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଶେଷରେ ବିନିତା ଖଡ଼ିଆ ଧନ୍ୟବାଦ ପ୍ରଦାନ ଦେଇଥିଲେ।

### ଚୋରି ଘଟଣାରେ ୨ ଗିରଫ

**ଝାରସୁଗୁଡ଼ା ଅଫିସ,୩।୮:** ଝାରସୁଗୁଡା ଜିଲା ବଡମାଲ ଥାନା ବିଜୁ ପଟ୍ଟନାୟକ ଛକ ନିକଟରେ ଟାୱାର ଲାଇନ୍ କାମ ଚାଲିଥିବାବେଳେ କେହି ଦୁର୍ବୃତ୍ତ କପର ତାର ଚୋରି କରିନେଇଥିଲେ। ଏ ନେଇ ଠିକାସଂସ୍ଥାର ଇଞ୍ଜିନିୟର ଶିବବ୍ରତ ନାୟକ ବଡମାଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବଡମାଲ ଥାନା କେସ୍ ନଂ ୧୬୧/୨୨ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ପୋଲିସ୍ ଠିକାସଂସ୍ଥାର ୨ଜଣ ଶ୍ରମିକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଏମାନଙ୍କ ନିକଟରୁ ପୋଲିସ୍ ଚୋରି ତାର ଜବତ କରିଛି।

# ଋଣ କରାଇଦେବା ନାଁରେ ଠକେଇ

**ଝାରସୁଗୁଡ଼ା ଅଫିସ,୩।୮**

ଝାରସୁଗୁଡ଼ା ଜିଲା ଲଇକେରା ଥାନା ଓ କୋଲାବିରା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମର ଏସ୍‌ଏଚ୍‌ଜି ଗ୍ରୁପ୍ ସଦସ୍ୟାଙ୍କୁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ଋଣ କରାଇଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ ହୋଇଥିବା ପୋଲିସରେ ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ ଦମ୍ପତିଙ୍କୁ ପୋଲିସ ବୁଧବାର ସ୍ଥାନୀୟ ବଢେଇମୁଣ୍ଡାସ୍ଥିତ ଭଡ଼ାଘରୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସମ୍ବଲପୁର ଜିଲା କୁଚିଣ୍ଡା ମନ୍ଦିର ଛକର ଭୀମରାଜ ସୋନି (୪୦) ଓ ସ୍ତ୍ରୀ ସୁଜାତା ପଟେଲ (୩୫)। ଏମାନଙ୍କ ନିକଟରୁ ପୋଲିସ୍ ୨ ମୋବାଇଲ୍, ଆଧାରକାର୍ଡ, ଭୋଟରକାର୍ଡ, ବ୍ୟାଙ୍କ ପାସ୍‌ବୁକ୍, ନକଲି ଲୋନ ମଞ୍ଜୁରୀ ପତ୍ର, ନକଲି ପରିଚୟପତ୍ର ଆଦି ଜବତ କରିଛି। ଏସ୍‌ପି ରାହୁଲ ଜୈନ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏଥିରେ ଏସ୍‌ଡିପିଓ ନିର୍ମଳ ମହାପାତ୍ର, କୋଲାବିରା ଥାନା ଆଇଆଇସି ସୁକୁମାର ତ୍ରିପାଠୀ,



ଏସ୍‌ପିଙ୍କ ଖବରଦାତା ସମ୍ମିଳନୀରେ ଗିରଫ ଦମ୍ପତି।

ଲଇକେରା ଥାନା ଆଇଆଇସି ପ୍ରବୀର କେଶରୀ ତ୍ରିପାଠୀ, ଝାରସୁଗୁଡା ଟାଉନ ଥାନା ଆଇଆଇସି ସାବିତ୍ରୀ ବଳ ପ୍ରମୁଖ ଉପସ୍ଥିତ ଥିଲେ।

ଦୀର୍ଘ ୧ମାସ ହେଲା ସୁଜାତା ନିଜକୁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାର ଫିଲ୍ଡ ଅଫିସର୍ ପରିଚୟ ଦେଇ ଗାଁ ଗାଁ ବୁଲି ଏସ୍‌ଏଚ୍‌ଜି ଗ୍ରୁପ୍‌ର ସଦସ୍ୟାଙ୍କୁ ୧ପ୍ରତିଶତ ସୁଧରେ ଋଣ ଯୋଗାଇଦେବା ପାଇଁ ପ୍ରବର୍ତ୍ତାଉଥିଲେ। ୪୦ ହଜାର ଟଙ୍କା ଋଣ ପାଇଁ ୩୩୦ଟଙ୍କା ପ୍ରୋସେସିଂ ଫି ଓ ବୀମା ଦେୟପାଇଁ ୧,୫୫୦ଟଙ୍କା, ୮୦ହଜାର ଟଙ୍କା ଋଣ ପାଇଁ ୬୬୦ଟଙ୍କା ପ୍ରୋସେସିଂ ଫି ଓ ୩,୧୦୦ଟଙ୍କା ବୀମା ଦେୟ ଶତାଧିକ ମହିଳା ସଦସ୍ୟା ତଥା ଋଣଗ୍ରହୀତାଙ୍କ ନିକଟରୁ ଅସୁଲ କରିଥିଲେ। ସେମାନଙ୍କୁ ଋଣ ଯୋଗାଇଦେବା ପାଇଁ ବିଟିଏମ୍ ଛକକୁ ଡାକିଥିଲେ। ଋଣ ଗ୍ରହୀତା ମହିଳା ସଦସ୍ୟା ବିଟିଏମ୍ ଛକରେ ପହଞ୍ଚି ଫିଲ୍ଡ ଅଫିସର୍‌ଙ୍କୁ ଖୋଜିଥିଲେ। ସେଠାରେ ଏହି ସଂସ୍ଥାର କୌଣସି ଅଫିସ୍ ନ ଥିଲା କି ଫିଲ୍ଡ ଅଫିସର୍‌ଙ୍କ ଦେଖା ନ ଥିଲା। ମହିଳାମାନେ ତାଙ୍କୁ କଲ୍ କରିଥିଲେ ମଧ୍ୟ ଫୋନ୍ ସୁଇଚ୍ ଅଫ୍ ରହିଥିଲା। ପରେ ସେମାନେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। କୋଲାବିରା ଥାନା ସିରିଆପାଲି ଗ୍ରାମର ଦୀପିକା ସିଂହ ଓ ଲଇକେରା ଥାନା ଗୁଡିଗାଁ ଗ୍ରାମର ନଳୀନ ପଟେଲ ପୋଲିସ୍‌ରେ ପୃଥକ୍ ଅଭିଯୋଗ କରିଥିଲେ। ତଦନୁଯାୟୀ କୋଲାବିରା ଥାନାରେ କେସ୍ ନଂ୧୧୨/୨୨ ଓ ଲଇକେରା ଥାନାରେ କେସ୍ ନଂ୧୮୧/୨୨ରେ ମାମଲା ରୁଜୁ ହୋଇଥିଲା। ଏ ନେଇ ଏସ୍‌ପି ଜୈନଙ୍କ ନିର୍ଦ୍ଦେଶକ୍ରମେ ଲଇକେରା ଆଇଆଇସି ତ୍ରିପାଠୀ, କୋଲାବିରା ଆଇଆଇସି ତ୍ରିପାଠୀ, ଏସ୍‌ଆଇ ସନ୍ତୋଷ ପ୍ରଧାନ ଓ ଏଏସ୍‌ଆଇ ଅଞ୍ଜଳି ପାତ୍ରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ତଦନ୍ତ ପରେ

**ଦମ୍ପତି ଗିରଫ, ଜାଲ୍ କାଗଜପତ୍ର ଜବତ**

ଜଣାପଡିଥିଲା ଏହି ଠକେଇରେ କୁଚିଣ୍ଡାର ଦମ୍ପତି ସମ୍ପୃକ୍ତ ରହିଥିବାବେଳେ ସେମାନେ ଝାରସୁଗୁଡ଼ାର ବଢେଇମୁଣ୍ଡାରେ ଭଡାରେ ରହୁଛନ୍ତି। ପରେ ଝାରସୁଗୁଡା ଟାଉନ ଥାନା ପୋଲିସ ସହାୟତାରେ ଟିମ୍ ଭଡାଘରେ ଚଢାଉକରି ଦମ୍ପତିଙ୍କୁ ଗିରଫ କରିଥିଲା । ଭଡାଘରୁ ପୋଲିସ ବିଭିନ୍ନ ଜାଲ କାଗଜପତ୍ର ଜବତ କରିଥିଲା। ଗିରଫ ଦମ୍ପତିଙ୍କ ନାମରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଓ କାନଡା ବ୍ୟାଙ୍କରେ ଆକାଉଣ୍ଟ ରହିଛି। ଏଥିରେ ଲକ୍ଷାଧିକ ଟଙ୍କା ଜମା ରହିଥିବାବେଳେ ପୋଲିସ୍ ଏହି ଆକାଉଣ୍ଟକୁ ଅଚଳ କରିଦେଇଛି। ଏଭଳି ଠକେଇ ବେଲପାହାଡ଼ ଓ କୁଚିଣ୍ଡା ଅଞ୍ଚଳରେ ହୋଇଥିବାବେଳେ ଏହି ଦମ୍ପତିଙ୍କ ସମ୍ପୃକ୍ତି ରହିଛି ନା ନାହିଁ ତା'ର ତଦନ୍ତ ଚାଲିଛି ବୋଲି ଏସ୍‌ପି ଜୈନ କହିଛନ୍ତି।

## ଭାଗଚାଷୀ ଆତ୍ମହତ୍ୟା ଘଟଣାର ତଦନ୍ତ

**ସମ୍ବଲପୁର,୩।୮(ବ୍ୟୁରୋ)**

ସମ୍ବଲପୁର ଜିଲା ଶାସନ ଥାନା ଶେଷୁଆଁତଲ ଗ୍ରାମର ଭାଗଚାଷୀ ଗୋପାଲ କ୍ରିଷ୍ଣା କୀଟନାଶକ ଖାଇ ଚିକିତ୍ସାଧୀନ ଅବସ୍ଥାରେ ଭିମ୍‌ସାରରେ ମୃତ୍ୟୁବରଣ କରିଥିଲେ। ବୁଧବାର ଗୋପାଲଙ୍କ ପୁଅ ଜଗଦୀଶ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଜମି ମାଲିକ ଧାନ ବିକ୍ରି କରିଥିବା ୫ ଲକ୍ଷ ୧୦ ହଜାର ଟଙ୍କା ନ ଦେବାରୁ ଚିନ୍ତାରେ ଆତ୍ମହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଜମି ମାଲିକ ଫେରାର ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ଏହି ଘଟଣାର ପ୍ରଶାସନିକ ତଦନ୍ତ ମଧ୍ୟ ଆରମ୍ଭ ହୋଇଛି। ସଦର ଉପଜିଲାପାଳ ପ୍ରଭାସ ଡନସେନା, ମାନେଶ୍ୱର ବିଡିଓ ନୀଳାମ୍ବର ମହାନନ୍ଦ, ମାନେଶ୍ୱର ତହସିଲଦାର ଅଜୟ ତିୱାରୀ ପ୍ରମୁଖ ଚାଷୀ ଗୋପାଲଙ୍କ ଘରକୁ ଯାଇ ପାରିବାର ବର୍ଗଙ୍କ ସହ ଆଲୋଚନା କରି ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ଅନ୍ୟପଟେ ଚାଷୀ ସଂଗଠନର ଆଶୋକ ପ୍ରଧାନ, ଦେବେନ୍ଦ୍ର ପଧାନଙ୍କ ସମେତ ଏକ ପ୍ରତିନିଧି ଦଳ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ପ୍ରସନ୍ନ ପଣ୍ଡାଙ୍କ ଗାଁରୁ ଅଭିଯାନ ଆରମ୍ଭ

**ବ୍ଲକ୍ ବିଭାଜନ, ସବ୍‌ଡିଭିଜନ ମାନ୍ୟତା ଦାବି ପ୍ରସଙ୍ଗ**

**ଝାରସୁଗୁଡ଼ା ଅଫିସ,୩।୮**

ଭୌଗଳିକ ଓ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ଜିଲାର ଲଖନପୁର ବ୍ଲକ୍‌କୁ ବିଭାଜନ ସହ ସବ୍‌ଡିଭିଜନ ମାନ୍ୟତା ଦାବି ହୋଇଆସୁଛି। ଏ ନେଇ ଲଖନପୁର ବ୍ଲକ୍ ନାଗରିକ ପରିଷଦ ତରଫରୁ ଆନ୍ଦୋଳନ ଜାରି ରହିଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ନାଗରିକ ପରିଷଦ ବୁଧବାର ସଂଗ୍ରାମୀ ନେତା ପୂର୍ବତନ ବିଧାୟକ ସ୍ୱର୍ଗତ ପ୍ରସନ୍ନ ପଣ୍ଡାଙ୍କ ଜନ୍ମଭୂମି ଅଡାପଡା ଗ୍ରାମରୁ ଗାଁରୁ ଗାଁ ବାର୍ତ୍ତା ପ୍ରଚାର ଅଭିଯାନ ଆରମ୍ଭ କରିଛି। ପରିଷଦର ସଦସ୍ୟମାନେ ସଂଗ୍ରାମୀ ନେତା ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣକରି କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ।

କୁଶ୍ରାଲୋଇ ସରପଞ୍ଚ ତଥା ପରିଷଦ ସଦସ୍ୟ ରଘୁମଣି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆବାହକ ପୀତାମ୍ବର ମିଶ୍ର, ରଘୁନନ୍ଦନ ପଣ୍ଡା, ସଞ୍ଜୟ ପଟେଲ, ଦୟାସାଗର ବଡେଇ, ରଞ୍ଜନ ଭୋଇ, ସେନାପତି ପ୍ରଧାନ, ବିଜୟ ସେଠ୍, ଶ୍ରୀକାନ୍ତ ଭୋଇ, ଭାଗୀରଥି ପ୍ରଧାନ ପ୍ରମୁଖ ଉପସ୍ଥିତ ଅଭିଯାନକୁ ସଫଳ କରିବାପାଇଁ ଗ୍ରାମବାସୀଙ୍କ ସହଯୋଗ କାମନା କରିଥିଲେ । ଜନପ୍ରତିନିଧିଙ୍କୁ ଏଥିରେ ସାମିଲ କରିବାକୁ ନିଷ୍ପତ୍ତି ହୋଇଛି। ଏ ନେଇ ଆସନ୍ତା ୯ତାରିଖ କ୍ରାନ୍ତି ଦିବସ ଅବସରରେ ଲଖନପୁର ପଞ୍ଚାୟତ ରାଜୀବ ଭବନ ପରିସରରେ ଏକ ବୈଠକ ଆହ୍ୱାନ କରାଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧିଙ୍କ ସମେତ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# କାର୍ଯ୍ୟକାରୀ ହେଉନି ୧୪୪ ଧାରା



ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

**କୁଚିଣ୍ଡା,୩।୮(ଡି.ଏନ.ଏ.)**

ଗୁଲୁଜିପାଲି ଗ୍ରାମର ୪ଏକର ସଂରକ୍ଷିତ ପତ୍ରାଜଙ୍ଗଲ କିସମ ଜମି ଉପରେ ଜାରି ହୋଇଥିବା ୧୪୪ଧାରାକୁ କାର୍ଯ୍ୟକାରୀ ନିମନ୍ତେ ବୁଧବାର ଜମନକିରା ବ୍ଲକ ଗୁଣ୍ଡୁରୁଚୁଆଁ ପଞ୍ଚାୟତ କତରକେଲା ଗ୍ରାମବାସୀ କୁଚିଣ୍ଡା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗୋଚାରଣ ନିମନ୍ତେ ସଂରକ୍ଷିତ ଥିବା ଏହି ପତ୍ରାଜଙ୍ଗଲ କିସମ ଜମିକୁ ଜଣେ ବ୍ୟକ୍ତି ଜେସିବି ଲଗାଇ ସମତଳ କରିଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଗତ ଜୁନ ୬ତାରିଖରେ ଜମନକିରା ତହସିଲଦାରଙ୍କୁ

**ଜବରଦଖଲ ଉଚ୍ଛେଦ ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର**

ଅଭିଯୋଗ କରିଥିଲେ। ତହସିଲଦାର ଗୁଣ୍ଡୁରୁଚୁଆଁ ଆର୍‌ଆଇଙ୍କ ମାଧ୍ୟମରେ ତଦନ୍ତ କରି ଜବରଦଖଲ ଉଚ୍ଛେଦ ନିମନ୍ତେ କୁଚିଣ୍ଡା ଉପଜିଲାପାଳଙ୍କୁ ରିପୋର୍ଟ କରିଥିଲେ। କତରକେଲା ଗ୍ରାମବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ଏହି ଜମିରେ ଅପରାଧିକ ମିସ କେସ୍ ନଂ୧୮୪/୨୦୨୨ ଅନୁଯାୟୀ ୧୪୪ଧାରା ଜାରିକରି ତହସିଲଦାର ଓ କୁଚିଣ୍ଡା ପୋଲିସକୁ ଏହାର କାର୍ଯ୍ୟକାରିତା ପାଇଁ ମେମୋ ନଂ୩୫୯୭, ଜୁଲାଇ ୭ରେ ଆଦେଶ କରିଥିଲେ। ମାତ୍ର ଏ ପର୍ଯ୍ୟନ୍ତ ପ୍ରଶାସନ ସମ୍ପୃକ୍ତ ଜବରଦଖଲକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ କିମ୍ବା ଏହି ଜମି ଉପରେ ୧୪୪ ଧାରା କାର୍ଯ୍ୟକାରୀ ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦାବିପତ୍ର ଦେବା ସମୟରେ କତରକେଲା ଗ୍ରାମ୍ୟ କମିଟି ସଭାପତି ଦୁର୍ଗା ଚରଣ ଭୋଇ, ଉପସଭାପତି ଚନ୍ଦ୍ରମଣି ଭୋଇ, ସମ୍ପାଦକ ମହେନ୍ଦ୍ର ମୁଣ୍ଡା, ଦୀନେଶ ପଧାନ, ସୁରଜ ସାହୁ, କଷ୍ଟୁ ମାଝି, ଭାଗରଥି ପଧାନ, ଅମଜାଦ ଖାନ, ଜଗଦୀଶ କଠାରଙ୍କ ସମେତ ଶତାଧିକ ଗ୍ରମବାସୀ ଉପସ୍ଥିତ ଥିଲେ।

# ୪ କର୍ମଚାରୀଙ୍କୁ ପୋଲିସର ଜେରା

**ଏସ୍‌ୟୁ କର୍ମଚାରୀ ଦିନବନ୍ଧୁ ଆତ୍ମାହୁତି ଘଟଣା**

**ସମ୍ବଲପୁର,୩।୮(ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ)ର ଚତୁର୍ଥ ଶ୍ରେଣୀ କର୍ମଚାରୀ ଦିନବନ୍ଧୁ ମିଶ୍ରଙ୍କ ଆତ୍ମାହୁତି ଘଟଣାରେ ସାକ୍ଷୀମାନଙ୍କୁ ଭୟଭୀତ କରିବା, ପ୍ରଲୋଭନ ଦେଖାଇ ବୟାନ ବଦଳାଇବାକୁ ଚେଷ୍ଟା କରିବା, ପ୍ରମାଣ ନଷ୍ଟ ଭଳି ସମସ୍ୟା ନେଇ ପ୍ରଫେସର ଅଦିତ୍ୟ ପ୍ରସାଦ ପାଢୀ ରାଜ୍ୟ ମାନବାଧିକାର କମିଶନରେ ଅଭିଯୋଗ କରିଥିଲେ। କମିଶନଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି ତଦନ୍ତ ସମୟରେ ବିଭିନ୍ନ ବିଭାଗର ୪ଜଣ କର୍ମଚାରୀଙ୍କୁ ଜେରା କରିଛନ୍ତି। ଓଏଚ୍‌ଆର୍‌ସି ପକ୍ଷରୁ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧରଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

ଏସ୍‌ପି ଗଙ୍ଗାଧର କହିଛନ୍ତି, ଓଏଚ୍‌ଆର୍‌ସି ନିର୍ଦ୍ଦେଶ କ୍ରମେ ତଦନ୍ତ କରାଯାଉଛି। ତଦନ୍ତ ରିପୋର୍ଟ ୩ଦିନ ଭିତରେ ଓଏଚ୍‌ଆର୍‌ସିଙ୍କ ପାଖରେ ଦାଖଲ କରାଯିବ। ଏସ୍‌ୟୁ ରେଜିଷ୍ଟ୍ରାର ନୃପରାଜ ସାହୁ କହିଛନ୍ତି, ମାନବାଧିକାର କମିଶନ ଓ ପୋଲିସ ଆସି ତଦନ୍ତ କରିଛନ୍ତି। ବିଭିନ୍ନ ବିଭାଗକୁ ଯାଇ ରିପୋର୍ଟ ସଂଗ୍ରହ କରିଛନ୍ତି। ହେଲେ ଏସ୍‌ୟୁ କର୍ତ୍ତୃପକ୍ଷଙ୍କୁ କୌଣସି ସୂଚନା ଦିଆଯାଇ ନାହିଁ ବୋଲି କହିଥିଲେ। ସୂଚନାଯୋଗ୍ୟ ଏସୟୁରେ କମ୍ପ୍ୟୁଟର ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀ ଦିନବନ୍ଧୁ ମିଶ୍ର (୫୦) ୨୭ବର୍ଷ କାମ କରିବା ପରେ ସ୍ଥାୟୀ ହୋଇ ନ ଥିଲେ। ପରେ ସେ ୨୦୨୧ ଏପ୍ରିଲ ୨୦ରେ ଏସ୍‌ୟୁ ପ୍ରଶାସନିକ କୋଠା ସମ୍ମୁଖରେ ଆତ୍ମାହୁତି ଦେଇଥିଲେ। ମାନସିକ ଚାପ ଓ ଆର୍ଥିକ ଅନଟନ ଯୋଗୁ ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଦିନବନ୍ଧୁଙ୍କ ପାଖରୁ ଏକ ସୁଇସାଇଡ ନୋଟ୍ ମଧ୍ୟ ମିଳିଥିଲା, ଯେଉଁଥିରେ କୁଳପତି ସଞ୍ଜୀବ ମିତ୍ତଲ ଓ ଅନ୍ୟ ୩ଜଣ କର୍ମଚାରୀଙ୍କୁ ଦାୟୀ କରାଯାଇଥିଲା। ଏବେ ବୁର୍ଲା ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ହେଲେ ପରିବାର ବର୍ଗଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି ହୋଇଆସୁଛି।

## ମହାନଗର ବସ୍ତି ବାସିନ୍ଦା ସଂଘ ପକ୍ଷରୁ କର୍ମଶାଳା

**ସମ୍ବଲପୁର,୩।୮(ବ୍ୟୁରୋ)**

ସମ୍ବଲପୁର ମହାନଗର ବସ୍ତି ବାସିନ୍ଦା ମହାସଂଘ ଅୟୋଜନରେ ଏକ କର୍ମଶାଳା ବୁଧବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସଭାପତି ତଥା ସମ୍ବଲପୁର ବସ୍ତି ବାସିନ୍ଦା ମହାସଂଘ ସଭାପତି ଇଂ. ସିଦ୍ଧାର୍ଥ ଦାସ ସଭାପତିତ୍ୱ କରି ମନ୍ଦଲିଆ ଅଞ୍ଚଳରେ ନୂଆ ରାଜଘାଟ ନିମନ୍ତେ ବିସ୍ଥାପିତ ହେଉଥିବା ପରିବାରଙ୍କ ଥଇଥାନ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିସହ ପାନୀୟ ଜଳର ସୁଷମ ବ୍ୟବସ୍ଥା ପାଇଁ ପିଏଚଡି ତଥା ସମ୍ବଲପୁର ମହାନଗର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏଥିରେ ମହାସଂଘ ଉପସଭାପତି ଲିଙ୍ଗରାଜ ତ୍ରିପାଠୀ, ସାଧାରଣ ସମ୍ପାଦକ ଆଶିଷ ମହାନନ୍ଦ, ରାଜ୍ୟ ବିଜୁ ମହିଳା ଜନତା ଦଳର ଉପସଭାନେତ୍ରୀ ଉଷା ପ୍ରଧାନ, ସିପ୍ରା ମହାନ୍ତି, ବରିଷ୍ଠ ବିଜେଡି ନେତା ତଥା ଜିଲା ବିଜେଡି ଉପସଭାପତି କୁମାରଚାନ୍ଦ ରାଉତ, ରାଜ୍ୟ ବିଜେଡି ଯୁବ ସମ୍ପାଦକ ଇଂ. ଦିଲୀପ ଦୁରିଆ, ମହାସଂଘର ଆଇନ ପରାମର୍ଶଦାତା ପ୍ରିୟଦର୍ଶୀ ଅମିତାଭ ଷଡଙ୍ଗୀ, ଜିଲା ବିଜେଡି ସମ୍ପାଦକ ଶିଶିର ରଞ୍ଜନ ମହାନ୍ତି, ମହାନଗର ସ୍ୱୟଂ ସହାୟିକା ଗୋଷ୍ଠୀ ସମନ୍ୱୟ ସମିତିର ସାଧାରଣ ସମ୍ପାଦିକା ମିତାଲି ସାହୁ, ମହିଳା ବିଜେଡି ସାଧାରଣ ସମ୍ପାଦିକା ସୁବର୍ଣ୍ଣ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ ।




# ଶୀଘ୍ର ସମ୍ପୂର୍ଣ୍ଣ ହେବ ଟର୍ଫ ବିଛା

**ଝୁଝୁମୁରା ହକି ଷ୍ଟାଡିୟମ**

**ସମ୍ବଲପୁର,୩।୮(ବ୍ୟୁରୋ)**

ସମ୍ବଲପୁର ଜିଲା ଝୁଝୁମୁରା ହକି ଷ୍ଟାଡିୟମରେ ଟର୍ଫ ବିଛା କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅଗଷ୍ଟ ଶେଷସୁଦ୍ଧା କାମ ଶେଷ କରି ପ୍ରଶାସନକୁ ହସ୍ତାନ୍ତର କରିବାକୁ ଠିକା ସଂସ୍ଥାକୁ ଇଡ୍‌କୋ ପକ୍ଷରୁ ତାଗିଦ କରାଯାଇଛି। ଅତ୍ୟାଧୁନିକ ମେଶିନ ବ୍ୟବହାର କରାଯାଇ କାମ ତ୍ୱରାନ୍ୱିତ କରାଯାଉଛି। ହେଲେ ଗ୍ୟାଲେରି କାମ ନେଇଥିବା ଠିକାସଂସ୍ଥା ପ୍ରାୟ ୨ବର୍ଷ ହେବ କାମ ବନ୍ଦ କରିଦେଇଛି। ତେଣୁ ଗ୍ୟାଲେରି କାମ ଶେଷ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଜିଲା କ୍ରୀଡା ବିଭାଗ ଅଧୀନରେ ହେଉଥିବା କାମ ଶୀଘ୍ର ସମ୍ପୂର୍ଣ୍ଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀଙ୍କଠାରୁ ସୂଚନା ମିଳିଛି। ସୂଚନାଯୋଗ୍ୟ ଝୁଝୁମୁରା ଅଞ୍ଚଳରେ ଜାତୀୟ ସ୍ତରରେ ଖେଳିଥିବା ହକି ଖେଳାଳି ରହିଛନ୍ତି। ଯୁବବର୍ଗ ମଧ୍ୟ ଏହି ଖେଳ ପ୍ରତି ଆକୃଷ୍ଟ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏଠାରେ ଏକ ଷ୍ଟାଡିୟମ ନିର୍ମାଣ ପାଇଁ ଦାବି ହୋଇଆସୁଥିଲା। ୨୦୧୮ରେ ଓଡ଼ିଶାରେ ହକି ବିଶ୍ୱକପ ହେଉଥିବା ସମୟରେ କଳିଙ୍ଗ ଷ୍ଟାଡିୟମରେ ଲାଗିଥିବା ଟର୍ଫ ପରିବର୍ତ୍ତନ ହୋଇଥିଲା। ଏହି ଟର୍ଫକୁ ଝୁଝୁମୁରାଠାରେ ହକି ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଅଣାଯାଇଥିଲା। ଷ୍ଟାଡିୟମ ନିର୍ମାଣ ପାଇଁ ୩ କୋଟି ୬୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଥିଲା। ହେଲେ ୪ବର୍ଷ ବିତିଯାଇଥିଲେ ମଧ୍ୟ କାମ ଅସମ୍ପୂର୍ଣ୍ଣ ରହିଛି। ପୁରୁଣା ବଦଳରେ ନୂତନ ଟର୍ଫ ବିଛାଇବା ପାଇଁ ସ୍ଥାନୀୟ ଲୋକେ ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କଠାରେ ଅଭିଯୋଗ କରିଥିଲେ। ନୂଆ ଟର୍ଫ ବିଛାଯାଉଥିଲେ ବି ଗ୍ୟାଲେରି କାମ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଦାବି ହେଉଛି।



ଝୁଝୁମୁରା ହକି ଷ୍ଟାଡିୟମରେ ଟର୍ଫ ବିଛାବା ପାଇଁ କାମ ଚାଲିଛି ।

# ଆଜି ରେଢ଼ାଖୋଲ ବନ୍ଦ ଡାକରା

**୫୫ନଂ ଜାତୀୟ ରାଜପଥ ମରାମତି ପ୍ରସଙ୍ଗ**

■ ଏନ୍‌ଏଚ୍ ଅବରୋଧ କରିବ ନାଗରିକ କମିଟି

**ରେଢ଼ାଖୋଲ,୩।୮(ଡି.ଏନ.ଏ.)**

ସମ୍ବଲପୁର-କଟକ ୫୫ନଂ ଜାତୀୟ ରାଜପଥ ରେଢ଼ାଖୋଲ ଦେଇ ଅତିକ୍ରମ କରିଥିବାବେଳେ ନିର୍ମାଣାଧୀନ ଚାରିଥାକିଆ ରାସ୍ତା ମରଣଯନ୍ତା ପାଲଟିଛି। ଏଥିଯୋଗୁ ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଛି। ରାସ୍ତା କାମ କରୁଥିବା ଠିକାଦାର ପ୍ରାୟ ୮ମାସ ହେଲା କାମ ବନ୍ଦ କରିବା ସହ ଯନ୍ତ୍ରାଂଶ ନେଇ ଫେରାର ହୋଇଯାଇଛନ୍ତି। ଫଳରେ ରାସ୍ତାକାର୍ଯ୍ୟ ସମ୍ପୂର୍ଣ୍ଣ ହେବାନେଇ ଆଶଙ୍କା ପ୍ରକାଶ ପାଇଛି।

ଗତ ଜୁଲାଇରେ ରେଢ଼ାଖୋଲ ନାଗରିକ କମିଟି ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରି ତୁରନ୍ତ ରାଜପଥ ମରାମତି କରିବାକୁ ଦାବି କରିଥିଲା। ଏପରି କି ମରାମତି କାମ ନ ହେଲେ ୨୮ ଜୁନରେ ଜାତୀୟ ରାଜପଥ ଅବରୋଧ କରିବାକୁ ଚେତାବନୀ ଦେଇଥିଲା। ଏପରିସ୍ଥଳେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଉପଜିଲାପାଳ ପବିତ୍ର ବେହେରା, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ଓକିଲସଂଘ ସଭାପତି ଅଭୟ କୁମାର ବୀରଙ୍କ ଉପସ୍ଥିତିରେ ଥାନା ପରିସରରେ ନାଗରିକ କମିଟି ସହ ଆଲୋଚନା କରିଥିଲେ। ଜୁଲାଇ ୩୧ ସୁଦ୍ଧା ବାମୁରଠାରୁ ରେଢ଼ାଖୋଲ ସହର ଦେଇ ସମ୍ବଲପୁର ପର୍ଯ୍ୟନ୍ତ ଆବଶ୍ୟକ ମରାମତି କାର୍ଯ୍ୟ କରାଯିବ ବୋଲି ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଉପଜିଲାପାଳଙ୍କୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକ ଆନ୍ଦୋଳନକୁ ନାଗରିକ କମିଟି ସ୍ଥଗିତ ରଖିଥିଲା। ହେଲେ ପ୍ରତିଶ୍ରୁତି ପାଳନ କରି ନ ଥିବାରୁ ନାଗରିକ କମିଟି ଗୁରୁବାର ରେଢ଼ାଖୋଲ ବନ୍ଦ ଡାକରା ଦେବା ସହ ଭୀମ ଭୋଇ ଛକରେ ୫୫ନଂ ଜାତୀୟ ରାଜପଥ ଅବରୋଧ କରିବ ବୋଲି ଚେତାବନୀ ଦେଇଛି। ଏହି ମର୍ମରେ କମିଟି ବୁଧବାର ଉପଜିଲାପାଳ ପବିତ୍ର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସହରର ସମସ୍ତ ଦୋକାନବଜାର ବନ୍ଦ ରଖିବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ବନ୍ଦ ଡାକରା ଦିଆଯିବା ପରେ ଅପରାହ୍ନରେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ରେଢ଼ାଖୋଲ ଉପଜିଲାପାଳଙ୍କ ସହ ଆଲୋଚନା କରି ପୁଣି ନାଗରିକ କମିଟିର ପ୍ରତିନିଧି ଦଳଙ୍କ ସହ ବ୍ଲକ ସଭାଗୃହଠାରେ ଆଲୋଚନା କରିଥିଲେ। ହେଲେ ପୂର୍ବରୁ ପ୍ରତିଶ୍ରୁତି ପାଳନ କରି ନ ଥିବାରୁ ନାଗରିକ କମିଟି ଆନ୍ଦୋଳନ ନିଷ୍ପତ୍ତିରୁ ଓହରିବ ନାହିଁ ବୋଲି ରୋକଠୋକ ଶୁଣାଇଛି। କୌଣସି ଅପ୍ରୀତିକର ପରିସ୍ଥିତି ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଶ୍ରମିକ ନେତା ଅନାଦି ସାହୁ, ପୂର୍ବତନ କାଉନସିଲର ରାଜୀବ ଲୋଚନ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ସୁରେନ୍ଦ୍ର ବିଶ୍ୱାଳ, ଓକିଲ ସଂଘ ସମ୍ପାଦକ ଉମାକାନ୍ତ ମହାନନ୍ଦଙ୍କ ସମେତ ନାଗରିକ କମିଟିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ନାଗରିକ କମିଟି କର୍ମକର୍ତ୍ତା।

**ଶେୟାର ବଜାରରେ ଉତ୍ସାହ**

ନୂଆଦିଲ୍ଲୀ: କ୍ରମାଗତ ୬ଷ୍ଠ କାର୍ଯ୍ୟଦିବସରେ ମଧ ଦଲାଲ ଷ୍ଟ୍ରିଟ୍‌ର ଶେୟାର ଭଲ ରହିଛି। ଫଳରେ ଏହାର ନିବେଶକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ବିଶେଷକରି ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଅପ୍ରୀତିକର ଘଟଣା ଲାଗି ରହିଥିବାବେଳେ ଭାରତୀୟ ଶେୟାର ବଜାର ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସରେ ମଧ ସବୁଜ ରଙ୍ଗରେ କାରବାର ବନ୍ଦ କରିଛି। ବୁଧବାର ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ପ୍ରାୟ ୧% ଶେୟାର ବୃଦ୍ଧି ଘଟିଥିବା ସୂଚନା ମିଳିଛି। ଫଳରେ ସେନ୍‌ସେକ୍ସ ୨୧୪ (୨୧୪.୧୭) ପଏଣ୍ଟ ବୃଦ୍ଧି ଘଟି ୫୮,୩୫୧(୫୮,୩୫୦.୫୩) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ୪୩ (୪୨.୭୦) ପଏଣ୍ଟ ବଢ଼ି ୧୭,୩୮୮ (୧୭,୩୮୮.୧୫) ଅଙ୍କରେ କାରବାର ଶେଷ କରିଥିବା ସୂଚନା ମିଳିଛି।

# ମାଲାବାର ପକ୍ଷରୁ ଛାତ୍ରୀ ବୃତ୍ତି ପ୍ରଦାନ

ଭୁବନେଶ୍ୱର,୩।୮

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଓଡ଼ିଶା ୟୁନିଟ୍ (ଭୁବନେଶ୍ୱର)ର ଶହୀଦନଗର ଷ୍ଟୋର ପକ୍ଷରୁ ସ୍ଥାନୀୟ ୟୁନିଟ୍-୧, କମଳା ନେହେରୁ ମହିଳା ମହାବିଦ୍ୟାଳୟ (କେଏନ୍‌ଡବ୍ଲ୍ୟୁସି)ର କ୍ୟାମ୍ପସ ପରିସରରେ ବୁଧବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ର ମେୟର ସୁଲୋଚନା ଦାସ, ମଧ ବିଧାୟକ ଅନନ୍ତ ନାରାୟଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଏମ୍‌ସିର କର୍ପୋରେଟର ରାଜକିଶୋର ଦାସ, ଆସିଆ ବେଗମ, କମଳା ନେହେରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଶାନ୍ତ କୁମାର ପଟ୍ଟନାୟକ ଏବଂ ମାଲାବାର ଶହୀଦନଗର ଷ୍ଟୋର ହେଡ୍ ମିଃ.ଅସ୍‌ନାଫ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ମାଲାବାରର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ମୋଟ ୨୧୫ଜଣ ଛାତ୍ରୀଙ୍କୁ ୧୭,୬୪,୦୦୦ ଟଙ୍କାର ଛାତ୍ର ବୃତ୍ତି ପ୍ରଦାନ କରାଯାଇଥିଲା। ବିଶେଷ କରି ଏହି ବୃତ୍ତି ଯୋଗ୍ୟ ଛାତ୍ରୀମାନଙ୍କୁ ଉଚ୍ଚତର ଶିକ୍ଷା ପାଇଁ ବେଶ୍ ସହାୟକ ହେବ। ଏହା ଜରିଆରେ ବାର୍ଷିକ ୬ରୁ ୧୦ ହଜାର ଲେଖାଏଁ ଟଙ୍କା ପ୍ରତି ବର୍ଷ କିଛି ସ୍ୱତନ୍ତ୍ର ନିୟମାବଳୀ ଅନୁସାରେ ଛାତ୍ରୀମାନଙ୍କୁ ପ୍ରଦାନ କରାଯିବ। ଅପରପକ୍ଷରେ ମାଲାବାର ଗ୍ରୁପ୍ ତା'ର ବ୍ୟବସାୟର ୫% ଲାଭାଂଶ ସମାଜ ମଙ୍ଗଳ କାର୍ଯ୍ୟରେ ବିନିଯୋଗ କରିଥାଏ। ବିଶେଷକରି ଗୃହନିର୍ମାଣ, ସ୍ୱାସ୍ଥ୍ୟସେବା, ପରିବେଶ ସମ୍ପର୍କିତ କାର୍ଯ୍ୟକ୍ରମ, ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ଏବଂ ମହିଳା ସଶକ୍ତୀକରଣ ଭଳି ପ୍ରମୁଖ କ୍ଷେତ୍ରରେ ମାଲାବାର ତା'ର ସିଏସ୍‌ଆର୍ କାର୍ଯ୍ୟକ୍ରମ ବିଗତ ୨୦ବର୍ଷ ହେବ ଜାରି ରଖିଛି। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ପ୍ରତିଷ୍ଠାନ ଉଭୟ ସମାଜ ମଙ୍ଗଳ ଓ ଲୋକ ସମ୍ପର୍କ ବୃଦ୍ଧି କରିପାରୁଛି ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏଥିରେ ଉଭୟ ମାଲାବାର ଏବଂ କମଳା ନେହେରୁ ମହାବିଦ୍ୟାଳୟର ସବୁ ବର୍ଗର କର୍ମଚାରୀ ଏବଂ ଛାତ୍ରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଷ୍ଟୋରର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ସିଦ୍ଧେଶ୍ୱର ରଥ ଓ ଅନ୍ୟମାନେ ପରିଚାଳନା କରିଥିଲେ।




**କେଏନ୍‌ଡବ୍ଲ୍ୟୁସିର ୨୧୫ ଛାତ୍ରୀଙ୍କୁ ୧୪.୭୦ ଲକ୍ଷ ଟଙ୍କାର ବୃତ୍ତି ପ୍ରମାଣପତ୍ର ବଣ୍ଟନ କରାଯାଉଛି**

# ଆସସ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୩।୮

ଆସସ୍ ଇଣ୍ଡିଆ, ରିପବ୍ଲିକ୍ ଅଫ୍ ଗେମର୍ସ (ରଗ୍) ପକ୍ଷରୁ ରଗ୍ ଜିଫାଇରସ୍ ଡୁଓ୧୬, ଜିଫାଇରସ୍ ଜି୧୪ ଓ ଫ୍ଲୋ ଏକ୍ସ୧୬ ସମେତ ପାୱାର ଓ ଅପ୍‌ଗ୍ରେଡେଡ୍ ପର୍‌ଫର୍ମାନ୍ସ ସହ ସୁସଜ୍ଜିତ ଜିଫାଇରସ୍ ଜି୧୫ ଓ ଫ୍ଲୋ ଏକ୍ସ୧୩ର ନୂଆ ଏଡିଶନର ଶୁଭାରମ୍ଭ କରାଯାଇଛି। ଏହା ବେଶ୍ ଶକ୍ତିଶାଳୀ ଗେମିଙ୍ଗ୍ ଅନୁଭୂତି ପ୍ରଦାନ କରିବା ପାଇଁ ଏଏମ୍‌ଡି ରାଇଜେନ୍ ୬୦୦୦ସିରିଜ୍ ମୋବାଇଲ ପ୍ରୋସେସର ସହ ଏକ ଏମ୍‌ୟୁଏକ୍ସ ସ୍ୱିଚ୍ ରହିଛି। କମ୍ପାକ୍ଟ ଇଜ୍ ଦ ନ୍ୟୁ ଇମ୍ପାକ୍ଟର ଦର୍ଶନକୁ ଅନୁବାଦିତ କରି ଏହି ନୂଆ ଗେମିଙ୍ଗ୍ ଶୃଙ୍ଖଳା ଓ ଅଭିଜ୍ଞତାକୁ ବୃଦ୍ଧି କରି ଗେମରଙ୍କୁ ବିବିଧତା ପ୍ରଦାନ କରୁଛି। ଅପରପକ୍ଷରେ ଆସସ୍ ରଗ୍ ପକ୍ଷରୁ ହାସ୍‌ଟ୍ୟାଗ୍ ବିୟୁଣ୍ଡିଥିରଗ୍ କ୍ୟାମ୍ପେନ୍‌ର ଶୁଭାରମ୍ଭ ମଧ କରାଯାଇଛି। ଆସସ୍ ଇଣ୍ଡିଆର ସିଷ୍ଟମ ବିଜ୍‌ନେସ୍ ଗ୍ରୁପ୍‌ର କଞ୍ଜ୍ୟୁମର ଓ ଗେମିଙ୍ଗ୍ ପିସି ବିଭାଗର ବିଜ୍‌ନେସ୍ ହେଡ୍ ଆର୍ନଲ୍ଡ ସୁ କହିଛନ୍ତି, ଆସସ୍‌ରେ ଆମେ ଆମର ଗ୍ରାହକଙ୍କୁ ଏକ ସାମଗ୍ରିକ ଗେମିଙ୍ଗ୍ ଅନୁଭୂତି ପ୍ରଦାନ କରିବା ପାଇଁ ସକ୍ଷମ ହୋଇଥିବାରୁ ଗର୍ବ ଅନୁଭବ କରୁଛୁ।

# ଆଇଡିଏସ୍ ପକ୍ଷରୁ ମୁଖ ସ୍ୱଚ୍ଛତା ଦିବସ




ଭୁବନେଶ୍ୱର,୩।୮

ବର୍ତ୍ତମାନ ସମୟରେ ମୁଖ ଗହ୍ୱର ସ୍ୱଚ୍ଛତା ଏବଂ ସୁସ୍ଥତା ବଜାୟ ରଖିବା ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଦ୍ୱାରା ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍‌ସେସ୍ (ଆଇଡିଏସ୍) ପକ୍ଷରୁ ନିକଟରେ ମୁଖ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ପ୍ରତି ବର୍ଷ ୧ ଅଗଷ୍ଟରେ ଇଣ୍ଡିଆନ୍ ସୋସାଇଟି ଅଫ୍ ପେରିଓଡେଣ୍ଟୋଲୋଜିର ପ୍ରତିଷ୍ଠାତା ଡା. ଜି.ବି. ସାଙ୍କୱେଲ୍‌କରଙ୍କର ଜନ୍ମତିଥିରେ ମୁଖ ସ୍ୱଚ୍ଛତା ଦିବସ ପାଳନ କରାଯାଉଥିବାବେଳେ ଆଇଡିଏସ୍‌ର ପେରିଓଡେଣ୍ଟିକ୍ସ ବିଭାଗ ପକ୍ଷରୁ ଏହି ଦିବସକୁ ସ୍ୱତନ୍ତ୍ର ଭାବେ ପାଳନ କରାଯାଇଥାଏ। ଏହି ଅବସରରେ ପେରିଓଡେଣ୍ଟିକ୍ସ ଆଣ୍ଡ ଓରାଲ୍ ଇମ୍ପ୍ଲାଣ୍ଟୋଲୋଜି ବିଭାଗର ପ୍ରଫେସର ଡା. ଅନୁରାଗ ଶତପଥୀ ଏବଂ ପ୍ରଫେସର ଡା. ରଶ୍ମିତା ନାୟକ ସୋଆ କମ୍ୟୁନିଟି ରେଡିଓ ୯୦.୪ ଏବଂ ପ୍ରମେୟ ନ୍ୟୁଜ୍ ୭ ଟିଭି ଚ୍ୟାନେଲରେ ଉକ୍ତ ଦିବସର ଗୁରୁତ୍ୱ ଏବଂ ମୁଖ ସ୍ୱଚ୍ଛତା ଓ ମାଢ଼ି ସମସ୍ୟା ନେଇ ବିସ୍ତୃତ ତଥ୍ୟ ରଖିଥିଲେ। ସେହିପରି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ସୁନ୍ଦର ରଙ୍ଗୋଲି ଆଇଡିଏସ୍‌ରେ ପ୍ରସ୍ତୁତ କରାଯାଇଥିବା ବେଳେ ରୋଗୀମାନେ ମଧ ଏହି ଦିବସର ମହତ୍ତ୍ୱ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ମଧ ଆୟୋଜନ କରାଯାଇଥିଲା।

# କିଟ୍ ପଲିଟେକ୍ନିକ୍ ରାଜ୍ୟରେ ୧ ନମ୍ବର



ଭୁବନେଶ୍ୱର,୩।୮

କ୍ୱାଲିଟି କାଉନ୍‌ସିଲ ଅଫ୍ ଇଣ୍ଡିଆ (କ୍ୟୁସିଆଇ)ର ନ୍ୟାଶନାଲ୍ ଆକ୍ରିଡିଟେସନ୍ ବୋର୍ଡ ଫର୍ ଏଜୁକେଶନ ଆଣ୍ଡ ଟ୍ରେନିଂ (ନାବେଟ୍) ଏବଂ ଷ୍ଟେଟ୍ କାଉନସିଲ୍ ଫର୍ ଟେକ୍ନିକାଲ୍ ଏଜୁକେଶନ ଓ ଭୋକେଶନାଲ ଟ୍ରେନିଂ ପକ୍ଷରୁ ୧ମ ଥର ଲାଗି ଓଡ଼ିଶାରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ପଲିଟେକ୍ନିକ୍ ଶିକ୍ଷାନୁଷ୍ଠାନର ପୁଙ୍ଖାନୁପୁଙ୍ଖ ତର୍ଜମା ପରେ ଏହି ର୍‍ୟାଙ୍କିଙ୍ଗ୍ ପ୍ରଦାନ କରାଯାଇଛି। ନିକଟରେ ଷ୍ଟେଟ୍ କାଉନସିଲ୍‌ର ମୁଖ୍ୟାଳୟଠାରେ ର୍‍ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇଥିବା ଅନୁଷ୍ଠାନଗୁଡ଼ିକର ନାମ ଘୋଷଣା କରାଯାଇଥିଲା। ଏପରିକି କ୍ୟୁସିଆଇ ନାବେଟ ର୍‍ୟାଙ୍କିଙ୍ଗ୍‌ରେ ଉଭୟ ସରକାରୀ ଓ ବେସରକାରୀସ୍ତରରେ କିଟ୍ ପଲିଟେକନିକ୍ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଉଭୟ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ କିଟ୍ ପଲିଟେକ୍ନିକର ଅଧ୍ୟକ୍ଷ ଡ. ତନ୍ମୟ ମହାନ୍ତି, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ସମସ୍ତ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ମିଶନ ଶକ୍ତି ସହ ୟୁକୋ ବ୍ୟାଙ୍କର ଚୁକ୍ତିନାମା

ଭୁବନେଶ୍ୱର,୩।୮

ୟୁକୋ ବ୍ୟାଙ୍କର ଓଡ଼ିଶା ୟୁନିଟ୍ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବ୍ୟାଙ୍କର କୋଲକାତାସ୍ଥିତ ମୁଖ୍ୟ କାର୍ଯ୍ୟାଳୟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇସ୍ରାକ ଅଲ୍ଲୀ ଖାନ୍ ନିକଟରେ ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଥିଲେ। ଗସ୍ତ ଅବସରରେ ସେ ବ୍ୟାଙ୍କର ବିକାଶ ପାଇଁ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ସହ ଚୁକ୍ତିନାମା ସ୍ୱାକ୍ଷରିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ଗୌତମ ପାତ୍ର ଏବଂ ମିଶନ ଶକ୍ତିର କମିଶନର ତଥା ସଚିବ ସୁଜାତା ଆର୍. କାର୍ତ୍ତିକେୟନ୍‌ଙ୍କ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଯାଇଛି।




# ହୋଣ୍ଡାର ନୂଆ ଲିମିଟେଡ୍ ଏଡିସନ୍ ଡିଓ ସ୍ପୋର୍ଟସ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୩।୮

ଦେଶର ପ୍ରମୁଖ ୨ ଚକିଆ ଯାନ ନିର୍ମାତା ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ନ୍ୟୁ ଡିଓ ସ୍ପୋର୍ଟସ୍‌ର ଶୁଭାରମ୍ଭ କରାଯାଇଛି। ଏହା ସୀମିତ ସମୟ ପାଇଁ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ମଧ ସୂଚନା ଦିଆଯାଇଛି। ଆଗ୍ରହୀ ଗ୍ରାହକମାନେ ନିକଟସ୍ଥ ରେଡ୍ ୱିଙ୍ଗ୍ ଡିଲରଶିପ୍‌ରେ ଏହାର ଅନୁଭୂତି ହାସଲ କରିପାରିବେ ଏବଂ ଅଧିକ ବିବରଣୀ ପାଇଁ କମ୍ପାନୀର ୱେବ୍‌ସାଇଟ ମଧ ପରିଦର୍ଶନ କରିପାରିବେ। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ, ସଭାପତି ତଥା ସିଇଓ ଆତସୁସି ଓଗାତା କହିଛନ୍ତି, ଏହାର ଶୁଭାରମ୍ଭ ହେବା ପରଠାରୁ ଡିଓ ପରିବାର ଆକର୍ଷଣ ଓ ଯୁବ ସୁଲଭତାର ଏକ ମିଶ୍ରଣ ପ୍ରଦାନ କରିଛି। ହୋଣ୍ଡା ଡିଓ ସ୍ପୋର୍ଟସ୍‌ରେ ୧୧୦ ସିସି ପିଜିଏମ୍-ଏଫ୍‌ଆଇ ଇଞ୍ଜିନ, ଏନ୍‌ହାନ୍ସଡ୍ ସ୍ମାର୍ଟ ପାୱାର (ଇଏସ୍‌ପି), ଟେଲିସ୍କୋପିକ୍ ସସ୍‌ପେନ୍‌ସନ୍, ଇଣ୍ଟିଗ୍ରେଟେଡ୍ ଡୁଆଲ୍ ଫଙ୍କ୍‌ସନ୍ ସ୍ୱିଚ୍, ଏକ୍ସଟରନାଲ୍ ଫୁଏଲ୍ ଲିଡ୍, ପାସିଂ ସ୍ୱିଚ୍ ଓ ସାଇଡ୍ ଷ୍ଟାଣ୍ଡ ଇଣ୍ଡିକେଟର, କମ୍ବି ବ୍ରେକ୍ ସିଷ୍ଟମ୍ ସହ ଇକ୍ୱିଲାଇଜର୍ ଓ ତିନି ସୋପାନ ଆଡ୍‌ଜଷ୍ଟ ହୋଇପାରୁଥିବା ପଛ ସସ୍‌ପେନ୍‌ସନ୍ ସହ ଉତ୍ତମ ଇନ୍ଧନ ମିତବ୍ୟୟିତା ପାଇଁ ୩-ଷ୍ଟେପ୍ ଇକୋ ଇଣ୍ଡିକେଟର ଇତ୍ୟାଦି ରହିଛି। ଡିଓ ସ୍ପୋର୍ଟସ୍‌ର ଷ୍ଟାଣ୍ଡାର୍ଡ ଭାରିଆଣ୍ଟର ଦାମ୍ (ଏକ୍ସ ଶୋ'ରୁମ୍, ନୂଆଦିଲ୍ଲୀ) ୬୮,୩୧୭ ଟଙ୍କା ଓ ଡିଲକ୍ସ ଭାରିଆଣ୍ଟ ଦାମ୍ ୭୩,୩୧୭ ଟଙ୍କା ରହିଛି।



**ଫୁରସତ୍**

# ୟୁଟ୍ୟୁବ୍ ଦେଲା ମା'ଙ୍କ ଠିକଣା

**ମୁମ୍ବାଇ:** ୨୦ ବର୍ଷ ପୂର୍ବେ ହଜିଯାଇଥିବା ମା'ଙ୍କୁ ୟୁଟ୍ୟୁବ୍ ଜରିଆରେ ଫେରିପାଇଛନ୍ତି ଝିଅ। ମୁମ୍ବାଇର ୟାସ୍ମିନ ଶେଖ୍‌ଙ୍କ ମା' ହମିଦା ବାନୁଙ୍କୁ ଦୁବାଇରେ ରୋଷେୟା ଚାକିରି ମିଳିବା ପରେ ସେ ସେଠାକୁ ଚାଲିଯାଇଥିଲେ ଯେ, ଆଉ ଫେରି ନ ଥିଲେ। କିନ୍ତୁ ଏବେ ୨୦ ବର୍ଷ ପରେ ତାଙ୍କ ଝିଅ ୟୁଟ୍ୟୁବ୍ ଜରିଆରେ ତାଙ୍କୁ ପାକିସ୍ତାନରୁ ପାଇଛନ୍ତି। ହମିଦା ନ ଫେରିବାରୁ ୟାସ୍ମିନ ଥାନାରେ ଅଭିଯୋଗ କରିବା କଥା ଚିନ୍ତା କରିଥିଲେ ହେଁ ତାଙ୍କ ପାଖରେ ଯଥେଷ୍ଟ ପ୍ରମାଣ ନ ଥିବା କାରଣରୁ ସେ ଅଭିଯୋଗ କରିପାରି ନ ଥିବା କହିଛନ୍ତି। ଅନ୍ୟପଟେ ଯେଉଁ ଏଜେଣ୍ଟ ହମିଦାଙ୍କୁ ଦୁବାଇ ନେଇଥିଲା ତା' ସହ ଯୋଗାଯୋଗ କରିବାରୁ ସେ କହିଥିଲା ଯେ, ହମିଦା ତାଙ୍କ ପରିବାର ସଦସ୍ୟଙ୍କ ସହ କୌଣସି ସମ୍ପର୍କ କି କଥା ହେବାକୁ ଚାହୁଁ ନାହାନ୍ତି। ପରିବାର ପାଖକୁ ଯିବା ପାଇଁ ହମିଦା ପାକିସ୍ତାନର ମାରୁଫ ନାମରେ ଜଣେ ୟୁଟ୍ୟୁବରଙ୍କ ନିକଟକୁ ଯାଇ ତାଙ୍କ ସହ ଘଟିଥିବା ଘଟଣା ବାବଦରେ କହିଥିଲେ। ଏହାପରେ ମାରୁଫ ହମିଦାଙ୍କର ଏକ ଭିଡିଓ ୟୁଟ୍ୟୁବରେ ଶେୟାର କରିଥିଲେ, ଯେଉଁଥିରେ ସେ ତାଙ୍କ ସ୍ୱାମୀ, ପରିବାର ଓ ସମ୍ପର୍କୀୟଙ୍କ କଥା କହିଥିଲେ। ଭିଡିଓକୁ ୟାସ୍ମିନ୍ ଦେଖି ଏକଥା ବିଶ୍ୱାସ କରିପାରି ନ ଥିଲେ। କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ୟୁଟ୍ୟୁବରଙ୍କ ସହଯୋଗରେ ସେ ମା' ହମିଦାଙ୍କ ସହ କଥା ହୋଇଛନ୍ତି।



# ସ୍କେଟିଂରେ ଦେଶନାଙ୍କ କମାଲ୍

ମୁମ୍ବାଇ

ପୁଣେର ୭ ବର୍ଷୀୟା ଦେଶନା ନାହାର ସ୍କେଟିଂରେ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ପାଖାପାଖି ଛିଡ଼ା ହୋଇଥିବା ୨୦ଟି କାର୍ ତଳ ଦେଇ ସ୍କେଟିଂ ଜରିଆରେ ଷ୍ଟ୍ରେଟ୍ ଲାଇନ୍‌ରେ ଯାଇ ସେ ଏହି ରେକର୍ଡର ଅଧିକାରିଣୀ ହୋଇପାରିଛନ୍ତି। ତେବେ ଏହାର ଭିଡିଓ ମଧ ଟୁଇଟରରେ ଶେୟାର କରାଯାଇଛି। ଦେଶନା ଏହି ଟାସ୍କକୁ ମାତ୍ର ୧୩ ମିନିଟ ୭୪ ସେକେଣ୍ଡରେ ପୂରା କରିଛନ୍ତି। ଏହା ଜରିଆରେ ଦେଶନା ଚାଇନାର ୧୪ ବର୍ଷୀୟା ବାଳିକାଙ୍କ ରେକର୍ଡ କାଟିଥିଲେ। ସମାନ ଟାସ୍କକୁ ସେ ୧୪ ମିନିଟ ୧୫ ସେକେଣ୍ଡରେ ପୂରା କରିଥିଲେ। ଦୁବାଇରେ ରହୁଥିବା ଭାରତୀୟ ଯୋଗ ଶିକ୍ଷକ ଯଶ ମନସୁଖଭାଇ ୩୦ ମିନିଟ ପର୍ଯ୍ୟନ୍ତ ସ୍କର୍ପିଓନ୍ ପୋଜ୍‌ରେ ରହି ଗିନିଜ୍ ୱାର୍ଲ୍ଡ ରେକର୍ଡ ନିଜ ନାମରେ କରିଛନ୍ତି।


ଦେଶନା ନାହାର

# ନୂଆ ଟ୍ରାଫିକ୍ ସିଗ୍‌ନାଲ୍

ବେଙ୍ଗାଲୁରୁ

ବେଙ୍ଗାଲୁରୁ ସହରରେ ଏକ ନୂଆ ଟ୍ରାଫିକ୍ ସିଗ୍‌ନାଲ ନେଇ ସୋସିଆଲ ମିଡିଆରେ ଜୋର୍ ଚର୍ଚ୍ଚା ଆରମ୍ଭ ହୋଇଥିଲା। ନୂଆ ଭାବେ ରାସ୍ତା କଡ଼ରେ ଲଗାଯାଇଥିବା ଚିହ୍ନର ଅର୍ଥ କେହି ବୁଝି ପାରି ନ ଥିଲେ। ଏହାକୁ ସମ୍ବେଦନଶୀଳ ମନେକରି ଜଣେ ସୋସିଆଲ ମିଡିଆ ୟୁଜର ଟୁଇଟର ଜରିଆରେ ଟ୍ରାଫିକ୍ ପୋଲିସ ବିଭାଗକୁ ଏହାର ଜବାବ୍ ମାଗିଥିଲେ। ପ୍ରଶ୍ନର ଉତ୍ତର ଦେଇଥିଲେ ହ୍ୱାଇଟ୍ ଫିଲ୍ଡ ଟ୍ରାଫିକ୍ ଅଧିକାରୀ। ଏକ ଧଳା ବୋର୍ଡରେ ୪ଟି କଳା ଗୋଲାକାର ଚିହ୍ନର ଅର୍ଥ ବୁଝାଇ ଟ୍ରାଫିକ୍ ପୋଲିସ ଅଧିକାରୀ ଜଣକ କହିଥିଲେ ଯେ, ସିଗ୍‌ନାଲ ଲଗାଯାଇଥିବା ସ୍ଥାନରେ ଦୃଷ୍ଟିହୀନଙ୍କ ଏକ ବିଦ୍ୟାଳୟ ରହିଛି। ସେଠାରୁ ଯେ କୌଣସି ମୁହୂର୍ତ୍ତରେ ଛାତ୍ରୀଛାତ୍ର ରାସ୍ତାକୁ ଆସିପାରନ୍ତି। ସେମାନଙ୍କ ସୁରକ୍ଷା ଓ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ଉକ୍ତ ସ୍ଥାନରେ ଏହି ବୋର୍ଡ ଲଗାଯାଇଥିବା ପୋଲିସ ଅଧିକାରୀ କହିଛନ୍ତି। ତେବେ ଟ୍ରାଫିକ ଅଧିକାରୀ ଉକ୍ତ ସିଗ୍‌ନାଲ ବିଷୟରେ ଲୋକଙ୍କୁ ଅବଗତ କରାଇବାରୁ ସୋସିଆଲ ମିଡିଆ ୟୁଜର ତାଙ୍କୁ ଧନ୍ୟବାଦ ଦେବା ସହ ପ୍ରଶଂସା କରିଛନ୍ତି।

# ଓଡ଼ିଆ ସାମ୍ବାଦିକତା ଦିବସ

୧୮୬୬ ମସିହା ଅଗଷ୍ଟ ୪ । ସେଦିନ ଥିଲା ଓଡ଼ିଆ ସାମ୍ବାଦିକତା ପାଇଁ ଗୌରବର ଦିନ। ଓଡ଼ିଶାର ପ୍ରଥମ ଓଡ଼ିଆ ଖବର କାଗଜ ଭାବେ 'ଉତ୍କଳ ଦୀପିକା' ଆତ୍ମପ୍ରକାଶ କରିଥିଲା। ଗୌରୀଶଙ୍କର ରାୟ ଏହାର ପ୍ରଥମ ସମ୍ପାଦକ ଥିଲେ । ପ୍ରଥମେ ଏହା ସାପ୍ତାହିକ ଏବଂ ପରବର୍ତ୍ତୀ ସମୟରେ ଦୈନିକ ଭାବେ ପ୍ରକାଶିତ ହୋଇଥିଲା। ଗୌରୀଶଙ୍କର ଏବଂ ତାଙ୍କର ଘନିଷ୍ଠ ସହଯୋଗୀ ବିଚିତ୍ରାନନ୍ଦ ଦାସଙ୍କ ଉଦ୍ୟମରେ କଟକଠାରେ ପ୍ରତିଷ୍ଠିତ କଟକ ପ୍ରିଣ୍ଟିଂ କମ୍ପାନୀରୁ ଏହି ଖବର କାଗଜ ପ୍ରକାଶ ପାଉଥିଲା। ଉତ୍କଳ ଦୀପିକା ତତ୍କାଳୀନ ସାମାଜିକ ତଥା ରାଜନୈତିକ କ୍ଷେତ୍ରରେ ନୂତନ ଦିଗଦର୍ଶନ ଦେବା ସହ ଓଡ଼ିଆମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାରଙ୍କ ପାଖରେ ଦୃଢ଼ ଦାବି ଉପସ୍ଥାପିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ବାଲ୍ୟବିବାହ ପରି ଘୃଣ୍ୟ ପ୍ରଥା ବିରୋଧରେ ମଧ ସ୍ୱର ଉତ୍ତୋଳନ କରି ସାମାଜିକ ସଂସ୍କାର ପାଇଁ ଏହି ଖବର କାଗଜ ଉଦ୍ୟମ କରିଥିଲା । ଉତ୍କଳ ଦୀପିକାର ସଫଳତା ଓଡ଼ିଶାରେ ଖବର କାଗଜ ପ୍ରକାଶନର ଧାରା ସୃଷ୍ଟି କରିଥିଲା । ତେଣୁ ପ୍ରତିବର୍ଷ ଅଗଷ୍ଟ ୪କୁ ଓଡ଼ିଆ ସାମ୍ବାଦିକତା ଦିବସ ଭାବେ ପାଳନ କରାଯାଇଥାଏ।



୧୯୩୦ ଜୁଲାଇ ୧୦ ତାରିଖରେ ପ୍ରକାଶିତ ଉତ୍କଳଦୀପିକା।

## କୁଜିବର ପତ୍ରରୁ ଆରମ୍ଭ ...

ଓଡ଼ିଆ ସାମ୍ବାଦିକତାରେ 'ପତ୍ରିକା' ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଆସିଛି। ୧୭୬୯ ମସିହାରେ ହାତଲେଖା ପତ୍ରିକାରୁ ଆରମ୍ଭ ହୋଇଥିଲା ଏହାର ଯାତ୍ରା। କଟକ ଚୌଦ୍ୱାର ନିକଟସ୍ଥ କୁଜିବର ମଠର ମହନ୍ତ ସାଧୁସୁନ୍ଦର ଦାସ ୧୭୬୯ରେ 'କୁଜିବର ପତ୍ର' ନାମରେ ଏକ ହାତଲେଖା ପତ୍ରିକା ଆରମ୍ଭ କରିଥିଲେ। ସେତେବେଳେ ସାଧାରଣ ଲୋକଙ୍କୁ ସାମ୍ପ୍ରତିକ ସ୍ଥିତି ଓ ଓଡ଼ିଆ ଭାଷା ସମ୍ପର୍କରେ ଅବଗତ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିଲା ଏହି ଯାତ୍ରା। ସମୟ କ୍ରମେ ଏହା ଏବେ ଡିଜିଟାଲରେ ପହଞ୍ଚିଛି ସତ, ହେଲେ କୁଜିବର ପତ୍ର ତା'ର ସ୍ୱର୍ଣ୍ଣିମ ଇତିହାସ ବହନ କରିଚାଲିଛି। କୁଜିବର ପତ୍ର ପରେ ପ୍ରଥମ ଛାପା ପତ୍ରିକା ଭାବେ ୧୮୪୯ରେ ଜ୍ଞାନାରୁଣ ପ୍ରକାଶ ପାଇଥିଲା। ପରେ ୧୮୫୬ରେ ପ୍ରବୋଧ ଚନ୍ଦ୍ରିକା ଏବଂ ୧୮୬୧ ଅରୁଣୋଦୟ ନାମରେ ପତ୍ରିକା ପ୍ରକାଶିତ ହୋଇଥିଲା। ହେଲେ ଏହା ଅଧିକଦିନ ପର୍ଯ୍ୟନ୍ତ ଚାଲିପାରି ନ ଥିଲା। ମାତ୍ର ୩ବର୍ଷ ମଧ୍ୟରେ ବିଭିନ୍ନ କାରଣରୁ ଉକ୍ତ ୩ଟି ପତ୍ରିକାର ପ୍ରକାଶନ ବନ୍ଦ ହୋଇଯାଇଥିଲା। ପରେ ୧୮୭୩ରେ ଉତ୍କଳ ଦର୍ପଣ ନାମରେ ମାସିକ ପତ୍ରିକା ବାଲେଶ୍ୱରରୁ ପ୍ରକାଶିତ ହୋଇଥିଲା। ଓଡ଼ିଆ ଭାଷାରେ ଏହା ପ୍ରଥମ ସାହିତ୍ୟିକ ମାଗାଜିନ୍। ଏହାପରେ ୧୮୭୮ରେ ଉତ୍କଳ ମଧୁପ, ୧୮୮୫ରେ ପ୍ରଦୀପ ପତ୍ରିକା ଖୁବ୍ କମ୍ ଦିନ ପାଇଁ ବାହାରିଥିଲା। ୧୮୯୭ରେ ପ୍ରକାଶିତ ଉତ୍କଳ ସାହିତ୍ୟ ପତ୍ରିକା ଓଡ଼ିଆ ସାହିତ୍ୟରେ ଏକ ନୂଆ ଯୁଗ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ଏକାଧିକ ମାଗାଜିନ୍ ପ୍ରକାଶ ପାଇବାରେ ଲାଗିଥିଲା। ୧୯୦୬ରେ ମୁକୁର, ୧୯୧୫ରେ ସତ୍ୟବାଦୀ, ୧୯୨୦ରେ ସାହାକାର, ୧୯୩୪ରେ ନବଭାରତ ଆଦି ପତ୍ରିକା ଓଡ଼ିଆ ଭାଷା ଓ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ବେଶ୍ ସହାୟକ ହୋଇଥିଲା।

## ଛାତ୍ରାବସ୍ଥାରୁ ଆବେଗ ସୃଷ୍ଟି ହୋଇଥିଲା

ଏକ ସଂଗ୍ରାମୀ ପରିବାରରେ ମୋର ଜନ୍ମ ହୋଇଥିବାବେଳେ ଛାତ୍ରାବସ୍ଥାରୁ ସାମ୍ବାଦିକତା ପ୍ରତି ଆବେଗ ସୃଷ୍ଟି ହୋଇଥିଲା। ୧୯୭୧ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କଲି। ସେତେବେଳକୁ ଓଡ଼ିଶାରେ ସାମ୍ବାଦିକତା ଲାଗି କୌଣସି ପାଠ୍ୟକ୍ରମର ବ୍ୟବସ୍ଥା ନ ଥିଲା। ତେଣୁ ପୁନେ ଯାଇ ବର୍ଷକିଆ ପାଠ୍ୟକ୍ରମରେ ନାମ ଲେଖାଇଲି। ୧୯୭୨ରେ ପାଠ୍ୟକ୍ରମ ଶେଷ ହେଲା ଆଉ ସେହି ବର୍ଷ ଆରମ୍ଭ ହୋଇଥିଲା ମୋର ସାମ୍ବାଦିକତା ଜୀବନ। ସେ ସମୟରେ ଓଡ଼ିଶାରେ ପ୍ରମୁଖ ଭାବେ ସମାଜ, ପ୍ରଜାତନ୍ତ୍ର ଓ ମାତୃଭୂମି ଖବରକାଗଜ ପ୍ରକାଶ ପାଉଥିଲା। ପ୍ରଥମେ ପ୍ରଜାତନ୍ତ୍ର ଏବଂ ପରବର୍ତ୍ତୀ ସମୟରେ ସମାଜ ଖବର କାଗଜର ଭୁବନେଶ୍ୱର ମୁଖ୍ୟ ପ୍ରତିନିଧି ଭାବେ କାର୍ଯ୍ୟ କରିଛି। ଆଜିକାଲି ଭଳି ସେତେବେଳେ ବ୍ୟବସ୍ଥା ନ ଥିଲା। କେବଳ ସାନ୍ଧ୍ୟ ସଂସ୍କରଣ ପ୍ରକାଶ ପାଉଥିଲା। ସାଇକେଲ ଧରି ବିଭିନ୍ନ ସ୍ଥାନରୁ ଖବର ସଂଗ୍ରହ କରି ଦିନବେଳା କିଏ କଟକ ଯାଉଥିଲେ ତାଙ୍କ ହାତରେ ଖବର ପଠାଇବା ସହ ଅଧିକାଂଶ ଖବର ଟେଲିଫୋନରେ ଡାକିବାକୁ ପଡୁଥିଲା। ଆଉ ପ୍ରଥମେ ରୋଟେରି ମେଶିନ ତା'ପରେ ମନୋଗ୍ରାମ ମେଶିନରେ କାଗଜ ଛପା ହେଉଥିଲା। ୧୯୯୦ ମସିହା ପୂର୍ବରୁ ଫାକ୍ସ ଆସିଲା, ତା'ପରେ ଅତ୍ୟାଧୁନିକ ବ୍ୟବସ୍ଥାମାନ ଗଣମାଧ୍ୟମ ସହ ଯୋଡ଼ିହେଲା। ପୁଣି ପ୍ରଭାତ ସଂସ୍କରଣ ପ୍ରକାଶିତ ହେଲା। ତେବେ ଆମ ବେଳେ ଭୁବନେଶ୍ୱରରେ ହାତ ଗଣତି କେତେଜଣ ରାଜ୍ୟସ୍ତରୀୟ ସାମ୍ବାଦିକ ଥିଲେ। ପୁଣି ସେମାନଙ୍କ ମଧ୍ୟରୁ ଅଧିକାଂଶ ଅଣଓଡ଼ିଆ। ୧୯୮୦ ମସିହାରେ ମୋତେ ରାଜ୍ୟସ୍ତରୀୟ ସାମ୍ବାଦିକ ଭାବେ ସ୍ୱୀକୃତି ମିଳିଥିଲା। ୧୯୭୪ରେ 'ଧରିତ୍ରୀ' ଯେତେବେଳେ ପ୍ରକାଶ ପାଇଲା, ତାହା ମଧ ଚହଳ ପକାଇଥିଲା। ଏବେ ଓଡ଼ିଆ ଖବର କାଗଜ ସଂଖ୍ୟା ଢେର ବଢ଼ିଯାଇଛି ଆଉ ତା' ସହିତ ବୈଦ୍ୟୁତିକ ଗଣମାଧ୍ୟମ ବି ତାଳ ଦେଇ ଓଡ଼ିଆ ସାମ୍ବାଦିକତାକୁ ଆଗକୁ ନେଇଚାଲିଛନ୍ତି।

-ପ୍ରଦୋଷ ପଟ୍ଟନାୟକ





ଦେବଗଡ଼ ଜିଲା ଭାଜପା ଯୁବମୋର୍ଚ୍ଚା, ଅନୁସୂଚିତ ଜାତି ମୋର୍ଚ୍ଚାର କର୍ମୀ ଓ କର୍ମକର୍ତ୍ତାମାନେ ୪୯ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଭାଜପା ନେତା ଓ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

# ଜାତୀୟ ରାଜପଥ ଅବରୋଧ: ଧାରଣା

**ଦେବଗଡ଼,୩।୮(ଡି.ଏନ୍.ଏ.)**

- କାଉନସିଲରଙ୍କ ଆମରଣ ଅନଶନକୁ ସମର୍ଥନକରି ଆନ୍ଦୋଳନ
- ୧୫ଦଫା ଦାବିରେ କାଉନସିଲରମାନଙ୍କ ଆମରଣ ଅନଶନ ୧୦ମ ଦିନରେ
- ଆତ୍ମାହୁତି ଖବର ପ୍ରଚାରିତ ପରେ ପୋଲିସ ଓ ଦମକଳବାହିନୀ ନାକେଦମ୍

ଦେବଗଡ଼ ପୌର ପରିଷଦ ମହାଦୁର୍ନୀତିର ତଦନ୍ତ ସମେତ ୧୫ଦଫା ଦାବିରେ ଉପାଧ୍ୟକ୍ଷଙ୍କ ସମେତ ୭ଜଣ କାଉନସିଲର ୨୫ ତାରିଖଠାରୁ ଆମରଣ ଅନଶନ ଚଳାଇଥିବା ବେଳେ ଦିନକୁ ଦିନ ସ୍ଥିତି ବିଗୁଡ଼ିଛି। କାଉନସିଲରମାନଙ୍କ ଆମରଣ ଅନଶନକୁ ସମର୍ଥନକରି ଭାଜପା ଯୁବମୋର୍ଚ୍ଚା ଓ ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ବୁଧବାର ଆନ୍ଦୋଳନ କରାଯାଇଛି। ୨ଘଣ୍ଟା ଜାତୀୟ ରାଜପଥ ଅବରୋଧ କରାଯିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି। କାଉନସିଲରମାନଙ୍କ ଆମରଣ ଅନଶନ ୧୦ମ ଦିନରେ ପହଞ୍ଚିଥିବାବେଳେ ଦାବିପୂରଣ ନ ହେବା ଯାଏ ଅନଶନ ଜାରି ରହିବ ବୋଲି ଜିଦରେ ଅଟଳ ରହିଛନ୍ତି। କାଉନସିଲରମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ୨ଜଣ ଅସୁସ୍ଥ କାଉନସିଲରଙ୍କୁ ଚିକିତ୍ସା ନିମନ୍ତେ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟ ୫ ଜଣ କାଉନସିଲର ଏବେ ମଧ୍ୟ ଅନଶନ ଜାରି ରଖିଛନ୍ତି। ଏହା ସତ୍ତ୍ୱେ ଦାବି ପୂରଣ ପାଇଁ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଅନଶନକାରୀଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବା ସହ ପରିସ୍ଥିତି ଦିନକୁ ଦିନ ଉଗ୍ରହେବାକୁ ଯାଉଛି। ଅନଶନକାରୀମାନେ ବୁଧବାର ଆତ୍ମାହୁତି ଦେଉଥିବା ପ୍ରଚାରିତ ହେବା ପରେ ଜିଲା ପ୍ରଶାସନ, ପୋଲିସ ଓ ଦମକଳ ବାହିନୀକୁ ନାକେଦମ ହେବାକୁ ପଡ଼ିଥିଲା। ଆତ୍ମାହୁତିର କାର୍ଯ୍ୟକ୍ରମ ରହିଥିବା ପ୍ରଚାରିତ ହେବାପରେ ମାଜିଷ୍ଟ୍ରେଟ ଉପସ୍ଥିତିରେ ପୌର ପରିଷଦ ଆଖପାଖରେ ବହୁ ସଂଖ୍ୟକ ପୋଲିସ କର୍ମଚାରୀ ମୁତୟନ ହେବା ସହ ଅଗ୍ନିକାଣ୍ଡଜନିତ ଅଘଟଣକୁ ଏଡାଇବା ପାଇଁ ସେଠାରେ ପର୍ଯ୍ୟାପ୍ତ ପରିମାଣର ପାଣି ସହ ଦମକଳବାହିନୀ ଜଗିରହିଥିବା ଦେଖିବାକୁ ମିଳିଥିଲା। ତେବେ ସେଭଳି କୌଣସି ଘଟଣା ଘଟି ନ ଥିଲା। ଫଳରେ ଉଭୟ ପ୍ରଶାସନ ଓ ପୋଲିସ ମଧ୍ୟରେ ସାମାନ୍ୟ ଆଶ୍ୱସ୍ତି ପ୍ରକାଶ ପାଇଥିଲା। ଜିଲା ଭାଜପା ଯୁବମୋର୍ଚ୍ଚା ଓ ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର କର୍ମୀ ଓ କର୍ମକର୍ତ୍ତାମାନେ ଅନଶନକାରୀ କାଉନସିଲରମାନଙ୍କୁ ସମର୍ଥନ ଜଣାଇ ନୀଳବେର୍ଣ୍ଣୀ ସାହି ନିକଟସ୍ଥ ବାଇପାସ୍ ଛକଠାରେ ଟାୟାର ଜାଳି ୨ ଘଣ୍ଟା ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଅପରାହ୍ନ ୨ଟାରୁ ୪ ଟା ପର୍ଯ୍ୟନ୍ତ ଏହି ରାସ୍ତାରୋକୋ ସହ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଉକ୍ତ ରାଜପଥର ଉଭୟ ପାର୍ଶ୍ୱରେ ଶହଶହ ଯାନବାହାନ ଅଟକି ରହିଥିଲା। ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ ଭୂତିଆ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୟାଶଙ୍କର ଦ୍ୱିବେଦୀ ଏବଂ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ସମ୍ପାଦକ ଦେବାନନ୍ଦ ନାୟକ, ମକରଧ୍ୱଜ ହସ୍ତୀ ଓ ପଙ୍କଜ ପାତ୍ରଙ୍କ ନେତୃତ୍ୱରେ ଏହି ରାସ୍ତାରୋକୋ ଆନ୍ଦୋଳନ ହୋଇଥିଲା। ଏହି ରାସ୍ତାରୋକୋ ଆନ୍ଦୋଳନ ପରେ ସମାନ ଦାବିରେ ବହୁ ଭାଜପା ନେତା ଓ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଜଣାପଡିଛି। ଏହି ଧାରଣାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମା ଓ ନଗର ଭାଜପା ସମ୍ପାଦକ ରମଣୀରଞ୍ଜନ ଆଚାର୍ଯ୍ୟ ମଧ୍ୟ ସାମିଲ ଥିବା ଜଣାପଡିଛି।

ସୂଚନାଯୋଗ୍ୟ ଯେ, ୧୫ ଦଫା ଦାବିରେ ଦେବଗଡ଼ ପୌର ପରିଷଦର ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ସ୍ୱାଧୀନ କାଉନସିଲର ଧର୍ମେନ୍ଦ୍ର କୁମାର ଦେବତା, ଭାଜପା କାଉନସିଲର ମଧୁସୂଦନ ବାଘ, ପିଙ୍କି ସାହୁ, ସରୋଜିନୀ ମୁଣ୍ଡା, ଇତିଶ୍ରୀ ମିଶ୍ର ଓ କାର୍ତ୍ତିକ ମହାକୁଳ ଗତ ୨୫ ତାରିଖ ଦେବଗଡ଼ ପୌର ପରିଷଦ କାର୍ଯ୍ୟାଳୟ ବାରଣ୍ଡାରେ ଆମରଣ ଅନଶନ ଆରମ୍ଭ କରିଥିଲେ।

## ସଂକ୍ଷେପରେ

### ବେକରେ ଫାଶୀ ଲଗାଇ ଯୁବକ ମୃତ

**ରାଉରକେଲା ଅଫିସ,୩।୮:** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଲଡିହି ଅଞ୍ଚଳରେ ଜଣେ ଯୁବକ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକଙ୍କ ନାମ ଦୀପକ କିଷାନ(୧୮)। ଏନେଇ ପୋଲିସ ଏକ ମାମଲା (ନଂ.୧୬୧।୨୨)ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ବ୍ରାହ୍ମଣୀତରଙ୍ଗ ବେଲଡିହି ଅଞ୍ଚଳରେ ଦୀପକ ପରିବାର ସହ ବାସ କରୁଥିଲେ। ମଙ୍ଗଳବାର ଦିନ ୧୧ଟାରେ ଦୀପକ ଘରକୁ ଫେରିବା ପରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ପରେ ଦୀପକ ତାଙ୍କ ଶୋଇବା ଘରେ ଥିବା ଲୁହାପାଇପ୍‌ରେ ଗାମୁଛା ବାନ୍ଧି ବେକରେ ଗୁଡାଇ ଝୁଲି ଯାଇଥିଲେ। ଏହି ଦୃଶ୍ୟ ଦେଖି ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଆରଜିଏଚ୍‌ରେ ଚିକିତ୍ସାଲାଗି ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଖତକୁରବାହାଲ ଗଣ୍ଡଗୋଳ ଘଟଣା: ପୁଣି ୫ ଗିରଫ

**କୁତ୍ରା, ୩।୮ (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ଖତକୁରବାହାଲରେ ଗତ ମାସ ୧୨ ତାରିଖ ଘଟିଥିବା ଗଣ୍ଡଗୋଳକୁ ନେଇ ବୁଧବାର ପୁଣି ୫ଜଣଙ୍କୁ ଗିରଫ କରାଯାଇଛି। ସୁନ୍ଦରଗଡ଼ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ୫ ପ୍ଲାଟୁନ ପୋଲିସ ଖତକୁରବାହାଲ ଗ୍ରାମରେ ଚଢାଉ କରି ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏମ୍‌ଡି ପରବେଜ (୩୨), ଏମ୍‌ଡି ରବାନି(୪୦), ଏମ୍‌ଡି ଆବିଜ(୪୨), ଏମ୍‌ଡି ସାନୁଲ୍ଲା(୪୨), ଏମ୍‌ଡି ହବିବୁଲ୍ଲା (୪୦)। ପ୍ରକାଶ ଥାଉକି ଏହା ପୂର୍ବରୁ ଏହି ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିଥିଲା। ତେବେ ବର୍ତ୍ତମାନର ଗିରଫକୁ ନେଇ ପୁଣି ଥରେ ଗ୍ରାମରେ ଅଶାନ୍ତି ସୃଷ୍ଟି ହୋଇଛି।

### ଅଖିଳ ଭାରତୀୟ ଟ୍ରେଡ ୟୁନିୟନର ବୈଠକ

**ରାଉରକେଲା ଅଫିସ,୩।୮:** ଅଖିଳ ଭାରତୀୟ ଟ୍ରେଡ ୟୁନିୟନ କଂଗ୍ରେସ(ଏଆଇଟିୟୁସି) ଜିଲା ପରିବର୍ତ୍ତିତ କାର୍ଯ୍ୟକାରିଣୀ ବୈଠକ ଜିଲା କାର୍ଯ୍ୟାଳୟ ହରିବନ୍ଧୁ ଭବନଠାରେ ଅନୁଷ୍ଠିତ ହୋଇଛି। ଜିଲା ସଭାପତି ସନ୍ତୋଷ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ସଦାନନ୍ଦ ସାହୁ ଜିଲାର ବିଗତ ଦିନରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ରିପୋର୍ଟ ଉପସ୍ଥାପନା କରିଥିଲେ। ରାଜ୍ୟ ସଭାପତି ଅଶୋକ ଦାସ ଏହି ବୈଠକରେ ଯୋଗଦେଇଥିଲେ। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର କ୍ଷମତାକୁ ଆସିବା ପରେ କିଭଳି ଶ୍ରମିକମାନେ ଶୋଷଣ ହେଉଛନ୍ତି ଓ କୋଟି କୋଟି ଶ୍ରମଜୀବୀ ଜନତା ସର୍ବନିମ୍ନ ମଜୁରୀ ପାଇବାରୁ ବଞ୍ଚିତ ହେଉଛନ୍ତି ତାହା ସେ ବର୍ଣ୍ଣନା କରିଥିଲେ। ପରେ ରାଷ୍ଟ୍ରାୟତ ଶିଳ୍ପର ଘରୋଇକରଣ, ଶ୍ରମ ଆଇନର ସଂଶୋଧନ ବିରୋଧରେ ନଭେମ୍ବର ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଏଆଇଟିୟୁସି ୧୩ତମ ରାଜ୍ୟ ସମ୍ମିଳନୀ ରାଉରକେଲାଠାରେ ଅନୁଷ୍ଠିତ କରିବା ପାଇଁ ଦେଇଥିବା ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଗୃହିତ କରିଥିଲେ। ଏହି ବୈଠକରେ ରାଜ୍ୟ ସମ୍ପାଦକ ପ୍ରଦୋଷ ମହାନ୍ତି, ପଶୁପତିନାଥ ଚାଟାର୍ଜୀ, ଅକ୍ଷୟ ସାମଲ, କୈଳାସ ନାୟକ, କୃତିବାସ ନାୟକ, ମନୋଜ ଦାସ, ସୁନିଲ ନାୟକ, ସନ୍ତୋଷ ଆଚାର୍ଯ୍ୟଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଚାଲ ଗଛ ଲଗାଇବା ପରିବେଶ ବଞ୍ଚାଇବା ଗୀତର ପୋଷ୍ଟର ଉନ୍ମୋଚିତ

**ରାଉରକେଲା ଅଫିସ,୩।୮:** ଆଦଶ୍ୟା ମ୍ୟୁଜିକ୍ ପକ୍ଷରୁ ଚାଲ ଗଛ ଲଗାଇବା ପରିବେଶ ବଞ୍ଚାଇବା ଶୀର୍ଷକ ଗୀତ ପୋଷ୍ଟର ବୁଧବାର ପାନପୋଷ ସ୍ଥିତ ଡିଏଫ୍‌ଓ କାର୍ଯ୍ୟାଳୟରେ ଉନ୍ମୋଚିତ ହୋଇଛି। ଏହାକୁ ପାନପୋଷ ଡିଏଫ୍‌ଓ ଜହ୍ନ ସେଠୀ ଉଦ୍‌ଘାଟନ କରିଥିଲେ। ଜଙ୍ଗଲ ସୃଷ୍ଟି ଓ ପରିବେଶ ବଞ୍ଚାଇବା ପାଇଁ ଆଦଶ୍ୟା ମ୍ୟୁଜିକର ଏଭଳି ପଦକ୍ଷେପକୁ ବନ ବିଭାଗ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଆଦଶ୍ୟା ମ୍ୟୁଜିକ୍‌ର ପ୍ରଯୋଜକ ସରୋଜ କୁମାର ରାଉତ ଓ ରଶ୍ମିତା ରାଉତ ଭବିଷ୍ୟତରେ ଏପରି ଅନେକ ସଚେତନତା ଧର୍ମୀ ଗୀତ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଜୟା ମାଝୀ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଚେତନତା ମୂଳକ ଗୀତକୁ ତପସ୍ୱିନୀ ପାତ୍ର ରଚନା କରିଥିବାବେଳେ ଜିତେନ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ।

### ରାଜଗାଙ୍ଗପୁରରେ ଆୟକର ବିଭାଗର ଚଢ଼ାଉ

**ରାଜଗାଙ୍ଗପୁର, ୩।୮(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲାର ରାଜଗାଙ୍ଗପୁର ଥାନାଠାରୁ ପ୍ରାୟ ୪୦ ମିଟର ଦୂରତାରେ ଥିବା ଜଣେ ବ୍ୟବସାୟୀଙ୍କ ବାସଭବନରେ ବୁଧବାର ସକାଳୁ ରାୟପୁର ଆୟକର, ସମ୍ବଲପୁର ଆୟକର ଓ ରାଉରକେଲା ଆୟକର ବିଭାଗର ମିଳିତ ଚଢାଉ ଜାରି ରହିଛି। ଏହି ଚଢାଉରେ ଆୟକର ବିଭାଗର ପ୍ରାୟତଃ ୧୬ଜଣ ରହିଛନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ ଚଢାଉ ଜାରିରହିଥିଲା। କୌଣସି ସୂଚନା ଅଧିକାରୀଙ୍କ ଠାରୁ ମିଳିପାରିନାହିଁ।

### ଯୁବତୀଙ୍କୁ ପ୍ରତାରଣା: ଯୁବକ ଗିରଫ

**ରାଉରକେଲା ଅଫିସ,୩।୮**

ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ନାଲାରୋଡ ଅଞ୍ଚଳରେ ଜଣେ ଯୁବତୀଙ୍କୁ ପ୍ରେମ ପ୍ରତାରଣ ଦେଇଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଏମ୍‌ଡି ରିଆଜ ଓରଫ ଗୁଡୁ। ସେ ଉକ୍ତ ଅଞ୍ଚଳରେ ଜଣେ ଯୁବତୀଙ୍କୁ ନିଜ ପ୍ରେମଜାଲରେ ଫସାଇ ତାଙ୍କୁ ବାରମ୍ବାର ଶାରିରୀକ ସମ୍ପର୍କ ରଖିଥିଲେ। ଯୁବତୀ ଜଣଙ୍କ ତାଙ୍କୁ ବିବାହ କରିବାକୁ ଜିଦ୍ ଧରିଥିବାବେଳେ ଯୁବକ ଜଣଙ୍କ ମନା କରିବା ସହ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ବୁଧବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ଖଣି ଖୋଲିବା ନିମନ୍ତେ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି

**ଟେନ୍‌ସା, ୩।୮(ଡି.ଏନ୍.ଏ.)**

ରୁଙ୍ଗଟା ମାଇନ୍ସ ପ୍ରାଇଭେଟ ଲିମିଟେଡ଼ ପକ୍ଷରୁ ନୂଆ କରି ପାଇଥିବା ୨ଟି ଖଣି ଖୋଲିବା ନିମନ୍ତେ ପରିବେଶ ସମ୍ବନ୍ଧୀୟ ଜନଶୁଣାଣୀ ସଭା ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲା କୋଇଡା ତହସିଲ ଅନ୍ତର୍ଗତ ସାନଇନ୍ଦୁପୁର ଛକ ଖେଳ ପଡିଆଠାରେ ବୁଧବାର ୨ଟି ଖଣି ପାଇଁ ପୃଥକ୍ ପୃଥକ୍ ଭାବେ ଦୁଇଟି ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଚାନ୍ଦିପୋଷି ଲୌହଖଣିଜ ବ୍ଲକର ସମୁଦାୟ ଉତ୍ତୋଳନ ଉତ୍ପାଦନ ବୃଦ୍ଧି ନିମନ୍ତେ ଜନଶୁଣାଣି ହୋଇଥିଲା। ପରେ ପୁରେଇବାହଲ ଖଣି ପାଇଁ ଜନଶୁଣାଣି ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା। ଏହି ଦୁଇଟି ନୂଆ ଖଣି ଖୋଲିବା ଜନଶୁଣାଣିରେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ଶିବଶଙ୍କର ଟପ୍ପୋ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ରାଉରକେଲାର ଆଞ୍ଚଳିକ ଅଧିକାରୀ ଇଂ. ବିନୋଦ ବିହାରୀ ଦାସ, କୋଇଡ଼ା ତହସିଲଦାର ଡିଏସ ଶୁଭଦର୍ସୀ ଯୋଶୀ ପ୍ରମୁଖ ଯୋଗଦେଇଥିଲେ। ରୁଙ୍ଗଟା ମାଇନ୍ସର ସିନିୟର ଏଜିଏମ ଦିଲ୍ଲୀପ କୁମାର ପରିଡା ଖଣି ଉତ୍ପାଦନ କ୍ଷମତା ବୃଦ୍ଧି ହେଲେ ପାରିପାର୍ଶ୍ୱିକ ଅଞ୍ଚଳରେ କି ପ୍ରଭାବ ପଡିବ, କିପରି ପ୍ରତିକାର କରାଯିବ ଏ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପରେ ଜନସାଧାରଣଙ୍କଠାରୁ ମତାମତ ଲୋଡ଼ା ଯାଇଥିଲା। ପାରିପାର୍ଶ୍ୱିକ ଗ୍ରାମ ପକ୍ଷରୁ ସମାଜସେବୀ ଆନନ୍ଦ ବାରିକ, କୋଇଡା ବ୍ଲକ ଚେୟାରମ୍ୟାନ ସୁରେଶ ନାଏକ, ବଣାଇ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ବିଜେଡି ସମ୍ପାଦକ ରବିନାରାୟଣ ମିଶ୍ର, କୋଇଡା ପୂର୍ବତନ ଜିଲା ପରିଷଦ ସଭ୍ୟ ପରମେଶ୍ୱର ନାଏକ, ସନ୍ତୋଷ ସାହୁ, ଶ୍ରମିକ ନେତା ପ୍ରଫୁଲ୍ଲ ସାମଲ, ସନ୍ତୋଷ ବାରିକ, ସୋନୁ ପଲେଇ, ରବିନ୍ଦ୍ର ପାତ୍ର, ବିଜେଡି ସଭାପତି କରୁଣାକର ପାତ୍ର, ମଦନ ଘଣା, ମାଧବ ସେଠୀ, ବଣାଇ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, କୋଇଡା ସରପଞ୍ଚ ହୃଷିକେଶ ଦେହୁରୀ, କଂଗ୍ରେସ ନେତା ରାଜକିଶୋର ପାତ୍ର, କୋଇଡା ପୂର୍ବତନ ସରପଞ୍ଚ ସନ୍ଧ୍ୟାରାଣୀ ନାଏକ, ବିଶ୍ୱାଳ ଆପଟ, କ୍ରିଟିନାର ମୁଣ୍ଡା ସମେତ ଚାନ୍ଦିପୋଷି ଖଣି ପାଇଁ ୪୫ରୁ ଉର୍ଦ୍ଧ୍ୱ, ପୁରେଇବାହାଲ ଖଣି ପାଇଁ ୪୦ରୁ ଉର୍ଦ୍ଧ୍ୱ ଜନସାଧାରଣ ରୁଙ୍ଗଟା ମାଇନ୍ସ ପ୍ରାଇଭେଟ ଲିମିଟେଡ଼ର ଦୁଇଟି ନୂଆଖଣି ଖୋଲିବା ସପକ୍ଷରେ ମତାମତ ଦେଇଥିଲେ। ଏହି ଖଣି ଦୁଇଟି ଚାଲିଲେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ଗ୍ରାମକୁ ପାନୀୟଜଳ, ବିଜୁଳି, ଆମ୍ବୁଲାନ୍ସ ଯୋଗାଣ, ରାସ୍ତାଘାଟର ଉନ୍ନତିକରଣ, ଖେଳପଡ଼ିଆର ଉନ୍ନତିକରଣ, ଅଧିକ ବୃକ୍ଷ ରୋପଣ, ଗ୍ରାମରେ ଶିକ୍ଷକ ନିଯୁକ୍ତି ଆଦିକୁ ଗ୍ରାମବାସୀମାନେ ଦାବି କରିଥିଲେ। ଖଣି ଚାଲିଲେ ପର୍ଯ୍ୟାୟକ୍ରମେ ସମସ୍ତ ଦାବିକୁ ପୂରଣ କରାଯିବ ବୋଲି ରୁଙ୍ଗଟା ମାଇନ୍ସ ପ୍ରାଇଭେଟ ଖଣିର ଯୁଗ୍ମ ସଭାପତି ଅନନ୍ତ ଶଙ୍କର ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ। ରୁଙ୍ଗଟା ସନ୍ସ ପକ୍ଷରୁ ନିର୍ଦ୍ଦେଶକ ହୀରକ ମଜୁମଦାର, ପ୍ରଶାସନ ବିଭାଗର ସଭାପତି ରାମୁ ଅଗ୍ରୱାଲ, ଲୋଜିଷ୍ଟିକ ମୁଖ୍ୟ ରାମପାଲ ଚୌଧୁରୀ, ଜିଏମ ସୁବାସ ପ୍ରଧାନ, ସିଏସଆରର ମୁଖ୍ୟ ଏଲ ଏନ ରାଉତ, ବି.ଆର ମିଶ୍ର, ଆନନ୍ଦ ଶୁକ୍ଳା, ବିଷ୍ଣୁପଦ ସଡ଼ଙ୍ଗୀ ଯୋଗ ଦେଇଥିଲେ।

# ଜାଙ୍ଗଲୀ ଗାଁରେ ବେଙ୍ଗବେଙ୍ଗୁଲୀ ବିବାହ



ଜାଙ୍ଗଲୀ ଗ୍ରାମବାସୀ ବେଙ୍ଗବେଙ୍ଗୁଲୀ ବିବାହ କରାଉଛନ୍ତି।

**ବଡ଼ଗାଁ, ୩।୮(ଡି.ଏନ୍.ଏ.)**

## ପାଣି ପାଇଁ ହାହାକାର

ଶ୍ରାବଣର ଝଡିବର୍ଷା ଓ ବେଙ୍ଗମାନଙ୍କ ରଡି ଚଳିତବର୍ଷ ଶ୍ରାବଣରେ ଶୁଣାଗଲା ନାହିଁ। ଚାରିପଟେ ମାଟି ଶୁଖିଲା। ଗୁଳୁଗୁଳି ଓ ଖରା ଗ୍ରୀଷ୍ମ ଋତୁର ଭ୍ରମ ସୃଷ୍ଟି କରୁଛି। ଚାଷୀ ବିଲକୁ ଦେଖି ହତାଶ ହେଲେଣି। କଳାହାଣ୍ଡିଆ ମେଘ ଘୋଟି ଆସୁଛି, ହେଲେ ବର୍ଷା ବୁନ୍ଦାଏ ପଡୁନି। ଜୁନରୁ ଏଯାଏ ମାତ୍ର କେଇ ଅସରା ବର୍ଷା ଯୋଗୁ ଚାଷ କାମ ହୋଇପାରୁନାହିଁ। ପାଣି ପାଇଁ ଏକ ପ୍ରକାର ହାହାକାର ପଡ଼ିଯାଇଛି। ଚାଷ କାମ ହୋଇ ନ ପାରିବା ଆଶଙ୍କାରେ ଚାଷୀ ଚିନ୍ତିତ ହୋଇପଡ଼ିଛନ୍ତି। ତେଣୁ ହତାଶ ଚାଷୀକୁଳ ପାରମ୍ପରିକ ଉପାୟ ଅବଲମ୍ବନ କରୁଥିବା ଦେଖାଯାଇଛି। କେଉଁଠି ଇନ୍ଦ୍ର ଦେବତାଙ୍କ ପୂଜା ତ କେଉଁଠି ବେଙ୍ଗବେଙ୍ଗୁଲି ବିବାହ କରି ବର୍ଷା ହେବାର ଆଶା ରଖିଛନ୍ତି ଚାଷୀ। ବୁଧବାର ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜାଙ୍ଗଲୀ ଗ୍ରାମରେ ଗ୍ରାମବାସୀ ବର୍ଷା ଆଶାରେ ବେଙ୍ଗବେଙ୍ଗୁଲି ବିବାହ କରାଇଛନ୍ତି। ବେଙ୍ଗୁଲିର ପିତାମାତା ଭାବେ ପୁରୁଷୋତ୍ତମ ସା ଓ ପୁଷ୍ପଲତା ଏବଂ ବେଙ୍ଗର ପିତାମାତା ଭାବେ ବିଶେଶ୍ୱର ପୃଷେଟ ଓ ରୋହିଣୀ ଥିଲେ। ବେଙ୍ଗବେଙ୍ଗୁଲିଙ୍କ ବିବାହ କରାଇଥିଲେ। ମଧ୍ୟାହ୍ନରେ ଗୌନ୍ତିଆ ଦାମୋଦର ସା ଓ ମହେନ୍ଦ୍ର ବେହେରାଙ୍କୁ ବରଣ କଲାପରେ କନ୍ୟାପକ୍ଷର ଲୋକେ ଯାଇ ବରପକ୍ଷଙ୍କୁ ବରଣ କରିଥିଲେ। ଏହା ପରେ ମହିଳାମାନେ ବେଙ୍ଗବେଙ୍ଗୁଲିଙ୍କୁ ବିବାହ ପାଇଁ ମଣ୍ଡପକୁ ନେଇଥିଲେ। ମଣ୍ଡପରେ ବଡ଼ଗାଁର ପଣ୍ଡିତ ସୋନୁ ପାଣିଗ୍ରାହୀଙ୍କ ଦ୍ୱାରା ବିବାହ କରାଇଥିଲେ। ଟଙ୍କଧର ବେହେରା, ଦୁଃଖବନ୍ଧୁ ବେହେରା, ଲବଣୀ ପୃଷେଟ, ମହେନ୍ଦ୍ର ବେହେରା, ଲାଲିନ୍ଦ୍ର ସା, ଘନଶ୍ୟାମ ସା ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

# ଆର୍‌ଏସ୍‌ପିର ନୂତନ ପ୍ଲେଟମିଲ ସ୍ମାରକୀ ଉନ୍ମୋଚିତ

**ରାଉରକେଲା ଅଫିସ,୩।୮**




ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ନୂତନ ପ୍ଲେଟ ମିଲରୁ ୫ ନିୟୁତ ଟନ ପ୍ଲେଟ ଉତ୍ପାଦନ ଉପଲକ୍ଷେ ଉକ୍ତ ମିଲରେ ଏକ ଭବ୍ୟ ସମାରୋହ ଆୟୋଜନ କରାଯାଇଥିଲା। ବୁଧବାର ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୫ ନିୟୁତ ଟନ ସ୍ମାରକୀ ପଞ୍ଚକୋଣକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍.ଆର ସୂର୍ଯ୍ୟବଂଶୀ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି.କେ ସାହୁ, ସାମଗ୍ରୀ ବନ୍ଧନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍.ତ୍ରିପାଠୀ, ବିତ୍ତ ଲେଖା ବିଭାଗର ସିଜିଏମ ଇନଚାର୍ଜ ଏ.କେ ବେହୁରିଆ ଓ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ନିଜର ଉଦ୍‌ବୋଧନରେ ଭୌମିକ ଏହି ମାଇଲ ଖୁଣ୍ଟକୁ ଅତିକ୍ରମ ନିମନ୍ତେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ ଯେ, ନୂତନ ପ୍ଲେଟମିଲ ଓ ସମସ୍ତ ସହଯୋଗୀ ବିଭାଗଙ୍କ ଯୋଗଦାନ ଓ ଅକ୍ଲାନ୍ତ ପରିଶ୍ରମ ଯୋଗୁ ଏହି ସଫଳତା ହାସଲ ହୋଇପାରୁଛି। ଆସନ୍ତୁ ଏହି ପ୍ରଦର୍ଶନ ଧାରାକୁ ବଜାଇ ରଖି ଆଗାମୀ ଦିନରେ ସଫଳତା ନୂତନ ଶିଖର ଆରୋହଣ କରିବା ସହ ଆରଏସ୍‌ପିର ବହୁ ଉନ୍ନତି ଆଣିବ ବୋଲି ଆହ୍ୱାନ ଦେଇଥିଲେ।

# ବିରିଙ୍ଗାଟୋଲିରେ ବର୍ଷା ପାଇଁ ଇନ୍ଦ୍ରପୂଜା

**କୁତ୍ରା, ୩।୮ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକରେ ବର୍ଷା ଅଭାବରୁ ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ବର୍ତ୍ତମାନ କୁତ୍ରା ବ୍ଲକର ୧୬ଟି ଯାକ ପଞ୍ଚାୟତରେ ଚାଷକାମ ବନ୍ଦ ହୋଇଛି। ବିଭିନ୍ନ ଗ୍ରାମରେ ଇନ୍ଦ୍ର ଦେବତାଙ୍କୁ ଖୁସି କରିବା ପାଇଁ ଚାଲିଛି ପୂଜାର୍ଚ୍ଚନା। ସେହି କ୍ରମରେ ବୁଧବାର କୁତ୍ରା ବ୍ଲକ ଅନ୍ତର୍ଗତ ବିରିଙ୍ଗାଟୋଲି ଗ୍ରାମରେ ଉତ୍କଟ ଜଳାଭାବ ଯୋଗୁ ମରୁଡିର ଆଶଙ୍କା ଦେଖାଦେଇଛି। ସେଇଥି ପାଇଁ ଗ୍ରାମର ଗଉଁତିଆ କୌଶିକ ଦାନୀଙ୍କ ନେତୃତ୍ୱରେ ଗ୍ରାମବାସୀ ଇନ୍ଦ୍ରଙ୍କ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଛି। ଏଥିରେ ପୂଜକ ବିରେନ୍ଦ୍ର ପାଣିଗ୍ରାହୀ ହୋମଯଜ୍ଞ କରି ଘୃତାହୁତି ପ୍ରଦାନ କରିଥିଲେ। ଏହି ଅବସରରେ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଲୋକେ ମୌସୁମୀ ବର୍ଷାକୁ ଅପେକ୍ଷା କରିଥିଲେ ହେଁ ବର୍ଷାର ଲୁଚକାଲିଖେଳ ଯୋଗୁ ସମସ୍ତେ ଚାଷ କାମ କରିପାରିନାହାନ୍ତି। ସମଗ୍ର କୁତ୍ରା ବ୍ଲକରେ ବର୍ତ୍ତମାନ ମରୁଡିର ପଦଧ୍ୱନି ଦେଖାଦେଇଛି। ବିନା ବର୍ଷାରେ ଜଳିଯାଉଛି ଧାନ ଗଛ ତଳି। ଜମି ଫାଟି ଆଁ କଲାଣି । ରୁଆ ବେଉଷଣ ଠପ ହୋଇଯାଇଛି। ଶ୍ରାବଣ ସରିବାକୁ ଯାଉଥିବାବେଳେ ବର୍ଷାର ଦେଖାନାହିଁ ।



ବିରିଙ୍ଗାଟୋଲି ଗ୍ରାମରେ ଇନ୍ଦ୍ର ପୂଜା ଚାଲିଛି।

# ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା

**ଲହୁଣୀପଡା,୩।୮(ଡି.ଏନ.ଏ.)**

## ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କ ବଣାଇଁ, ଲହୁଣୀପଡ଼ା ବ୍ଲକ ଗସ୍ତ



ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଓ ଅନ୍ୟ ଅଧିକାରୀମାନେ ଲହୁଣୀପଡ଼ା ବ୍ଲକ ଅଞ୍ଚଳ ଗସ୍ତ କରୁଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଦୁଇ ଦିନିଆ ସୁନ୍ଦରଗଡ଼ ଜିଲାଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କ୍ଷେତ୍ରସ୍ତରୀୟ ଅନୁଧ୍ୟାନ କରିଛନ୍ତି। ବୁଧବାର ସେ ବଣାଇ ଏବଂ ଲହୁଣୀପଡ଼ା ବ୍ଲକ ଗସ୍ତ କରି ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧୀନରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଛନ୍ତି। ପ୍ରକଳ୍ପସ୍ଥଳ ବୁଲି ଦେଖିବା ପରେ ତ୍ରିପାଠୀ ଗଣମାଧ୍ୟମକୁ କହିଥିଲେ ଯେ, ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଅନେକଗୁଡ଼ିଏ ଜନକଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବଣାଇ ବ୍ଲକର ଝର୍ଡ଼ପାଲ୍ଲୀଠାରେ ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଭାରିଯାନ ଚାଳନା ତାଲିମ ପ୍ରତିଷ୍ଠାନ ନିର୍ମାଣ କରାଯାଉଛି। ତ୍ରିପାଠୀ ଏହି ପ୍ରକଳ୍ପସ୍ଥଳ ପରିଦର୍ଶନ କରିଥିଲେ। ବଣାଇସ୍ଥିତ ସୁଦକ୍ଷ କେନ୍ଦ୍ର ପରିଦର୍ଶନ କରି ତାଲିମ ବିଷୟରେ ଛାତ୍ରୀଛାତ୍ର ଏବଂ ପ୍ରଶିକ୍ଷକମାନଙ୍କ ସହ କଥା ହୋଇଥିଲେ। ଏହାପରେ ସେ ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଅଧୀନରେ ପରିଚାଳିତ ତାଲିମ କେନ୍ଦ୍ର ପରିଦର୍ଶନ କରିଥିଲେ। ବଣାଇଁ ବ୍ଲକର ବଇଦପାଲିସ୍ଥିତ ଏସଟି/ଏସସି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ଲହୁଣୀପଡ଼ ବ୍ଲକର ଖୁଣ୍ଟଗାଁ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଯାଇ ସ୍ମାର୍ଟ କ୍ଲାସରୁମ୍, ଆଧୁନିକ ବିଜ୍ଞାନାଗର, ଲାଇବ୍ରେରି ଆଦି ବୁଲି ଦେଖିଥିଲେ। ଲହୁଣୀପଡ଼ା ବ୍ଲକର ପୋଇଗାଁସ୍ଥିତ ମା'ଗୃହ ପରିଦର୍ଶନ କରି ଗର୍ଭବତୀ ଓ ପ୍ରସୂତି ମା'ଙ୍କୁ ମିଳୁଥିବା ବିଭିନ୍ନ ସେବା ବିଷୟରେ ସିଧାସଳଖ ସେମାନଙ୍କୁ ପଚାରି ବୁଝିଥିଲେ। ଏହି ଗସ୍ତ ବେଳେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସିଇଓ ଡକ୍ଟର ଅଜିତ କୁମାର ମିଶ୍ର, ସୁନ୍ଦରଗଡ଼ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭୈରବ ସିଂ ପଟେଲ, ବଣାଇ ଡିଏଫଓ ସନତ କୁମାର ଏନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବୈଷୟିକ ପରାମର୍ଶଦାତା ସୁନିଲ ନାୟକ, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗର ଉପନିର୍ଦ୍ଦେଶକ ଡକ୍ଟର ବିଜ୍ଞାନାନନ୍ଦ ମହାନ୍ତି ଏବଂ ସହକାରୀ ନିର୍ଦ୍ଦେଶକ ପ୍ରଦୀପ କୁମାର ତିର୍କୀ, ବଣାଇ ଉପଜିଲାପାଳ ସୁରଞ୍ଜନ ସାହୁ, ବଣାଇ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଲଲାଟ କୁମାର ଲୁହା ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।






# ଭାରତୀୟ ମହିଳା ହକି ଦଳ ସେମିଫାଇନାଲରେ

**ବିର୍ମିଂହାମ, ୩।୮:** କାନାଡାକୁ ୩-୨ ଗୋଲରେ ପରାସ୍ତ କରି ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ହକି ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ଭାରତ ପାଇଁ ଏହି ମ୍ୟାଚ୍ କର ବା ମର ପରସ୍ଥିତି ସୃଷ୍ଟି କରିଥିଲା। ସେମିଫାଇନାଲ ପ୍ରବେଶ ପାଇଁ ନିଶ୍ଚିତ ବିଜୟ ଆବଶ୍ୟକ ଥିବା ବେଳେ ଭାରତୀୟ ଦଳ ଅନ୍ତିମ କ୍ୱର୍ଟେରରେ ଲାଲରେଶମୀଙ୍କ ନିର୍ଣ୍ଣାୟକ ଗୋଲରେ ବିଜୟୀ ହୋଇଥିଲା। ନିଶ୍ଚିତ ବିଜୟ ଲକ୍ଷ୍ୟରେ ଓହ୍ଲାଇଥିବା ଭାରତ ମ୍ୟାଚର ପ୍ରଥମ ମିନିଟରୁ ଆକ୍ରମଣ କରିଥିଲା। ତୃତୀୟ ମିନିଟରେ ସଲିମା ଟେଟେ ପ୍ରଥମ ଗୋଲ ସ୍କୋର କରିଥିଲେ। ଭାରତ ୧-୦ରେ ଆଗୁଆ ରହିଥିବା ବେଳେ ୨୨ତମ ମିନିଟରେ ଆଉ ଏକ ଗୋଲ କରିଥିଲେ ନବନୀତ କୌର। ୦-୨ରେ ପଛୁଆ ରହିବା ପରେ କାନାଡା ମଧ୍ୟ ଜବରଦସ୍ତ ଆକ୍ରମଣ କରିଥିଲା। କାନାଡା ପକ୍ଷରୁ ବ୍ରିଏନେ ଷ୍ଟେୟାର୍ସ ୨୩ ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ମ୍ୟାଚର ୩୯ ତମ ମିନିଟରେ ହାନ୍ନା ହନ୍ ଆଉ ଏକ ଗୋଲ ସ୍କୋର କରିବା ସହିତ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ଉନ୍ନତ ଗୋଲ ତାରତମ୍ୟ କାରଣରୁ କାନାଡାକୁ ସେମି ପ୍ରବେଶ ପାଇଁ ଡ୍ରର ଆବଶ୍ୟକତା ରହିଥିଲା। ମ୍ୟାଚ୍ ସାମନ୍ତର ସ୍ତରକୁ ଆସିବା ପରେ କାନାଡା ରକ୍ଷଣାତ୍ମକ ଖେଳ ଖେଳିଥିଲା। ୪୭ ମିନିଟରେ ସୋନିଆଙ୍କ ଗୋଲ ନାକଚ ହୋଇ ଯାଇଥିବା ବେଳେ ୪୯ ମିନିଟରେ ନେହା ଗୋୟଲଙ୍କ ଗୋଲକୁ ଭିଡିଓ ରେଫରାଲ ଜରିଆରେ ଖାରଜ କରିଥିଲା କାନାଡା। ୫୧ ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୁରଜିତ ଗୋଲ ସ୍କୋର କରିବାକୁ ପ୍ରୟାସ କରିଥିଲେ। ରିବାଉଣ୍ଡକୁ ଗୋଲପୋଷ୍ଟ ମଧ୍ୟକୁ ପଠାଇବା ସହିତ ଲାଲରେସମୀ ଭାରତରୁ ସେମି ଫାଇନାଲ ବର୍ଥ ପକ୍କା କରିଥିଲେ।




ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବୁଧବାର ଅନୁଷ୍ଠିତ ମ୍ୟାଚରେ ବିଜୟ ହାସଲପରେ ଉଲ୍ଲସିତ ଭାରତୀୟ ମହିଳା ଓ ପୁରୁଷ ହକି ଦଳର ଖେଳାଳି।

ତୃତୀୟ ଜନ୍ମବାର୍ଷିକ ଶୁଭେଚ୍ଛା



ଭାନ୍‌ବି ସ୍ୱାଇଁ
ଗ୍ରାମ- ଏରଡ଼ା, ନାଉଗାଁ, ଜଗତ୍‌ସିଂହପୁର
ଆଜି ତୃତୀୟ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
ଶୁଭେଚ୍ଛା ସହ- ଜେଜେ, ଜେଜେମା, ପାପା, ମାମା, ଦାଦା, ବନ୍ଧୁ ଓ ପରିବାରବର୍ଗ।
ଧ-୧୧୭୬

## ପିତାଙ୍କ ସ୍ୱପ୍ନ ପାଇଁ ୬୨ ବର୍ଷୀୟ କୋଚ୍ ହେଲେ ଖେଳାଳି

**ବର୍ମିଂହାମ୍,୩।୮ (ପି.ଟି):** ନିଜ ପିତାଙ୍କ ସ୍ୱପ୍ନ ପୂରଣ ପାଇଁ ପାଲଟିଗଲେ ଆଥଲେଟ୍। ୬୨ ବର୍ଷୀୟ ଟେବଲ ଟେନିସ କୋଚ୍ ଜଣଙ୍କ ନିଜ ପରିବାରର ପରମ୍ପରା ବଜାୟ ରଖିବା ପାଇଁ ଖେଳାଳି ଜର୍ସି ପିନ୍ଧି କୋର୍ଟକୁ ଓହ୍ଲାଇଛନ୍ତି। ଇଂଲଣ୍ଡରେ ଜନ୍ମିତ ଷ୍ଟିଭ୍ ରିଲି ଫିଜି ଟିଟି ଦଳର କୋଚ୍ ଭାବେ କାର୍ଯ୍ୟ କରନ୍ତି। ୮୪ ବର୍ଷ ପୂର୍ବେ ଷ୍ଟିଭଙ୍କ ପିତା ଜିମ୍ ୧୯୩୮ ରାଜ୍ୟଗୋଷ୍ଠୀ କ୍ରୀଡାରେ ଅଂଶଗ୍ରହଣ କରିଥିଲେ। ସେ ସମୟରେ ଏହି କ୍ରୀଡାର ନାମ ବ୍ରିଟିଶ ଏମ୍ପାୟାର ଗେମ୍‌ସ ରହିଥିଲା। ୧୯୩୬-୪୩ ଯାଏଁ ଜିମ୍ ସ୍କଟଲାଣ୍ଡ ପକ୍ଷରୁ ବକ୍ସିଂ କରୁଥିଲେ। ଜିମ୍ ରିଲି ଯେଉଁ ପୋଷାକ ପିନ୍ଧି ୧୯୩୬ ବକ୍ସିଂ ଚାମ୍ପିୟନଶିପ୍ ପଦକ ଜିତିଥିଲେ ସେହି ପୋଷାକ ସହିତ ମ୍ୟାଚ୍ ଖେଳିବେ ଷ୍ଟିଭ୍।

ପିତା ଜଣେ ବକ୍ସର ରହିଥିବା ବେଳେ ଷ୍ଟିଭ୍‌ଙ୍କୁ ବକ୍ସିଂ ସମେତ ବିଭିନ୍ନ ଖେଳରେ ପ୍ରଶିକ୍ଷଣ ମିଳୁଥିଲା। ଟିଟି ତାଙ୍କୁ ବେଶ ପସନ୍ଦ ଆସିଥିବା ବେଳେ ରୟାଲ ନାଭିରେ କାର୍ଯ୍ୟକରିବା ସମରେ ନିଜ ଟିଟି ଦକ୍ଷତାର ବିକାଶ କରିଥିଲେ। ୧୭ ବର୍ଷ ବୟସରୁ ନୌସେନାରେ କାମ କରୁଥିବା ବେଳେ ୨୨ ବର୍ଷ ସେବା କରିଥିଲେ। ନୌସେନା ଛାଡିବା ପରେ ଜଣେ ଡାଇଭର ଭାବରେ ପ୍ରଶିକ୍ଷଣ ଦେବା ଆରମ୍ଭ କଲେ। ଏହି ସମୟରେ ଏକ ଚୁକ୍ତିଭିତ୍ତିକ ଚାକିରିରେ ଫିଜିକୁ ଯାଇଥିବା ବେଳେ ୨୦୦୯ରେ ସେଠାକାର ସ୍ଥାୟୀ ବାସିନ୍ଦା ପାଲଟି ଗଲେ।

### ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ତାଲିକା

| ଦଳ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଅଷ୍ଟ୍ରେଲିଆ | ୪୨ | ୩୪ | ୩୪ | ୧୧୦ |
| ଇଂଲଣ୍ଡ | ୩୪ | ୩୪ | ୨୨ | ୯୦ |
| ନ୍ୟୁଜିଲାଣ୍ଡ | ୧୪ | ୮ | ୭ | ୨୯ |
| କାନାଡ଼ା | ୧୧ | ୧୬ | ୧୯ | ୪୬ |
| ଦକ୍ଷିଣ ଆଫ୍ରିକା | ୬ | ୫ | ୭ | ୧୮ |
| **ଭାରତ** | **୫** | **୫** | **୪** | **୧୪** |
| ସ୍କଟଲାଣ୍ଡ | ୪ | ୮ | ୧୬ | ୨୮ |
| ୱେଲ୍ସ | ୩ | ୨ | ୮ | ୧୩ |
| ମାଲେସିଆ | ୩ | ୨ | ୩ | ୮ |
| ନାଇଜେରିଆ | ୩ | ୧ | ୪ | ୮ |
| ସାଇପ୍ରସ୍ | ୨ | ୧ | ୪ | ୭ |
| ଉଗାଣ୍ଡା | ୨ | ୦ | ୦ | ୨ |

(ବୁଧବାର ରାତି ୧୦ଟା ସୁଦ୍ଧା)

## ଭାରତ ୮, କାନାଡା ୦

**ବର୍ମିଂହାମ୍,୩।୮ (ପି.ଟି)**

ହରମନପ୍ରୀତ୍ ସିଂ ଓ ଆକାଶଦୀପ୍ ସିଂଙ୍କ ଡବଲ୍ ଗୋଲ ସହାୟତାରେ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ହକିରେ ବୁଧବାର କାନାଡାକୁ ୮-୦ଗୋଲରେ ପରାସ୍ତ କରି ସେମି ଫାଇନାଲର ନିକଟବର୍ତ୍ତୀ ହୋଇଛି। ୱେଲ୍ସ ବିପକ୍ଷରେ ଅନ୍ତିମ ମ୍ୟାଚ ବାକି ରହିଥିବା ବେଳେ ଟେବଲ ଟପରେ ରହିଛି ଭାରତୀୟ ଦଳ। ହରମନପ୍ରୀତ୍ ସିଂ(୭ ଓ ୫୪ ମିନିଟ) ଦୁଇଟି ପେନାଲ୍ଟି କର୍ନରୁ ଗୋଲରେ ରୂପାନ୍ତରିତ ଚାଲିଥିଲା। ସେହିପରି ଆକାଶଦୀପ ସିଂ(୩୮ ଓ ୬୦ ମିନିଟ୍) ଦୁଇଟି ଚମତ୍କାର ଫିଲ୍ଡ ଗୋଲ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଓଡ଼ିଆ ଖେଳାଳି ଅମିତ ରୋହିଦାସ(୧୦ ମିନିଟ୍), ଲଳିତ ଉପାଧ୍ୟାୟ(୨୦ ମିନିଟ୍), ଗୁରଜାଣ୍ଟ ସିଂ(୨୭) ଓ ମନଦୀପ ସିଂ (୫୮ ମିନିଟ୍) ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପ୍ରଥମ ମ୍ୟାଚରେ ଭାରତ ଘାନାକୁ ୧୧-୦ରେ ପରାସ୍ତ କରିଥିଲା। ଅନ୍ୟ ପକ୍ଷରେ ଇଂଲଣ୍ଡ ବିପକ୍ଷରେ ୩-୦ରେ ଆଗୁଆ ଥିଲେ ହେଁ ସୁଯୋଗ ହାତଛଡା କରିବା ସହିତଦଳ ୪-୪ରେ ଅମୀମାଂସିତ ରହିଥିଲା।

## ବିକାଶଙ୍କୁ ୫୦ ଲକ୍ଷ ଟଙ୍କା ପୁରସ୍କାର

**ଚଣ୍ଡୀଗଡ,୩।୮ (ପି.ଟି):** ଆଉ ଜଣେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜେତାଙ୍କୁ ପୁରସ୍କୃତ କରିବା ନେଇ ପଞ୍ଜାବ ସରକାରଙ୍କ ଘୋଷଣା। ଭାରୋତ୍ତୋଳକ ବିକାଶ ଠାକୁରଙ୍କ ପାଇଁ ବୁଧବାର ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍। ୯୬ କିଗ୍ରା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଠାକୁର ମୋଟ୍ ୩୪୬ (ସ୍ନାଚ୍ ୧୫୫+କ୍ଲିନ୍ ଆଣ୍ଡ ଜର୍କ ୧୯୧) କିଗ୍ରା ଓଜନ ଉଠାଇବା ସହିତ ରୌପ୍ୟ ପଦକ ଜିତିଥିଲେ। ଏହା ଠାକୁରଙ୍କ ଦ୍ୱିତୀୟ ରାଜ୍ୟଗୋଷ୍ଠୀ ରୌପ୍ୟ ପଦକ। ପୂର୍ବରୁ ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ସେ ରୌପ୍ୟ ପଦକ ହାସଲ କରିଥିଲେ। ବିଗତ ଗୋଲ୍ଡକୋଷ୍ଟ ସଂସ୍କରଣରେ ବିକାଶ ବ୍ରୋଞ୍ଜ ଜିତିଥିଲେ। ରାଜ୍ୟର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ସୁବିଧା ଯୋଗାଇଦେବା ପାଇଁ ସରକାର ବଦ୍ଧପରିକର ବୋଲି ବିକାଶ କହିଛନ୍ତି। ସରକାରଙ୍କ କ୍ରୀଡ଼ାନୀତି ଅନୁସାରେ ଏହି ପୁରସ୍କାର ରାଶି ଘୋଷଣା କରାଯାଇଛି ବୋଲି ମାନ୍ କହିଛନ୍ତି।

## ଆନ୍ତଃସ୍କୁଲ ବାସ୍କେଟ ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

**ଭୁବନେଶ୍ୱର,୩।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ଗୋଠପାଟଣାସ୍ଥିତ ଟାଇମ୍ସ ସ୍କଲାର ଗୁରୁକୁଳରେ ଦୀର୍ଘ ୩ ଦିନ ଧରି ଖେଳାଯାଉଥିବା ବାସ୍କେଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବାଳକ ବିଭାଗରେ ୧୨ଟି ଏବଂ ବାଳିକା ବିଭାଗରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ମଦର୍ସ ପବ୍ଲିକ୍ ସ୍କୁଲ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିବା ବେଳେ ଟାଇମ୍ସ ସ୍କଲାର ଗୁରୁକୁଳ ରନର୍ସଅପ୍ ରହିଥିଲା। ବିଦ୍ୟାଳୟ ଚେୟାରମ୍ୟାନ୍ ଡ. ସାରଦା ମିଶ୍ର ମୁଖ୍ୟ ଅତିଥି ଓ ପ୍ରଶାନ୍ତ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।



ରନର୍ସ ଅପ୍ ଟାଇମ୍ସ ସ୍କଲାର ଗୁରୁକୁଳ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଶ୍ରୀ ଭୁବନେଶ୍ୱର ଦାସ
ଆବିର୍ଭାବ- ୨୧।୦୪।୧୯୫୦
ତିରୋଧାନ- ୨୫।୦୭।୨୦୨୨
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା।
ସୌଜନ୍ୟ-ସାଗରଗୁଆଁ ଉଚ୍ଚ ବିଦ୍ୟାଳୟର ପୁରାତନ ଏବଂ ବର୍ତ୍ତମାନର ଛାତ୍ରଛାତ୍ରୀ ବୃନ୍ଦ

## ସିକାଗୋକୁ ହରାଇଲା ଚୌଦ୍ୱାର

**ଭୁବନେଶ୍ୱର, ୩।୮ (କ୍ରୀଡ଼ା ପ୍ରତିନିଧି):** ଇଣ୍ଡିଆନ୍ ଅଏଲ୍ ପ୍ରାୟୋଜିତ ପ୍ରିଜନ୍ ଟୁ ପ୍ରାଇଡ୍ ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ କାରାଗାର ଚେସ୍‌ରେ ଆମେରିକାର ସିକାଗୋକୁ ୩-୧ରେ ଚୌଦ୍ୱାର ପରାସ୍ତ କରିଛି। ଚେସ୍ ଖେଳ ମାଧ୍ୟମରେ ଜେଲରେ ଥିବା ଅନ୍ତେବାସୀମାନଙ୍କର ମାନସିକ ଓ ବୌଦ୍ଧିକ ବିକାଶ ସହ ସମାଜର ମୁଖ୍ୟସ୍ରୋତରେ ସାମିଲ ଉଦ୍ଦେଶ୍ୟରେ ଚେସ୍ ଡଟ୍ କମ୍ ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। ଅନ୍ତର୍ଜାତୀୟ କାରାଗାର ଚେସ୍ ପାଇଁ ଏହା ପୂର୍ବରୁ ଭାରତର ୨୧ଟି କାରାଗାର ମଧ୍ୟରେ ପ୍ରତିଯୋଗିତା ହୋଇଥଲା।

**ପ୍ରିଜନ ଟୁ ପ୍ରାଇଡ୍ ଚେସ୍**

ଫାଇନାଲରେ ବରୋଦାକୁ ହରାଇ ଭାରତର ଚୌଦ୍ୱାର ସର୍କଲ କାରାଗାର ସିକାଗୋ କାରାଗାର ବିପକ୍ଷରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଚୌଦ୍ୱାର ପକ୍ଷରୁ ନିରଞ୍ଜନ ବେହେରା, କୃଷ୍ଣପ୍ରିୟା ସିଂ, ସାଗର ସ୍ୱାଇଁ ଓ ସିଦ୍ଧାର୍ଥ ପୃଷ୍ଟି ପ୍ରତିନିଧିତ୍ୱ କରିଥିଲେ। ଗ୍ରାଣ୍ଡମାଷ୍ଟର ଅଭିଜିତ୍ କୁନ୍ତେ, ଆଇଓସିଏଲ୍‌ର ବରିଷ୍ଠ ଅଧିକାରୀ ବି. ଜି. ଯୋଗେଲକର, ମୟୂର କାଦେରକର ଏବଂ ରାକେଶ କୁଲକର୍ନିଙ୍କ ସହଯୋଗରେ ପ୍ରତିଯୋଗିତା ହୋଇଥିଲା। ବିଜୟୀ ପ୍ରତିଯୋଗୀଙ୍କୁ ଭାରତୀୟ ତୈଳ ନିଗମର ଜାତୀୟ ଅଧକ୍ଷ ଏସ୍.ଏମ୍. ବୈଦ୍ୟା ଅଭିନନ୍ଦନ ଜଣାଇଛନ୍ତି।

GOVERNMENT OF ODISHA No. C-938
OFFICE OF THE EXECUTIVE ENGINEER
P.H. DIVISION, SAMBALPUR
Phone No.: (0663) 2412135, Email ID: eephdsbp@gmail.com
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. SEPHSBP-04/2022-23 Dt.01.08.2022
01. Name of the Work : 1 No. Work
02. Type of Bid : Single Bid System
03. Estimated Cost : Rs.26.24 lakhs
04. Period of Completion : 3 (Three) Calendar Months
05. Date & time of availability of bid document in the portal : From 11.00 A.M. of Dt.08.08.2022 to 5.00 P.M. of 20.08.2022
06. Last date/time of receipt of bids in the portal : 5.00 P.M. of 20.08.2022
07. Date & time of opening of Technical Bids : At 11.30 A.M. of 22.08.2022
08. Name and address of the Officer Inviting Bid : Superintending Engineer, P.H. Division, Sambalpur, Brooks' Hill, Near Stadium, At/P.O.: Motijharan, Dist.- Sambalpur - 768 001
Further details can be seen from the website **http://tenders.ori.nic.in or www.tendersorissa.gov.in**.
Sd./- Superintending Engineer
P.H. Division, Sambalpur
OIPR-13026/11/0005/2223

GOVERNMENT OF ODISHA No. B-431
OFFICE OF THE CHIEF CONSTRUCTION ENGINEER
JEYPORE (R&B) CIRCLE, JEYPORE
e-mail ID: supenger_rbjyp@yahoo.co.in, Phone No.: 06854-231528
INVITATIONS FOR BIDS (IFB)
Bid Identification No. C.C.E.J.C. (R&B) - 07/2022-23
No. 3116 Date: 28.07.2022
1. Nature of the Work : Building Works
2. Total No. of Works : 03 (Three) Nos.
3. Estimated Cost : Rs.101.36 lakhs to 499.16 lakhs as per works
4. Period of Completion : 06 (Six) Months to 10 (Ten) Months
5. Cost of Bid document : Rs.10,000/- each
6. Bid Security (EMD) : Bid Security Declaration (Schedule-K)
7. Class of Contrator : "B", "A" & "Special" Class according to works
8. Date & time of availability of bid document in the portal : From 10.00 hours of 06.08.2022 to 17.00 hours of 25.08.2022
9. Last date/time for receipt of bids in the portal : 17.00 hours of 25.08.2022
10. Opening date of Bid : 10.00 hours of 26.08.2022
11. Name and address of the Officer Invting Bid : Chief Construction Engineer, Jeypore (R&B) Circle, Jeypore
Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only.
OIPR-34108/11/0008/2223 Sd./- Chief Construction Engineer
Jeypore (R&B) Circle, Jeypore

Government of Odisha No. O-771
OFFICE OF THE SUPERINTENDING ENGINEER
RURAL WORKS DIVISION, JHARSUGUDA
Email: eerw_jharsuguda@yahoo.co.in, Tel.: 06645-271643
Bid Identification No. Online - SEJSG - 02 of 2022-23
NOTICE INVITING TENDER FOR ROAD WORKS IN ODISHA
NATIONAL COMPETITIVE BIDDING THROUGH e-Procurement
1. Name of the Work : Road works as per DTCN available in the **www.tendersorissa.gov.in**
2. Total No. of Work : 02 (Two) Nos.
3. Estimated Cost : Rs.15.66 lakhs to Rs.17.75 lakhs
4. Period of Completion : 2 (Two) Calendar Months
5. Period and time of availability of bid document in the portal for bidding : Dt.05.08.2022 at 11.00 A.M. to 16.08.2022 upto 05.00 P.M.
6. Date and time of bid opening : Dt.17.08.2022 at 11.00 A.M.
7. Name and address of the Officer Inviting Bid : S.E., R.W. Division, Jharsuguda
1) Other details can be seen from detailed notice inviting tenders, available in website **www.tendersorissa.gov .in**.
2) Corrigendum if any shall only be published in the above website.
Sd./- Superintending Engineer
R.W. Division, Jharsuguda
OIPR-25104/11/0003/2223

OFFICE OF THE DISTRICT & SESSIONS JUDGE, ANGUL
RECRUITMENT YEAR 2022-23
Advertisement No. 01, Dated-02.08.2022
(For the post of Jr.Clerk-cum-Copyist, Jr.Typist and Stenographer Grade-III.)
**No.W-51:**Applications in the prescribed format are invited from the eligible candidates for filling up the posts of Jr.Clerk-cum-Copyist, in the scale of pay (Level 4 Rs.19,900/-63,200/-),Jr. Typist in the scale of pay (Level 4 Rs.19,900/-63,200/-) and Stenographer Grade-III in the scale of pay (Level 7 Rs. 25,500/-81,100/-) with usual D.A and other allowances, as admissible to the Government employees from time to time as per the ORSP Rules, 2017 on regular basis subject to the result of W.P© No. 1273 of 2014 of the Hon'ble Court. **The last date of receipt of application is fixed to 01.09.2022 by 5.00 P.M.**
For details of advertisement as regards applications form, eligibility criteria, scheme of examination along with details of syllabus etc, please visit our District Court website https://districts.ecourts.gov.in/angul or https://angul.nic.in/.
Sd./- Chairman-cum-District Judge
Recruitment Committee, Angul.
OIPR-18012/11/0004/2223

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, DHARMAGARH
Tel.: 06672295251, Email: rw_dharmagarh@yahoo.com
BID IDENTIFICATION No. DMGH/Online-05 of 2022-23 Date: 02.08.2022
"e" PROCUREMENT NOTICE
No. O-773: Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.
1. Name of the work : Road works in the district of Kalahandi as mentioned in DTCN
2. Total No. of works : 01 No.
3. Estimated Cost : Rs.13.25 lakhs
4. Period of Completion : 01 Calendar Month
5. Other details :

| Availability of Tender Online for Bidding | | Last date & time seeking tender clarification | Date & time of Opening of Tender |
|---|---|---|---|
| From | To | | |
| 06.08.2022 at 10.00 A.M. | 17.08.2022 upto 5.00 P.M. | 16.08.2022 upto 5.00 P.M. | 19.08.2022 At 11.00 A.M. |

Further details can be seen from the website **www.tendersorissa.gov.in**.
Sd./- Executive Engineer
Rural Works Division, Dharmagarh
OIPR-25100/11/0005/2223

Government of Odisha "e" procurement Notice
Bid Identification No. PWDK- 12/2022-23
No.B-429:- No. G2/ 5527 Dt. 26 .07.2022
e-mail : eepwdkeonjhar@yahoo.com

| | | | |
|---|---|---|---|
| 1 | No. of the work | : | 03 Nos. Building Work. |
| 2 | Estimated cost | : | From Rs.9.08 lakhs to Rs.50.55 lakhs |
| 3 | Period of completion | : | 6 (Six) calendar months |
| 4 | Date and time of availability of bid document in the portal | : | From 10.00 hr. 05.08.2022 to 17.00 hr. of 16.08.2022 |
| 5 | Last date / time for receipt of bids in the portal | : | 17.00 hr. of 16.08.2022 |
| 6 | Date of opening of bid from portal | : | 11.30 hr. of 17.08.2022 |
| 7 | Name and address of the officer inviting bid | : | Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal "http://tendersodisha.gov.in"
Sd./- S.K. Behera
Superintending Engineer, Keonjhar (R&B) Division
OIPR-34004/11/0003/2223

See Career Appointment on every Wednesday & Saturday

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

India's No.1 Company
ପ୍ରଥମ ଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ
Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 80,000,00/-
ପାଆନ୍ତୁ ଓ ମାସକୁ
ଭଡା 80,000/-
ଟଙ୍କା ପାଆନ୍ତୁ +
ବାଇକ୍ ପାଆନ୍ତୁ



Bansal Tower B Wing, Bangalore, Karnataka-400021.
Call or SMS
7735130553

DHANLAXMI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି,
BPL, IIT ଭରା, କୁକୁଡାପାଳନ,
ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
4% ସୁଧ ଏବଂ 50% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
8902403044

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଅପେରା ହାଲ୍‌ଚାଲ୍

# କଥା କର୍ତ୍ତବ୍ୟର


ଲୋପାମୁଦ୍ରା-ନାରାୟଣ

ଜନ୍ମ ଦେଇଥିବା ପିଲାଙ୍କ ପ୍ରତି ମା'-ବାପାଙ୍କର କର୍ତ୍ତବ୍ୟ ରହିଛି। ଶିଶୁଟିଏ ଜନ୍ମ ନେବା ପରେ ତାକୁ ଲାଳନପାଳନ କରି ବଡ଼ କରିବା ସହ ତା' ପାଖରେ ଛାଇ ଭଳି ଠିଆ ହୋଇଥାଆନ୍ତି। ହେଲେ ପିଲାଙ୍କର ମଧ ମା'-ବାପାଙ୍କ ପ୍ରତି କିଛି କର୍ତ୍ତବ୍ୟ ରହିଛି। ବାସ୍, ଏଭଳି ଏକ କାହାଣୀକୁ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ବୋଉର ହାତବାକ୍ସ'ରେ। ବରିଷ୍ଠ ଅଭିନେତା ତଥା ନିର୍ଦ୍ଦେଶକ ନାରାୟଣ ପତି ଏହାର ନିର୍ଦ୍ଦେଶନା ଦେବା ସହ ସେଥିରେ ବାପା ଭୂମିକାରେ ଅଭିନୟ କରିଛନ୍ତି। 'ଏହି ଫିଲ୍ମର କାହାଣୀ ବେଶ୍ ବଳିଷ୍ଠ। ତାହାକୁ ଉପସ୍ଥାପନା କରିବା ସମୟରେ ମୁଁ ସବୁଦିଗ ପ୍ରତି ଦୃଷ୍ଟି ଦେଇଛି। କାରଣ ଏହି ଫିଲ୍ମରେ ଅନେକ ସୋସିଆଲ ମ୍ୟାସେଜ ରହିଛି, ଯାହାକୁ ଦର୍ଶକ ହୃଦୟଙ୍ଗମ କରିବା ଦରକାର ବୋଲି କହନ୍ତି ନାରାୟଣ।' ସଞ୍ଜୟ ଦାସଙ୍କ ନିବେଦିତ ତଥା ଚାଇରୋସନା ଫିଲ୍ମସ ପ୍ରଡକ୍ସନ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ଡ. ଆରତି ପାଇଯୋଶୀଙ୍କ କାହାଣୀକୁ ଆଧାରକରି ଏହାର ଚିତ୍ରନାଟ୍ୟ ମଧ ରଚନା କରିଛନ୍ତି ନାରାୟଣ। ଏହି ଫିଲ୍ମରେ ଓଡ଼ିଆ ଘରର ଚଳଣି ଓ ପରମ୍ପରାର ଝଲକ୍ ଦେଖିବାକୁ ମିଳିବ। ଏଥିରେ ଲୋପାମୁଦ୍ରା ମିଶ୍ର, ସୁଶ୍ରୀ ଏବଂ ରାଜେଶ ପଣ୍ଡା ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତ। ସିନେମାଟି ଖୁବ୍‌ଶୀଘ୍ର ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ ସୂଚନା ଦିଆଯାଇଛି। ଏହାର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।

# ଅପଡେଟ୍ କାହାଣୀ ଚଏସ କରିଥାଏ


ମହେଶ ହାଜରା

'ବର୍ତ୍ତମାନ ସାମ୍ପ୍ରତିକ ଘଟଣାବଳୀକୁ ନେଇ ସୁନ୍ଦର ତଥା ଦର୍ଶକଙ୍କ ମନକୁ ଛୁଇଁଲା ଭଳି ନାଟକଟିଏ ରଚନା କରାଯାଇପାରିବ। ତେଣୁ ମୁଁ ସବୁବେଳେ ଅପେଡେଟ୍ କାହାଣୀ ଚଏସ୍ କରିଥାଏ। ହୁଏତ ଏଭଳି ବିଷୟବସ୍ତୁକୁ ବୁଝିବାକୁ ଦର୍ଶକ କିଛି ସମୟ ନେଇପାରନ୍ତି, ହେଲେ ଅନ୍ୟ ନାଟକଠାରୁ ଏହି ନାଟକଗଡ଼ିକ ନିଶ୍ଚୟ ଭିନ୍ନ ବୋଲି କହନ୍ତି ଜଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ନିର୍ଦ୍ଦେଶକ ମହେଶ ହାଜରା।' ଚଳିତ ଯାତ୍ରା ସିଜନରେ ତାଙ୍କ ନିର୍ଦ୍ଦେଶନାରେ ଚାରୋଟି ନାଟକ-'ବଞ୍ଚି ପାରିବିନି ତୋ ବିନା', 'ଦେ ରେ ଧରା ମୋ ଦୁଃଖ ପାସୋରା' (ଚକୋଲେଟ୍ ରଙ୍ଗମଞ୍ଚ), 'ତୋ ପ୍ରେମରେ ବନ୍ଧା ମୋ ରଜନୀ ଗନ୍ଧା' (ଅପେରା ସୂର୍ଯ୍ୟମନ୍ଦିର) ଏବଂ ଜାରଜ ଜହର ନୁହେଁ କାହାର (ଯାତ୍ରା ରଙ୍ଗମହଲ)ର ମଜା ଦର୍ଶକ ନେଇପାରିବେ। ଛୋଟ ପରଦାରେ 'ତପସ୍ୟା', 'ଦୁର୍ଗା', 'ମାୟା' ଏବଂ 'ପ୍ରେମ କୁହୁକ' ପରି ମେଗା ଧାରାବାହିକରେ ନିର୍ଦ୍ଦେଶନା ଦେବା ପରେ ସେ ଏଣ୍ଟ୍ରି କରିଥିଲେ ଯାତ୍ରା ଜଗତରେ। ବାଘାଯତୀନ ଲୋକନାଟ୍ୟର ସୁପରହିଟ୍ ନାଟକ 'ମୃତ୍ୟୁଦଣ୍ଡ'ରୁ ଆରମ୍ଭ ହୋଇଥିଲା ମହେଶଙ୍କ ଅପେରା ନିର୍ଦ୍ଦେଶନା। ତା'ପରେ ଏହି ପାର୍ଟିର 'ସୀତାର ଜଳୁଛି ଚିତା' ନାଟକଟି ଶ୍ରେଷ୍ଠ ନାଟକ ଭାବରେ ପୁରସ୍କୃତ ହୋଇଥିଲା। ଏହାସହ ପରିବେଷିତ ହୋଇସାରିଥିବା ରଙ୍ଗମହଲର 'ଗଙ୍ଗାଠୁ ପବିତ୍ର ଗଙ୍ଗଶିଉଳି' ଏବଂ ବାଘାଯତୀନର 'ତୁ କାନ୍ଦିଲେ ମୁଁ କାନ୍ଦିବି'ର ମଧ ନିର୍ଦ୍ଦେଶନା ଦେଇସାରିଛନ୍ତି ସେ। 'ନାଟକଟିଏ ନିର୍ଦ୍ଦେଶନା ଦେବା ପୂର୍ବରୁ ମୁଁ କାହାଣୀକୁ ତନ୍ନ ତନ୍ନ କରି ତର୍ଜମା କରିଥାଏ। ପ୍ରତିଟି ଡାଏଲଗ୍‌ର ଗୁରୁତ୍ୱକୁ ଭଲ ଭାବରେ ପରଖି ନିଏ। ତା'ପରେ ନିର୍ଦ୍ଦେଶନା ମଇଦାନକୁ ଓହ୍ଲାଇଥାଏ। ଏ ପର୍ଯ୍ୟନ୍ତ ଦର୍ଶକ ମୋତେ ଯେତିକି ଭଲ ପାଇବା ଦେଇଛନ୍ତି ତାହାକୁ ମୁଁ କଦାପି ଭୁଲିପାରିବି ନାହିଁ ବୋଲି କହନ୍ତି ମହେଶ।'

# ଭୁଲନ୍ତି ନାହିଁ ତାପସୀ


ତାପସୀ

ତାପସୀ ପାନ୍ନୁ ଯେତେ ବ୍ୟସ୍ତ ରହିଲେ ମଧ ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ତାହା କ'ଣ ଜାଣିଛ ? ବ୍ୟାଡମିଣ୍ଟନ ଖେଳିବା। ଅଭିନୟ ସିନା ନିଶା ପାଲଟି ଯାଇଛି, ହେଲେ ଖେଳକୁଦଠାରୁ ସେ ନିଜକୁ ଦୂରେଇ ନେଇ ପାରିନାହାନ୍ତି। ଆଉ ଏକ ଖାସ୍ କଥା ହେଲା 'ପୁନେ-୭ ଏକ୍‌ସେ' ବ୍ୟାଡମିଣ୍ଟନ ଟିମ୍‌ର ସେ ଜଣେ ସହ-ମାଲିକାଣୀ। ଏପରି କି ତାଙ୍କର ଏହି ଟିମ୍ ପ୍ରିମିୟର ବ୍ୟାଡମିଣ୍ଟନ ଲିଗ୍‌ରେ ଅଂଶଗ୍ରହଣ କରି ସଫଳତା ହାସଲ କରିସାରିଛି। ଏ ନେଇ ତାପସୀ କହନ୍ତି, 'ସ୍କୁଲରେ ପଢ଼ିବା ସମୟରୁ ମୁଁ ବ୍ୟାଡମିଣ୍ଟନ ଖେଳିବା ଆରମ୍ଭ କରିଥିଲି। ଏବେ ଅଭିନୟ ଚାଲିଛି। ତା'ସହ ପ୍ରତିଦିନ ଯେମିତି ହେଲେ କିଛି ସମୟ ବ୍ୟାଡମିଣ୍ଟନ ଖେଳିଥାଏ।' ଭାରତନାଟ୍ୟମ୍ ଏବଂ କଥକ ନାଚିବାରେ ତାପସୀଙ୍କର ପଟୁତା ରହିଛି। ଷ୍ଟାଣ୍ଡାର୍ଡ-୪ରେ ପଢ଼ିବା ବେଳଠାରୁ ସେ ଏହି ନୃତ୍ୟ ଶିଖିଥିଲେ ଏବଂ ନିଜ ପାଠପଢ଼ା କ୍ୟାରିୟର ଭିତରେ ସେ ଅନେକ ପୁରସ୍କାର ଜିତିବାରେ ସକ୍ଷମ ହୋଇଥିଲେ। ତାମିଲ-ତେଲୁଗୁ ଫିଲ୍ମରେ ଆକ୍ଟିଂ ଆରମ୍ଭ କରିବା ବେଳେ ତାଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡ଼ିଥିଲା। ଏପରି କି ସେହି ସମୟରେ ଫ୍ଲପ୍ ସାବ୍ୟସ୍ତ ହୋଇଥିବା ଅଭିନେତାଙ୍କର ସେ ନାୟିକା ଭୂମିକାରେ ଅଭିନୟ କରିଥିଲେ। ହେଲେ ନିଜର ଦକ୍ଷତା ବଳରେ ସେ ପରବର୍ତ୍ତୀ ସମୟରେ ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଭାବରେ ନିଜକୁ ପରିଚିତ କରାଇ ପାରିଥିଲେ।

# ଟେନ୍‌ସନରେ କ୍ରିତି

କ୍ରିତି ସାନନଙ୍କର ଟେନ୍‌ସନ ଏବେ ବଢ଼ିଯାଇଛି। ଗୋଟିଏ ପଟେ 'ବେଢ଼ିୟାଁ' ରିଲିଜ ଅପେକ୍ଷାରେ ଥିବାବେଳେ 'ଗଣପଥ', 'ଆଦିପୁରୁଷ' ଏବଂ 'ଶେହେଜାଦା' ନିର୍ମାଣାଧୀନ ଅବସ୍ଥାରେ ରହିଛି। ସେପଟେ ତାଙ୍କ ହାତରେ ଆଉ କେତୋଟି ସିନେମା ରହିଛି, ଯାହାର ଶୁଟିଂ ଆରମ୍ଭ ହେବାକୁ ଯାଉଛି। ତେଣୁ କାହା ପାଇଁ କେତେବେଳେ ସମୟ ଦେବେ ସେ ନେଇ ଦୋଛକିରେ ପଡ଼ିଛନ୍ତି କ୍ରିତି। ଏପରି ସମସ୍ୟା ବିଷୟରେ ସେ କହନ୍ତି, 'ଏବେ ଦୁଇଟି ନୂଆ ସିନେମା ମୁଁ ସାଇନ୍ କରିଛି। ଏହାର ଶୁଟିଂ ଏକାଥରେ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ତେବେ ଏ ନେଇ ମୋତେ ଡେଟ୍ ଫିକ୍ସ କରିବାକୁ ପଡ଼ିବ। ଆଶା ରଖିଛି ମୋ ଅନୁରୋଧ ରକ୍ଷାକରି ପ୍ରଯୋଜନା ସଂସ୍ଥା ମୋ ସହ ସହଯୋଗ କରିବେ। ଏଥିପାଇଁ ମୁଁ ଏବେ ଟେନ୍‌ସନରେ ଅଛି।' କ୍ରିତିଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ହେରୋପନ୍ତୀ'ରୁ। ଖାସ୍ କଥା ହେଲା ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ 'ଆଇଫା' ପୁରସ୍କାର ମିଳିଥିଲା। ଚଳିତ ବର୍ଷ ମଧ 'ମିମି' ଫିଲ୍ମ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି।

କ୍ରିତି


# କାହାକୁ ଡରନ୍ତି କାଜଲ

ତେଲୁଗୁ, ତାମିଲ ଅବା ହିନ୍ଦୀ ସିନେମାରେ କାଜଲ ଅଗ୍ରୱାଲ ଜଣେ ପରିଚିତ ଅଭିନେତ୍ରୀ। ହେଲେ ସେ ଗୋଟିଏ ଜିନିଷକୁ ଭାରି ଭୟ କରନ୍ତି। ତାହା ହେଲା କୁକୁର। ଅର୍ଥାତ୍ କୁକୁରଟିଏ ଦେଖିଲେ ତାଙ୍କ ମନରେ ଭୟ ସଞ୍ଚାର ହୋଇଥାଏ। ନିକଟରେ ସେ ଏଭଳି ଅନୁଭୂତିକୁ ବଖାଣିଥିଲେ। ଏ ନେଇ କାଜଲ କହନ୍ତି, 'ଥରେ ମୁଁ ମୋର ଜଣେ ସାଙ୍ଗଙ୍କ ଘରକୁ ଯାଇଥିଲି। ତାଙ୍କ ଗେଟ୍ ପାସ୍ କରିବା ସମୟରେ ଦୁଇଟି କୁକୁର ମୋତେ ଦେଖି ଭୁକିବା ଆରମ୍ଭ କଲେ। କ'ଣ କରିବି ଜାଣିପାରିଲି ନାହିଁ। ତାଙ୍କର ଘର ସଦସ୍ୟ ମୋତେ ବୁଝାଇଲେ ଯେ 'ଆସ, ସେ କିଛି କରିବେ ନାହିଁ।' ତା'ପରେ କୁକୁର ଦୁଇଟି ବନ୍ଧା ହେବା ପରେ ମୁଁ ଘର ଭିତରକୁ ଯାଇଥିଲି। ମୋ ମନରେ ଏହି ଭୟ ଏ ପର୍ଯ୍ୟନ୍ତ ରହିଛି।'


କାଜଲ

# ଆରମ୍ଭରୁ ସଫଳତା

ନୂଆ ଓଡ଼ିଆ ସିନେମା 'ବାୟ ବାୟ ଦିଲ୍'କୁ ନେଇ ଓଲିଉଡ୍‌ରେ ଚର୍ଚ୍ଚା। ଫିଲ୍ମଟି ଜୁଲାଇ ୩୧ରେ ପରଦା ଉପରକୁ ଆସିଛି। କେବଳ ସେତିକି ନୁହେଁ, ଚିତ୍ରଟି ପ୍ରାରମ୍ଭିକ ସଫଳତା ହାସଲ କରିବା ପରେ ଏହାର ନିର୍ଦ୍ଦେଶକ କୁନାଲ ପଟ୍ଟନାୟକ ଏବଂ ସମସ୍ତ କଳାକାରଙ୍କ ଖୁସି କହିଲେ ନ ସରେ। ଏ ନେଇ କୁନାଲ କହନ୍ତି, 'ଫିଲ୍ମଟିର ଶୁଟିଂ ସମୟରେ କାହାଣୀକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦିଆଯିବ ସେ ନେଇ ଚେଷ୍ଟା କରାଯାଇଥିଲା। ଚଳଚ୍ଚିତ୍ରଟିକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ଼ କଥା। ଏଥିରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା ଭରି ରହିଛି, ଯାହା ଦର୍ଶକଙ୍କୁ ଶତ ପ୍ରତିଶତ ଏଣ୍ଟରଟେନ୍ କରିବାରେ ସହାୟକ ହୋଇଛି ବୋଲି କହିବି।' ଏହାର ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ରୁଷୀୟ ଲଳନା ଆଲେକ୍‌ଜାଣ୍ଡ୍ରା ସ୍କେଲସୁନୋଭା ଓରଫ ସାସା। ଏଥିରେ ତାଙ୍କର ନାୟକ ସାଜିଛନ୍ତି ରାଜ୍। ମହ୍ଲାର ଏଣ୍ଟରଟେନ୍‌ମେଣ୍ଟ ଏବଂ ଏ.ବି. ସଲ୍ୟୁଶନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ନବାଗତା ଜୟଲକ୍ଷ୍ମୀ ମିଶ୍ର। ସଚି ମହାନ୍ତି ଏବଂ ସନ୍ତୋଷଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଟୁନା ଭାଇ-ଉନା ଭାଇ। ସାସା-ରାଜ୍ ଯୋଡ଼ି ବ୍ୟତୀତ ପଲ୍ଲବୀ, ଜୀବନ ପଣ୍ଡା, ଜୟଲକ୍ଷ୍ମୀ, ପ୍ରୀତିରାଜ, କୁନାଲ, ଶମ୍ଭୁ, ରାମବାବୁ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।


ରାଜ୍-ସାସା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଅଗଷ୍ଟ ୪/୨୦୨୨ Sambalpur, Thursday, August 4/ 2022

# ରାଜ୍ୟଗୋଷ୍ଠୀ କ୍ରୀଡ଼ା: ଲଭପ୍ରୀତଙ୍କୁ ବ୍ରୋଞ୍ଜ



ବ୍ରୋଞ୍ଜ ପଦକ ସହ ଲଭପ୍ରୀତ ସିଂ।



ଲଢ଼େଇ ଶେଷ ହେବା ପରେ ଜୁଡୋକା ତୁଲିକା ମାନ୍।

**ବର୍ମିଂହାମ, ୩।୮ (ପି.ଟି.)**

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବୁଧବାର ଭାରୋତ୍ତୋଳନରୁ ବ୍ରୋଞ୍ଜ ପଦକ ଜିତିଛନ୍ତି ଭାରତର ଲଭ୍‌ପ୍ରୀତ ସିଂ। ପୁରୁଷ ୧୦୯ କେଜି ବର୍ଗରେ ୨୪ ବର୍ଷୀୟ ପଞ୍ଜାବ ଭାରୋତ୍ତୋଳକ ମୋଟ ୩୫୫ କେଜି ଉତ୍ତୋଳନ କରି ଏହି ସଫଳତା ପାଇଛନ୍ତି। ସେ ସ୍ନାଚ୍‌ରେ ୧୬୩ କେଜି ଉଠାଇଥିବାବେଳେ କ୍ଲିନ୍ ଆଣ୍ଡ ଜର୍କରେ ୧୯୨ କେଜି ଉତ୍ତୋଳନ କରି ନୂଆ ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି। କାମେରୁନ୍‌ର ଜୁନିୟର ନାବେୟୁ ୩୬୧ କେଜି ସହ ସ୍ୱର୍ଣ୍ଣ ଏବଂ ସମୋଆର ଜ୍ୟାକ୍ ଓପେଲୋଗେ ୩୫୮ କେଜି ଭାର ଉଠାଇ ରୌପ୍ୟ ପଦକ ହାସଲ କରିଛନ୍ତି। ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ଭାରୋତ୍ତୋଳକଙ୍କ ଚମକ ଅବ୍ୟାହତ ରହିଛି।

**ଜୁଡୋ: ଫାଇନାଲରେ ମାନ୍**

ଭାରତର ତୁଲିକା ମାନ୍ ମହିଳା ୭୮ କେଜି ଜୁଡୋ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ସ୍ୱର୍ଣ୍ଣ ପଦକ ପାଇଁ ଲଢ଼ିବେ। ୪ଥର ଜାତୀୟ ଚାମ୍ପିୟନ ଏହି ୨୨ ବର୍ଷୀୟା ଭାରତୀୟ ଜୁଡୋକା ଆରମ୍ଭରୁ ପଛରେ ପଡ଼ିଯାଇଥିଲେ ହେଁ ପରେ ସଫଳ ପ୍ରତ୍ୟାବର୍ତ୍ତନ କରି ସେମିଫାଇନାଲରେ ନ୍ୟୁଜିଲାଣ୍ଡର ସିଡ୍‌ନୀ ଆଣ୍ଡ୍ର୍ୟୁସଙ୍କୁ ମାତ୍ର ୩ ମିନିଟ ମଧ୍ୟରେ ହରାଇ ଦେଇଥିଲେ। ଫାଇନାଲରେ ସେ ସ୍କଟ୍‌ଲାଣ୍ଡର ସାରା ଆଡିଙ୍ଗଟନ୍‌ଙ୍କୁ ଭେଟିବେ। ପୂର୍ବରୁ ଏଲ୍. ସୁଶୀଳା ଦେବୀ ଓ ବିଜୟ କୁମାର ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇସାରିଥିବାବେଳେ ଜୁଡୋ ଇଭେଣ୍ଟରୁ ଭାରତର ଏହା ହେବ ତୃତୀୟ ପଦକ। ଭାରତର ଦୀପକ ଦେଶ୍‌ୱାଲ ପୁରୁଷ ୧୦୦ କେଜି ଜୁଡୋ ଇଭେଣ୍ଟରେ ଅଗ୍ରଗତି କରିଛନ୍ତି।



ସେମିଫାଇନାଲ ପ୍ରବେଶରେ ଉଲ୍ଲସିତ ନିତୁ ଗଙ୍ଘାସ।

**ବକ୍ସିଂ: ନିତୁ, ହୁସାମୁଦ୍ଦିନ ପଦକ ନିଶ୍ଚିତ କଲେ**

ବକ୍ସିଂ ଇଭେଣ୍ଟରୁ ପଦକ ନିଶ୍ଚିତ କରିଛନ୍ତି ଭାରତର ହୁସାମୁଦ୍ଦିନ ମହମ୍ମଦ ଓ ନିତୁ ଗଙ୍ଘାସ। ପୁରୁଷ ୫୭ କେଜି ଓ ମହିଳା ୪୮ କେଜି ଇଭେଣ୍ଟରେ ଦୁହେଁ ସେମିଫାଇନାଲରେ ପ୍ରବେଶ କରି ଏହି ସଫଳତା ପାଇଛନ୍ତି। ନିଜାମାବାଦ୍‌ର ୨୮ ବର୍ଷୀୟ ହୁସାମୁଦ୍ଦିନ ଏକାଗ୍ରତା ବଜାୟ ରଖି ନାମ୍ବିଆର ଟ୍ରାଏଗେନ ମର୍ନିଙ୍କୁ ୪-୧ ବ୍ୟବଧାନରେ ପରାସ୍ତ କରିଛନ୍ତି। ଦୁଇଥର ୟୁଥ୍ ଗୋଲ୍ଡ ମେଡାଲିଷ୍ଟ ୨୧ ବର୍ଷୀୟା ନିତୁଙ୍କ ପ୍ରତିଦ୍ୱନ୍ଦ୍ୱୀ ନର୍ଦର୍ନ ଆୟର୍ଲାଣ୍ଡର ନିକୋଲେ କ୍ଲାଏଡ୍ ତୃତୀୟ ତଥା ଅନ୍ତିମ ରାଉଣ୍ଡରୁ ଓହରି ଯାଇଥିଲେ। ଫଳରେ ନିତୁଙ୍କୁ ବିଜୟୀ ଘୋଷଣା କରାଯାଇଥିଲା।

**ପ୍ରି କ୍ୱାର୍ଟରରେ ଚିନାପ୍ପା-ସାନ୍ଧୁ**

ସିଙ୍ଗିଲ୍ସ ବିଫଳତାକୁ ପଛରେ ପକାଇ ମିକ୍ସଡ ଡବଲ୍ସ ଅଭିଯାନ ଆରମ୍ଭ କରିଛନ୍ତି ଜ୍ୟୋତ୍ସ୍ନା ଚିନାପ୍ପା। ହରିନ୍ଦର ପାଲ ସିଂ ସାନ୍ଧୁଙ୍କ ସହିତ ମିକ୍ସଡ ଡବଲ୍ସ ଖେଳୁଥିବା ବେଳେ ଉଭୟ ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଉଭୟ ଖେଳାଳି ଶ୍ରୀଲଙ୍କାର ୟେହେନି କୁରୁପ୍ପୁ ଏବଂ ରବିନ୍ଦୁ ଲକ୍ସିରିଙ୍କୁ ୮-୧୧, ୧୧-୪ ଓ ୧୧-୩ରେ ପରାସ୍ତ କରିଥିଲେ। ପ୍ରଥମ ସେଟରେ ଭାରତୀୟ ଯୋଡି ସାମାନ୍ୟ ଖରାପ ପ୍ରଦର୍ଶନ କରିଥିଲେ ହେଁ ପରବର୍ତ୍ତୀ ଦୁଇ ସେଟ୍ ଏକପାଖିଆ ରହିଥିଲା। ସିଙ୍ଗିଲ୍ସ ଇଭେଣ୍ଟର ପ୍ଲେଟ୍ ବର୍ଗରେ ଫାଇନାଲ ମ୍ୟାଚ୍ ଜିତିଛନ୍ତି ସୁନୟନା ସାରା କୁରୁଭିଲ୍ଲା। ଗୟାନାର ଫଙ୍ଗ ଏ ଫ୍ୟାଟଙ୍କୁ ୧୧-୭, ୧୩-୧୧ ଓ ୧୧-୨ ପରାସ୍ତ କରିଥିଲେ ଏହି ୨୩ ବର୍ଷୀୟା ଭାରତୀୟ ଖେଳାଳି।

**ଲନ୍ ବୋଲ୍: ମହିଳା ଓ ମ୍ରିଦୁଲଙ୍କ ବିଜୟ**

ପ୍ରଥମ ଥର ପାଇଁ ଲନ୍ ବୋଲ ଇତିହାସରେ ଭାରତୀୟ ମହିଳା ୪ ଜଣିଆ ଦଳ ଇତିହାସ ରଚିଥିବା ବେଳେ ଭାରତୀୟ ମହିଳା ଯୋଡି ଓ ମ୍ରିଦୁଲ ବୋର୍ଗୋହେନ୍ ବିଜୟୀ ହୋଇଛନ୍ତି। ବୁଧବାର ମହିଳା ଯୋଡି ଲଭଲି ଚୌବେ ଓ ନାୟମୋନୀ ସାଇକିଆ ନିୟୁର ହିନା ରେରେଲ୍ଟି ଓ ଅଲିଭିଆ ବକିଙ୍ଗହାମଙ୍କୁ ୨୩-୬ରେ ପରାସ୍ତ କରିଛନ୍ତି। ରାଉଣ୍ଡ-୩ ମୁକାବିଲାରେ ଉଭୟ ଖେଳାଳି ଦକ୍ଷିଣ ଆଫ୍ରିକା ଦଳକୁ ଭେଟିବେ। ଉଭୟ ଲଭଲି ଓ ସାଇକିଆ ସ୍ୱର୍ଣ୍ଣ ବିଜୟୀ ଲନ୍ ବୋଲ୍ ଟିମ୍‌ର ସଦସ୍ୟ ରହିଥିଲେ। ସେହିପରି ପୁରୁଷ ସିଙ୍ଗିଲ୍ସ ବର୍ଗରେ ଦୁଇଟି ବିଜୟ ହାସଲ କରିଛନ୍ତି ମ୍ରିଦୁଲ୍ ବୋର୍ଗୋହେନ୍। ଫକାନ ଆଇଲାଣ୍ଡର ଲୋକ୍ ରାଇଟଙ୍କୁ ଏକପାଖିଆ ଭାବରେ ୨୧-୫ରେ ପରାସ୍ତ କରିଥିଲେ ମ୍ରିଦୁଲ୍। ଦ୍ୱିତୀୟ ମୁକାବିଲାରେ ସ୍କଟଲାଣ୍ଡର ଇଆନ୍ ମ୍ୟାକ୍‌ଲେନଙ୍କୁ ୨୧-୧୯ରେ ପରାସ୍ତ କରିଛନ୍ତି। ଇଆନ୍ ଆରମ୍ଭରୁ ୧୨-୬ରେ ଆଗୁଆ ରହିଥିଲେ। ହେଲେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହିତ ୧୭-୧୭କୁ ଆଣି ମ୍ୟାଚ୍ ଜିତି ନେଇଥିଲେ ମ୍ରିଦୁଲ୍। ଗୁରୁବାର ସେ ପରବର୍ତ୍ତୀ ମୁକାବିଲା ରସ୍ ଡେଭିସଙ୍କ ବିପକ୍ଷରେ ଖେଳିବେ।

# ଓଡ଼ିଶା ୟେଲୋ, ଭାଓଲେଟ୍ ବିଜୟୀ

**ଭୁବନେଶ୍ୱର, ୩।୮ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକ ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା ମହିଳା ଟି୨୦ କ୍ରିକେଟ ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ ଓଡ଼ିଶା ୟେଲୋ ଏବଂ ଓଡ଼ିଶା ଭାଓଲେଟ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଭାଓଲେଟ ୩ ଉଇକେଟରେ ଓଡ଼ିଶା ପର୍ପଲକୁ ପରାସ୍ତ କରିଛି। ଓଡ଼ିଶା ପର୍ପଲ ୨୦ ଓଭରରେ ୯ ଉଇକେଟ ହରାଇ ୮୦ ରନ୍ କରିଥିବାବେଳେ ଭାଓଲେଟ୍ ୧୮.୫ ଓଭରରେ ୭ ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ୩୨ ରନ୍ କରିବା ସହ ଗୋଟିଏ ଉଇକେଟ ନେଇଥିବା ଭାଓଲେଟ ଦଳର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ବିଧାୟକ ପ୍ରଶାନ୍ତ ବେହେରା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ୟେଲୋ ଡକ୍‌ୱର୍ଥ ଲୁଇସ୍ ପଦ୍ଧତିରେ ୪୨ ରନ୍‌ରେ ଓଡ଼ିଶା ଗ୍ରୀନ୍‌କୁ ପରାସ୍ତ କରିଥିଲା। ୫୫ ବଲ୍‌ରୁ ଦ୍ରୁତ ୮୯ ରନ୍ କରିଥିବା ୟେଲୋ ଦଳର କାଜଲ ଜେନା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ପୁରସ୍କାର ପ୍ରଦାନ କରିଥିଲେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**ବଲାଙ୍ଗୀର ଜିଲା ପାଇଁ ନୂଆଖାଇ ଲଗ୍ନ ଧାର୍ଯ୍ୟ**

**ବଲାଙ୍ଗୀର ଅଫିସ:** ବଲାଙ୍ଗୀର ଜିଲା ଜ୍ୟୋତିଷ ପଣ୍ଡିତ ମହାସଭା ପକ୍ଷରୁ ନୂଆଁଖାଇ ଲଗ୍ନ ନିର୍ଣ୍ଣାୟକ କମିଟି ସିଦ୍ଧାନ୍ତ ଅନୁଯାୟୀ ଆଗାମୀ ନୂଆଖାଇ ଲଗ୍ନଧାର୍ଯ୍ୟ କରାଯାଇଛି। ବଲାଙ୍ଗୀର-ପାଟଣାର ଇଷ୍ଟଦେବୀ ପାଟେଶ୍ୱରୀ ଏବଂ ସମଲେଶ୍ୱରୀଙ୍କ ରାଶିନକ୍ଷତ୍ର ଏବଂ ପୂର୍ବ ପରମ୍ପରା ଅନୁଯାୟୀ ଚଳିତବର୍ଷ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ବିଶୁଦ୍ଧ ତୁଳାଲଗ୍ନ ତଥା ଆସନ୍ତା ୧ ସେପ୍ଟେମ୍ବର ଦିନ ୧୦ଟା ୫୪ରୁ ୧୧ଟା ୮ମିନିଟ୍ ମଧ୍ୟରେ ସମଗ୍ର ବଲାଙ୍ଗୀର ଜିଲାରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ କରାଯାଇଛି।

# ବିଳମ୍ବିତ ଚାଷ, ବଢୁଛି ମରୁଡ଼ି ଆଶଙ୍କା

**ବଲାଙ୍ଗୀର ଅଫିସ,୩।୮**

ବଲାଙ୍ଗୀର ଜିଲା ଏକ ମରୁଡି ପ୍ରପୀଡିତ ଜିଲା। ଜଳସେଚନ ସୁବିଧା ନଥିବା ଏବଂ ଅନିୟମିତ ବର୍ଷାକୁ ନେଇ ଜିଲାର ଚାଷୀକୂଳ ପ୍ରତିବର୍ଷ ମରୁଡି ଆଶଙ୍କାରେ ରହିଥାନ୍ତି। ଚଳିତବର୍ଷ ମଧ୍ୟ ସମାନ ସ୍ଥିତି ରହିଛି। ଗତ ଜୁନ୍ ମାସରେ ୫୪ ପ୍ରତିଶତ କମ୍ ବର୍ଷା ହୋଇଥିଲା। ଜୁଲାଇ ମାସରେ ଅନିୟମିତ ବର୍ଷା ସହ ୧୧ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯିବା ପରେ ଜିଲାର ଚାଷୀମାନେ ପୁଣି ଥରେ ବିଳମ୍ବିତ ଚାଷ ଏବଂ ମରୁଡି ଆଶଙ୍କାରେ ରହିଛନ୍ତି।

କୃଷି ବିଭାଗର ତଥ୍ୟ ଏବଂ ଗ୍ରାମାଞ୍ଚଳ ଚାଷୀଙ୍କ ତଥ୍ୟକୁ ଆକଳନ କଲେ ଜିଲାରେ ଅନିୟମିତ ବର୍ଷାଯୋଗୁଁ ଚଳିତବର୍ଷ ଚାଷକାର୍ଯ୍ୟରେ ବିଳମ୍ବ ଘଟିସାରିଛି। ବଲାଙ୍ଗୀର ଜିଲାରେ ୩ ଲକ୍ଷ ୪୫ ହଜାର ୪୭୫ ହେକ୍ଟର ଚାଷୋପଯୋଗୀ ଜମି ରହିଛି। ସେଥିରୁ ୧ ଲକ୍ଷ ୮୯ ହଜାର ୩୨୫ ହେକ୍ଟର ଉଚ୍ଚଜମି ବା ଆଁଟ, ମାଳ ଜମି ରହିଛି। ୭୦ ହଜାର ୧୫୫ ହେକ୍ଟର ବେର୍ଣ୍ଣା ମାମୁଲି ବା ମଧ୍ୟମ କିସମ ଜମି ରହିଛି।



ଖଲିଆପାଲିରେ ପାଣି ନଥିବାରୁ ଜମିରେ ରୁଆଧାନ ଶୁଖିଲା ପଡିଛି।

ଜିଲାରେ ମାତ୍ର ୮୫ ହଜାର ୯୯୫ ହେକ୍ଟର ବାହାଲ ଜମି ବା ନିମ୍ନ କିସମ ଜମି ରହିଛି। ସରକାରୀ ତଥ୍ୟରେ ନିଶ୍ଚିତ ଜଳସେଚନ ସୁବିଧା ଅଧିକ ପ୍ରତିଶତ କୁହାଯାଉଥିଲେ ମଧ୍ୟ ମାତ୍ର ୩ ପ୍ରତିଶତ ଜମିରେ ଜଳସେଚନ ସୁବିଧା ରହିଥିବା ବିଭିନ୍ନ ଚାଷୀ ସଙ୍ଗଠନ ଏବଂ ରାଜନୈତିକ ପ୍ରତିନିଧି ଦାବି କରିଥାନ୍ତି। ଏଭଳି ସ୍ଥିତିରେ ଜିଲାରେ କ୍ରମାଗତ ମରୁଡି ସ୍ଥିତି ଚାଷକୁ ଅନିଶ୍ଚିତ କରିଦେଉଛି। ସରକାରୀ ତଥ୍ୟ ଅନୁସାରେ ଚଳିତବର୍ଷ ସମୁଦାୟ କୃଷିଜମିର ୯୨ ହଜାର ୧୩୭ ହେକ୍ଟର ଜମିରେ ଧାନବୁଣା କାର୍ଯ୍ୟ ସମାପନ ହୋଇଛି। ଏହାସହ ୨୫ ହଜାର ୫୫୪ ହେକ୍ଟର ଜମିରେ ଧାନରୁଆ କାର୍ଯ୍ୟ ସରିଛି ଏବଂ ମାତ୍ର ୧୪ ହଜାର ୭୮୯ ହେକ୍ଟର ଜମିରେ ବେଉଷଣ କାମ ସମ୍ପାଦିତ ହୋଇପାରିଥିବା କୁହାଯାଇଛି। ଅଗଷ୍ଟ ୧୫ ସୁଦ୍ଧା ଜମିରେ ଧାନ ରୁଆ କାମ ସମାପ୍ତ ହୋଇଯିବା କଥା।

**ବଲାଙ୍ଗୀର ଜିଲାରେ ଖରିଫ ଚାଷ**

- ଜୁନ୍ ମାସରେ ୫୪, ଜୁଲାଇରେ ୧୧ ପ୍ରତିଶତ କମ୍ ବର୍ଷା
- ମରୁଡି ଆଶଙ୍କାରେ ଜିଲାର ଚାଷୀ

ତେବେ ଅଗଷ୍ଟ ପ୍ରଥମ ସପ୍ତାହର ୩ଦିନ ବିତିଯାଇଥିଲେ ମଧ୍ୟ ଅନିୟମିତ ବର୍ଷା ଯୋଗୁଁ ଚାଷକାମରେ ଢ଼େର ବିଳମ୍ବ ହୋଇସାରିଛି। ବଙ୍ଗୋମୁଣ୍ଡା ଅଞ୍ଚଳର ବରିଷ୍ଠ ଚାଷୀ ଯୋଗେନ୍ଦ୍ର ବଛାଙ୍କ କହିବା ମୁତାବକ ବର୍ଷାଭାବ ଯୋଗୁଁ ଚାଷୀ ନିଜର ବୁଧାଧାନ ବେଉଷଣ କରିପାରୁ ନଥିବାବେଳେ ପହ୍ଲାକୁ ରୁଆ କରିପାରୁନାହାଁନ୍ତି। ଅଗଷ୍ଟ ୧୫ ସୁଦ୍ଧା ଏସବୁ ପ୍ରକ୍ରିୟା ସରିଯିବା କଥା ଆଉ ମାତ୍ର ସପ୍ତାହେ ସମୟ ରହିଛି। ଏବେ ଅନେକ ଜମିରେ ପାଣିନାହିଁ। ଆଗକୁ ଯେତିକି ବର୍ଷା ହେଲେ ମଧ୍ୟ ଚାଷୀ କିଭଳି ଭାବେ ବେଉଷଣ ଓ ରୁଆକାମ ସାରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାବାଦ୍ ସରକାରଙ୍କ ଭୁଲ କୃଷିବୀମା ନୀତି ଯୋଗୁଁ ଚାଷୀ ବୀମାଭୁକ୍ତ ହେବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଫଳରେ ଚାଷୀକୁଳ ସଙ୍କଟରେ ରହିଛନ୍ତି ବୋଲି ସେ କହିଛନ୍ତି। ପୁଇଁତଲା ବ୍ଲକ୍ କୁରୁଲ ଗ୍ରାମର ଚାଷୀ ରାଜକିଶୋର ନାଏକଙ୍କ କହିବା ଅନୁସାରେ ବର୍ଷାଭାବ ଯୋଗୁଁ ଚାଷକାମ ବିଳମ୍ବ ହୋଇସାରିଛି। ଅନେକ ଚାଷୀ ଏବେ ଚିନ୍ତାରେ ପଡିଛନ୍ତି। ମରୁଡି ଆଶଙ୍କା ବଢୁଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ କୃଷି ଅଧିକାରୀ ସୁଧାକର ନନ୍ଦଙ୍କୁ ପଚରାଯିବାରୁ ଜୁନ୍ ଓ ଜୁଲାଇ ମାସରେ କମ୍ ବର୍ଷା ରେକର୍ଡ କରାଯାଇଛି। ଅଗଷ୍ଟ ମାସରେ ଭଲ ବର୍ଷା ହେଲେ ଅନେକ ସ୍ଥାନରେ ଚାଷୀମାନେ ଚାଷକାର୍ଯ୍ୟ କରିପାରିବେ ବୋଲି ଆଶା ରଖିଥିବା କହିଛନ୍ତି। ଏବେଠୁ ଜିଲାରେ ମରୁଡି ଆଶଙ୍କା ଆକଳନ କରିବା ଠିକ୍ ହେବନାହିଁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଚଳନ୍ତା ଟ୍ରେନ୍ ଆଗକୁ ଡେଇଁଲେ ଯୁବକ

**ବଲାଙ୍ଗୀର ଅଫିସ,୩।୮:** ବଲାଙ୍ଗୀର-ଦେଓଗାଁ ରେଳଲାଇନ ମଝିରେ ବୁଧବାର ଜଣେ ଯୁବକ ଚଳନ୍ତା ଟ୍ରେନ୍ ଆଗକୁ ଡେଇଁ ପଡିବାରୁ ତାଙ୍କର ମୃତ୍ୟୁ ଘଟିଛି। ଦିନ ପ୍ରାୟ ୧୨ଟାରେ ସମଲେଶ୍ୱରୀ ଏକ୍ସପ୍ରେସ୍ ବଲାଙ୍ଗୀର ଷ୍ଟେଶନରୁ ଟିଟିଲାଗଡ ଅଭିମୁଖେ ଯାଉଥିବାବେଳେ ହଠାତ୍ ଉକ୍ତ ଟ୍ରେନ୍ ସମ୍ମୁଖକୁ ଯୁବକ ଜଣକ ଡେଇଁ ପଡିଥିଲେ। ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ସୂଚନା ପାଇ ବଲାଙ୍ଗୀର ରେଳବାଇ ଥାନା ପୋଲିସ ମୃତଦେହ ଜବତ କରି ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଇଛି। ଯୁବକଙ୍କ ପରିଚୟ ମିଳି ନ ଥିବାରୁ ବ୍ୟବଚ୍ଛେଦ କରା ନ ଯାଇ ମୃତଦେହ ଶବାଗାରରେ ରଖାଯାଇଛି। ମୃତ ଯୁବକଙ୍କ ବୟସ ୩୦ରୁ ୩୫ ବର୍ଷ ହେବ। ସେ ଏକ ନୀଳ ରଙ୍ଗର ଫୁଲଶାର୍ଟ ଏବଂ ବାଇଗଣି ରଙ୍ଗର ଫୁଲପ୍ୟାଣ୍ଟ ପିନ୍ଧିଛନ୍ତି।

### ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

**ଖଡ଼ିଆଳ,୩।୮(ଡି.ଏନ.ଏ.):** ସ୍ୱାଧୀନତା ଦିବସ ପାଳନ ନେଇ ସାରାଦେଶ ସଜବାଜ ହେଉଛି। ଏହି ପରିପେକ୍ଷୀରେ ନୂଆପଡା ଜିଲା ଖଡିଆଳ ସହରର ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ୭୫ତମ ସ୍ୱାଧୀନତା ଦିବସ ପାଳନ ନେଇ ଖଡିଆଳ ବ୍ଲକ ସମ୍ମିଳନୀ କକ୍ଷଠାରେ ବିଡିଓ ନାରାୟଣ ସାହୁଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିବେ। ଏହି ଅବସରରେ ପ୍ରାଥମିକ ସ୍କୁଲରୁ ଆରମ୍ଭ କରି କଲେଜସ୍ତର ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ମୁଖ୍ୟଅତିଥି ଭାବେ ଖଡିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି, ଅବସରପ୍ରାପ୍ତ ଅଧକ୍ଷ ରାମଚନ୍ଦ୍ର ମିଶ୍ର, ଶୁକ୍ରୁ ରାଠୋର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ନାଥ ପତି, କ୍ଷଣପ୍ରଭ ପାଣିଗ୍ରାହୀ, ପୋଲିସ ଏସଆଇ ଦେବେନ୍ଦ୍ର ବିନ୍ଧାଣି, ଅଧାପକ ଡ ପଦ୍ମଲୋଚନ ବର୍ମା, ଅସ୍ମି ପଟ୍ଟନାୟକ, ଅକ୍ଷୟ ନନ୍ଦ, ଅବସରପ୍ରାପ୍ତ ଯବାନ ସୁରେନ୍ଦ୍ର କୁମାର, ବ୍ଲକ ଶିକ୍ଷା ଅଧିକାରୀଙ୍କ ସମେତ ବିଭିନ୍ନ ସ୍କୁଲ, କଲେଜ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଅଧପାକ ଆଲୋକ ରଥ ମଞ୍ଚ ପରିଚାଳନା ଓ ଶିକ୍ଷୟିତ୍ରୀ ମମତା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଡାକଘରେ ମିଳୁଥିବା ତ୍ରିରଙ୍ଗା ଆକାରରେ ଅସମାନତା

**ଲୋଇସିଂହା,୩।୮(ଡି.ଏନ.ଏ)**

ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଡାକଘରେ ତ୍ରିରଙ୍ଗା ପତାକା ବିକ୍ରି ହେଉଛି। ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ଶାଖା ଡାକଘରେ ବିକ୍ରି ପାଇଁ ତ୍ରିରଙ୍ଗା ପତାକା ଯୋଗାଣ ହୋଇଛି । ଏଠାକୁ ମାତ୍ର ୧ ଶହ ତ୍ରିରଙ୍ଗା ଯୋଗାଣ ହୋଇଥିଲା। ଶାଖା ଅଧୀନ ସବ୍‌ଶାଖାକୁ ୪ଟି ଲେଖାଏ ଦିଆଯାଇଥିଲା। ବାକି ୪୦ ଖଣ୍ଡ ବିକ୍ରି ପାଇଁ ରଖାଯାଇଛି। ୨୫ ଟଙ୍କାରେ ବକ୍ରି ହେଉଥିବା ଶାଖା ପୋଷ୍ଟମାଷ୍ଟର ସରୋଜ କର୍ଣ୍ଣା କହିଛନ୍ତି। ସୁଲଭ ମୂଲ୍ୟରେ ଏହି ପତାକା ବିକ୍ରି ହେଉଥିବାରୁ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳୁଛି। ହେଲେ ବିକ୍ରି ସକାଶେ ପୋଷ୍ଟ ଅଫିସକୁ ଯୋଗାଣ ହୋଇଥିବା ତ୍ରିରଙ୍ଗା ପତାକାର ସାଇଜରେ ସମାନତା ନଥିବା ଏବଂ ଚିରାଫଟା କପଡାରେ ପ୍ରସ୍ତୁତିକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହା ତ୍ରିରଙ୍ଗା ପ୍ରତି ଅସମ୍ମାନ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଜିଲାପାଳ ଏବଂ ପୋଷ୍ଟାଲ ଆରକ୍ଷୀ ଅଧକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଧାରଣାରେ ବସିଲେ ଛାତ୍ରୀଛାତ୍ର

- ଶିକ୍ଷକ ନିଯୁକ୍ତି ଦାବି
- ଧାରଣାରେ ସାମିଲ ହେଲେ ଅଭିଭାବକ

**ବେଲପଡା, ୩।୮(ଡି.ଏନ.ଏ)**

ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକ ନୁନହାଡ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ବୁଧବାର ପରିଚାଳନା କମିଟି ସଭାପତି ସୁରେଶ ମଲ୍ଲିକଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ଓ ଅଭିଭାବକ ଆନ୍ଦୋଳନକୁ ଓହ୍ଲାଇଥିଲେ। ସମସ୍ତ ସ୍କୁଲ କୋଠରିରେ ତାଲା ପକାଇ ସ୍କୁଲ ପରିସରରେ ସେମାନେ ଧାରଣା ଦେଇଥିଲେ । ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୨୫୨ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଦୀର୍ଘ ୭ ମାସ ହେବ ସ୍କୁଲରେ ୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ତେବେ ସମସ୍ତ ଛାତ୍ରୀଛାତ୍ରୀଙ୍କୁ ୩ ଜଣ ଶିକ୍ଷକ ପଢାଇବା କଷ୍ଟକର ହେଉଛି । ଶିକ୍ଷକ ସମସ୍ୟାକୁ ନେଇ ସ୍କୁଲ ପରିଚାଳନା କମିଟି ଗତ ୭ ମାସ ହେଲା ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରି ଆସୁଛନ୍ତି। ହେଲେ ଏପର୍ଯ୍ୟନ୍ତ କୌଣସି ଶିକ୍ଷକ ନିଯୁକ୍ତି ହୋଇନାହିଁ । ଏଣୁ ବୁଧବାର ସ୍କୁଲ ପରିଚାଳନା କମିଟି ସଭାପତି ଓ ଛାତ୍ରୀଛାତ୍ରମାନେ ଧାରଣ ଦେଇଥିଲେ । ନୁନହାଡ ସରପଞ୍ଚ ବିଳାସିନୀ ମେହେର, ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ସାହୁ, ଗଣେଷ ମେହେର, ପର୍ଶୁରାମ ବାଗ, ସୁରୁ ମହାଖୁଡ, ସପ୍ନେଶ୍ୱର ମଲ୍ଲିକ, ସମୀର ପଣ୍ଡା ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ । ଏହାପରେ ବେଲପଡା ଏବିଇଓ ଚତୁର୍ଭୁଜ ମିର୍ଦ୍ଧାଙ୍କୁ ଫୋନ କରି ଜଣାଇଥିଲେ । ଏବିଇଓ ମିର୍ଦ୍ଧା ଅପରାହ୍ନ ପ୍ରାୟ ୧ ଟାରେ ଧାରଣାସ୍ଥଳରେ ପହଞ୍ଚିଥିଲେ। ଧାରଣାକାରୀ ଏବିଇଓଙ୍କୁ ଘେରାଉ କରିଥିଲେ। ଧାରଣାକାରୀ ଶିକ୍ଷକ ସମସ୍ୟା ସମ୍ପର୍କରେ ଅନେକ ଥର ଜଣାଇଥିଲେ ହେଁ କୌଣସି ପଦକ୍ଷେପ କାହିଁକି ନିଆଯାଇନାହିଁ ବୋଲି ଏବିଇଓଙ୍କୁ ପ୍ରଶ୍ନ କରିଥିଲେ । ହେଲେ ଏବିଇଓ ଏହାର କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ । ଗୁରୁବାରଠାରୁ ୨ଜଣ ଶିକ୍ଷକଙ୍କୁ ନିଯୁକ୍ତି କରାଯିବ ଏବଂ ପରବର୍ତ୍ତୀ ସମୟରେ ଅନ୍ୟ ୨ ଜଣ ଶିକ୍ଷକଙ୍କୁ ନିଯୁକ୍ତି କରାଯିବ ବୋଲି ଏବିଇଓ ମିର୍ଦ୍ଧା ଲିଖିତ ପ୍ରତିଶ୍ରୁତି ଦେବାପରେ ଧାରଣାସ୍ଥଳରୁ ଓହରିଥିଲେ।



ଧାରଣାରତ ଛାତ୍ରୀଛାତ୍ର।

# ତ୍ରିରଙ୍ଗା ପତାକା ଅଭିଯାନ ପାଇଁ ପ୍ରସ୍ତୁତି ବୈଠକ

**ବଲାଙ୍ଗୀର ଅଫିସ, ୩।୮**

ବଲାଙ୍ଗୀର ଜିଲା ଭାଜପା ପକ୍ଷରୁ ହର ଘର ତ୍ରିରଙ୍ଗା ପତାକା ଅଭିଯାନ ପାଇଁ ବୁଧବାର ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ସର୍କିଟ ହାଉସଠାରେ ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକରେ ବରିଷ୍ଠ ଭାଜପା ନେତା ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲା ଭାଜପା ପକ୍ଷରୁ କିପରି ସମସ୍ତ ମଣ୍ଡଳ ସମସ୍ତ ଶକ୍ତି କେନ୍ଦ୍ର ଓ ବୁଥରେ ହର ଘର ତ୍ରିରଙ୍ଗା ପତାକା ଅଭିଯାନକୁ ପାଳନ କରାଯିବ ତା ଉପରେ ଦିଗଦର୍ଶନ ଦେଇଥିଲେ । ୧୩ରୁ ୧୫ ତାରିଖ ତିନିଦିନ ଭାଜପା ପକ୍ଷରୁ ତ୍ରିରଙ୍ଗା ଅଭିଯାନ କରାଯିବ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ କନକ ବର୍ଦ୍ଧନ ସିଂଦେଓ, ଅନନ୍ତ ଦାଶ, ପ୍ରଭାସ ପାଣିଗ୍ରାହୀ, ଭାରତୀ ମହାନନ୍ଦ, ପଙ୍କଜିନୀ ପଣ୍ଡା, ରଞ୍ଜିତା ପାଣିଗ୍ରାହୀ, ବନଶ୍ରୀ ଆଚାର୍ଯ୍ୟ, ଅମିତ ସିଂ ନିନା, ଶ୍ରୀବତ୍ସ ବେହେରା, ଦୀନେଶ ଶର୍ମା, ଅଜୟ ଶର୍ମା, ରାଜକିଶୋର ନାୟକ, ପିତାମ୍ବର ଖମାରୀ, ନବୀନ ଜିନ୍ଦଲ, ଗୌରାଙ୍ଗ ନାୟକ, ନରସିଂ ସିଙ୍ଗ, ବଳକୃଷ୍ଣ ଧରୁଆ, ରଙ୍କ ପଣ୍ଡା, ଅକ୍ଷ ରଣା ପ୍ରମୁଖ ଯୋଗ ଦେଇଥିଲେ।



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ନେତୃବର୍ଗ।

## ସେବାନିବୃତ୍ତ ବିଏସ୍ଏଫ୍ ଯବାନଙ୍କୁ ସମ୍ବର୍ଦ୍ଧନା

**ଟିଟିଲାଗଡ଼,୩।୮(ଡି.ଏନ.ଏ)**

ଭାରତୀୟ ସୀମା ସୁରକ୍ଷା ବଳ (ବିଏସଏଫ)ରେ ଦୀର୍ଘ ୨୪ ବର୍ଷ ୮ ମାସ କାର୍ଯ୍ୟ ପରେ ଅବସର ଗ୍ରହଣ କରିଥିବା ଯବାନ ଗିରିଜା ଶଙ୍କର ଯୋଷୀଙ୍କୁ ଟିଟିଲାଗଡରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବଲାଙ୍ଗୀର ସହରର ସ୍ୱର୍ଗତ ନିତ୍ୟାନନ୍ଦ ଯୋଷୀଙ୍କ ପୁଅ ଗିରିଜା ସେବାନିବୃତ୍ତ ପରେ ବୁଧବାର ଟ୍ରେନ ଯୋଗେ ଟିଟିଲାଗଡରେ ପହଞ୍ଚିଥିଲେ। ସ୍କୁଲ ତଥା କଲେଜ ଶିକ୍ଷା ସମୟରେ ଦୀର୍ଘ ୫ ବର୍ଷ ଧରି ଏନସିସି କ୍ୟାଡେଟ ଭାବେ କାର୍ଯ୍ୟ କରିଥିବା ଯବାନଙ୍କୁ ଟିଟିଲାଗଡ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଏନସିସି କ୍ୟାଡେଟ ରେଳ ଷ୍ଟେଶନଠାରେ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ତାଙ୍କୁ ସ୍ୱାଗତ ପାଇଁ ରେଳ ଷ୍ଟେଶନରେ ଡିଏଭି ମହାବିଦ୍ୟାଳୟ ଅଧକ୍ଷ ମେଜର ଡ ମଧୁସୂଦନ ମିଶ୍ର, ଅବସରପ୍ରାପ୍ତ ପ୍ରାଧାପକ ଡ. ଦୋଳଗୋବିନ୍ଦ ବିଶି, ବଲାଙ୍ଗିର ଜିଲା ଓୟୁଜେ ସଭାପତି ଦୀପକ ସମ୍ପାଦାରଙ୍କ ସମେତ ତାଙ୍କ ପତ୍ନୀ ସସ୍ମିତା, ପୁତ୍ର ଅଂଶିତ ତଥା ପରିବାର ଲୋକେ ଉପସ୍ଥିତ ଥିଲେ।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

**ଲୋଇସିଂହା,୩।୮(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ପଞ୍ଚାୟତ ଅନ୍ତର୍ଗତ ଗଣ୍ଡପାଲି ଗ୍ରାମରେ ଏଏସଡବ୍ଲୁ ଓ ପଲ୍ଲୀ ଆଲୋକ ପାଠାଗାର ଆନୁକୂଲ୍ୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ବୁଧବାର ପାଳିତ ହୋଇଯାଇଛି। ଆଶାକର୍ମୀ ଚନ୍ଦନ ହାତୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅଙ୍ଗନୱାଡି କର୍ମୀ ରାଜକୁମାରୀ ବଗର୍ତ୍ତି ଅଧ୍ୟକ୍ଷତା କରିଥିଲେ। ଏଥିରେ ପଲ୍ଲୀ ଆଲୋକ ପାଠାଗାର ସ୍ୱେଚ୍ଛାସେବୀ ଗୋବିନ୍ଦଚନ୍ଦ୍ର ବିଶି, ପ୍ରହଲ୍ଲାଦ ପଧାନ, ପ୍ରଶାନ୍ତ କୁଅଁର ଅତିଥି ଭାବେ ଯୋଗଦେଇଥିଲେ। ମା କ୍ଷୀର ସ୍ତନ୍ୟପାନ ନ କରିବା ଦ୍ୱାରା ମା ଓ ଶିଶୁର ଅନେକ କୁପ୍ରଭାବ ପରିଲକ୍ଷିତ ହୋଇଥାଏ। କଷକ୍ଷୀରର ଉପାଦେୟତା ଉପରେ ସ୍ୱେଚ୍ଛାସେବୀ ସଚେତନ କରିଥିଲେ।





ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ।

# ହାତବାନ୍ଧି ବସିଛି ଚାଷୀ



ବର୍ଷା ନାହିଁ, ଚାଷ କାମ ନ ଥିବାରୁ ଲୋଇସିଂହା ବ୍ଲକ ଛେଲବାହାଲ ଗାଁର ଚାଷୀ ପିଣ୍ଡାରେ ବସି ରହିଛନ୍ତି।

**ଲୋଇସିଂହା,୩।୮(ଡି.ଏନ.ଏ)**

**ବର୍ଷା ନାହିଁ**

ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସୁଛି। କେଇ ସେକେଣ୍ଡ ବର୍ଷା ପରେ ପାଣିପାଗ ସ୍ୱାଭାବିକ ହୋଇ ଯାଉଛି। ଧାନବୁଣା ଓ ତଳିପକା କାମ ସରିଥିଲେ ହେଁ ଏଯାଏ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଞ୍ଚଳରେ ଚାଷ ଉପଯୋଗୀ ବର୍ଷା ହୋଇନାହିଁ। ରୁଆ ଓ ବିହୁଡା କାମ ଆଗେଇ ପାରୁନାହିଁ । ଫଳରେ ଚାଷୀ ହାତବାନ୍ଧି ବସିଛି। ସକାଳୁ ସଞ୍ଜ ଯାଏ ଗାଁ ପିଣ୍ଡାରେ ବସି ଚାଷୀମାନେ ତାସ ଖେଳି, ଗପସପରେ ଦିନ ବିତାଉଥିବା ଦେଖିବାକୁ ମିଳିଛି ।

ବ୍ଲକ କୃଷି ବିଭାଗ ପକ୍ଷରୁ ଚଳିତ ଖରିଫରେ ୧୦ ହଜାର ୫୯୦ ହେକ୍ଟର ଜମିରେ ଧାନଚାଷ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ୧୦ ହଜାର ୨୯୦ ହେକ୍ଟରରେ ଅଧିକ ଅମଳକ୍ଷମ, ୨୫୦ହେକ୍ଟରରେ ଲୋକାଲ ଧାନଚାଷ ଧାର୍ଯ୍ୟ ହୋଇଛି। ସେଥିରୁ ୨ହଜାର ୫୩୦ ହେକ୍ଟର ଅଧିକ ଅମଳକ୍ଷମ ଓ ୫୦ହେକ୍ଟର ପାରମ୍ପରିକ ଧାନ ବୁଣାଯାଇଛି । ଅଣ ଜଳସେଚିତ ଏହି ବ୍ଲକର ଚାଷୀ ବର୍ଷକ ଖାଦ୍ୟ ପାଇଁ ଖରିଫ ଚାଷକୁ ଅପଣାଇଛନ୍ତି। ହେଲେ ଜୁନରେ ବର୍ଷା ଉଭାନ ହୋଇ ଯାଇଥିଲା। ଜୁଲାଇରେ ୩୬୦.୫ ମିମି ବର୍ଷା ଆବଶ୍ୟକସ୍ଥଳେ ୨୧୧.୨୨ ମିମି ବର୍ଷା ରେକର୍ଡ କରାଯାଇଛି। ଆବଶ୍ୟକ ବର୍ଷା ହେଉ ନ ଥିବାରୁ ରୁଆ, ବିହୁଡା କାମରେ ଅଗ୍ରଗତି ହେଉନାହିଁ ବୋଲି ବ୍ଲକ କୃଷି ଅଧିକାରୀ ଉମାଶଙ୍କର ମିଶ୍ର କହିଛନ୍ତି। ଚାଷୀଙ୍କ ସୂଚନା ଅନୁଯାୟୀ, ପୁଷିଆ ନକ୍ଷତ୍ର ସରି ବୁଧବାର ରାତିରୁ ଲସଲସା ନକ୍ଷତ୍ର ଲାଗିଛି । ରୁଆ ଏବଂ ବିହୁଡା ଜମିରେ ଖାଇ ଯାଇଥିବା ଧାନଗଛ ସ୍ଥାନରେ ଏହି ନକ୍ଷତ୍ରରେ ମନ୍ଦା ବସାଇଥାନ୍ତି ଚାଷୀ। ନିଅଣ୍ଟିଆ ବର୍ଷା ଯୋଗୁ ରୁଆବିହୁଡା ହୋଇ ନ ଥିବାରୁ ଚାଷ କାର୍ଯ୍ୟ ଢେର ବିଳମ୍ବ ହେବାରେ ଲାଗିଛି । ଅଗଷ୍ଟ ୧୨ରେ ଶ୍ରାବଣ ପୂର୍ଣ୍ଣମୀ । ପୂର୍ଣ୍ଣମୀ ପରର ଚାଷ ବିଶେଷ ଲାଭଦାୟକ ହୋଇ ନ ଥାଏ ବୋଲି ଚାଷୀମାନେ କହିଛନ୍ତି। ପାଣିପାଗ ବିଭାଗର ଚଳିତ ବର୍ଷ ଭଲ ବର୍ଷା ଆକଳନ ଚାଷୀଙ୍କୁ ଉତ୍ସାହିତ କରିଥିଲା। ହେଲେ ସାମ୍ପ୍ରତିକ ସ୍ଥିତି ସେମାନଙ୍କୁ ଆତଙ୍କିତ କଲାଣି।

### ଚାଷୀମାନେ ଯାହା କହନ୍ତି....



“ ୪ ଏକର ଜମି ଚାଷ କରିଛି । ୨ ଏକର ବୁଣା ଏବଂ ୨ଏକର ପହ୍ଲା ପକାଇଛି। ବର୍ଷା ହେଉ ନ ଥିବାରୁ ରୁଆ କିମ୍ବା ବିହୁଡା ଏ ଯାଏ କରିନାହିଁ। ବାଲିଆ ଜମି ହୋଇଥିବାରୁ ଧାନଗଛ ସବୁ ଲାଲ ହୋଇଗଲାଣି।

**–ନିର୍ମଳ ଥାର୍ଟି, ଛେଲବାହାଲ**



“ ମୋର ସମସ୍ତ ୫ ଏକର ଜମିରେ ଧାନ ବୁଣିଥିଲି। ବିହୁଡା ସମୟ ହୋଇଗଲାଣି। ହେଲେ ଧାରା ଶ୍ରାବଣରେ ବର୍ଷାନାହିଁ, ଚାଷ ଆଗେଇବ ବି କେମିତି। ବର୍ଷାକୁ ଚାହିଁ ଆଖିରୁ ପାଣି ମଲାଣି। ଗତବର୍ଷ ପରି ମୁଡି ପରିସ୍ଥତିର ସାମନା କରିବା ନିଶ୍ଚିତ।

**କ୍ଷୀରଧର ଦ୍ୱାରି, ନେଗିପାଲି**



“ ୩ ଏକରରୁ ଊର୍ଦ୍ଧ୍ୱ ଜମି ମୋର ଅଛି। ଅଧା ଜମିରେ ପହ୍ଲା ପକାଇଛି। ଆଉ ଅଧାରେ ଧାନ ବୁଣିଛି। ବର୍ଷା ନାହିଁ , ନିର୍ଘାତ ଖାର ହେଉଛି । ଧାନଗଛ ମରିଯିବା ଅବସ୍ଥାକୁ ଆସିଗଲାଣି। ଚାଷ କରି ଆଉ ପରିବାର ଚଳାଇବା ସମ୍ଭବ ହେଲାଭଳି ଲାଗୁନାହିଁ।

**ତହସିଲଦାର ସାହୁ, ମାଣ୍ଡିଆପଦର**

## ଅବସରପ୍ରାପ୍ତ ଯବାନଙ୍କୁ ସମ୍ବର୍ଦ୍ଧନା

ବରପାଲି,(ଡି.ଏନ.ଏ.): ବରଗଡ ଜିଲା ବରପାଲି ରେଲୱେ ପ୍ଲାଟଫର୍ମ ସମ୍ମୁଖରେ ଅବସରପ୍ରାପ୍ତ ବିଏସ୍ଏଫ ଯବାନ ସୁରେନ୍ଦ୍ର କୁମାର ଦୋରାଙ୍କୁ ବୁଧବାର ସମ୍ବର୍ଦ୍ଧନା ଦିଆଯାଇଛି। ସୂଚନା ଅନୁସାରେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଗୌରପାଲି ପଞ୍ଚାୟତ ଉଜବାହାଲ ଗ୍ରାମର ବାସିନ୍ଦା ବିଏସଏଫ ଯବାନ ଦୋରା ୨୦୦୦ରୁ ୨୦୨୨ପର୍ଯ୍ୟନ୍ତ ବିଏସଏଫରେ କାମ କରି ଅବସର ପରେ ଗାଁକୁ ଫେରିଛନ୍ତି। ଷ୍ଟେଶନରେ ଓହ୍ଲାଇବା ପରେ ତାଙ୍କ ପରିବାର ସହ ଗ୍ରାମବାସୀ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ଜ୍ଞାପନ କରାଯାଇଥିଲା। ଷ୍ଟେଶନରୁ ନିଜ ଗ୍ରାମକୁ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା।

## ସଂକ୍ଷେପରେ

### ଚନ୍ଦୁଲାଲ ପ୍ରଧାନ ଲଖମରା ପାକ୍ସ ସଭାପତି

ପଦ୍ମପୁର ୩।୮(ଡି.ଏନ.ଏ.): ବରଗଡ ଜିଲା ଲଖମରା ପ୍ରାଥମିକ କୃଷି ସମବାୟ ସମିତି ସଭାପତିଭାବେ କ୍ରମାଗତ ତୃତୀୟ ଥର ପାଇଁ ଚନ୍ଦୁଲାଲ ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ପଦ ପାଇଁ କେବଳ ପ୍ରଧାନ ଏକମାତ୍ର ପ୍ରାର୍ଥୀଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ନିର୍ବାଚନ ଅଧିକାରୀ ତାଙ୍କୁ ସଭାପତି ନିର୍ବାଚିତ ଘୋଷଣା ପରେ ଶୁଭେଚ୍ଛୁ ଓ ନିର୍ଦ୍ଦେଶକମାନେ ଚନ୍ଦୁଲାଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ମାନସିକ ବିକାରଗ୍ରସ୍ତ ମହିଳା ଉଦ୍ଧାର

ଜାମଟିକ୍ରା,୩।୮(ଡି.ଏନ.ଏ.): ଭେଡେନ ବ୍ଲକ ଖୁଣ୍ଟିଲିପାକି ମାର୍କେଟ କମ୍ପଲେକ୍ସରେ ମୁମୂର୍ଷୁ ଅବସ୍ଥାରେ ପଡିରହିଥିବା ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ବୁଧବାର ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ସଦସ୍ୟମାନେ ଉଦ୍ଧାର କରିଛନ୍ତି। ଉଦ୍ଧାର ପରେ ସମ୍ପୃକ୍ତ ମହିଳାଙ୍କୁ ମିଶିନାରୀ ଚାରିଟି ସଂସ୍ଥା ସମ୍ବଲପୁରରେ ଥଇଥାନ କରାଯାଇଛି। କମ୍ପେଲେକ୍ସରେ ଦୀର୍ଘଦିନରୁ ରହିଆସୁଥିବା ମାନସିକ ବିକାରଗ୍ରସ୍ତ ମହିଳା କିଛିଦିନ ହେଲା ଅସୁସ୍ଥ ଥିଲେ। କେତେକ ତାଙ୍କୁ ଖାଇବାକୁ ଦେଉଥିଲେ। ହେଲେ ଚିକିତ୍ସା ମିଳୁ ନ ଥିବାରୁ ଦିନକୁ ଦିନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାକୁ ଲାଗିଥିଲା। ଗଣମାଧମରେ ଖବର ପ୍ରକାଶ ପରେ ସଂକଳ୍ପ ପରିବାର ସଦସ୍ୟମାନେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ସଂକଳ୍ପ ପରିବାର ବିକାଶ ଅଗ୍ରୱାଲ, ସନ୍ଦୀପ କୁମାର ସେଠ ଖୁଣ୍ଟିଲିପାକିରେ ପହଞ୍ଚି ଉକ୍ତ ମହିଳାଙ୍କୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ବଲପୁରରେ ପ୍ରାଥମିକ ଚିକିତ୍ସା କରିଥିଲେ। ପରେ ସମ୍ବଲପୁର ମିଶିନାରୀ ଚାରିଟିରେ ଥଇଥାନ କରିଥିଲେ।

### ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଅମରପଲି,୩।୮(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଉପଜିଲାପାଳ ଅଶୋକ କୁମାର ଭୋଇଙ୍କ ଅଧକ୍ଷତାରେ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳକୋଭିଡ଼ କଟକଣା ମଧରେ କିଭଳି ଜାତୀୟ ଦିବସ ପାଳିତ ହେବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଆସନ୍ତା ସ୍ୱାଧୀନତା ଦିବସ ଉପଲକ୍ଷେ ସହରରେ ସମସ୍ତ କାର୍ଯ୍ୟାଳୟ ଓ ଶିକ୍ଷା ଅନୁଷ୍ଠାନରେ ସକାଳ ୭ଘଣ୍ଟା ୩୦ ସୁଦ୍ଧା ଜାତୀୟ ପତାକା ଉତ୍ତୋଳନ କରାଯିବ। ଉପଖଣ୍ଡସ୍ତରୀୟ ମହୋତ୍ସବ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ। ଉପଜିଲାପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ଏଥର ମଧ କୌଣସି ଛାତ୍ରୀଛାତ୍ର ପରେଡରେ ଅଂଶଗ୍ରହଣ କରିବେ ନାହିଁ। କେବଳ ସୀମିତ ସଂଖ୍ୟକ ଆରକ୍ଷୀ ବାହିନୀ ଜାତୀୟ ପତାକାକୁ ସମ୍ମାନ ପ୍ରଦର୍ଶନ କରିବେ। ଏହି ଅବସରରେ ଉପଖଣ୍ଡର କୋଭିଡ ଯୋଦ୍ଧଙ୍କୁ ସମ୍ମାନିତ କରାଯିବ। ସ୍ୱାଧୀନତା ଦିବସ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧରେ ପ୍ରତିଯୋଗିତା ହେବ। ବୈଠକରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ବିଦ୍ୟାପତି ପଣ୍ଡା, ଅଶୋକ ମୋହନ ଜେନା, ଏବିଡିଓ ପୁରୁଷୋତ୍ତମ ଧରୁଆ, ବୀରମହାରାଜପୁର ମହାବିଦ୍ୟାଳୟ ଏନସିସି ଅଧିକାରୀ ସୂର୍ଯ୍ୟନାରାୟଣ ପଣ୍ଡା, ଅଧାପକ ନରେନ୍ଦ୍ର ଚାନ୍ଦ, ସରପଞ୍ଚ ମହେନ୍ଦ୍ର ଜଗଦଲା ଉପସ୍ଥିତ ଥିଲେ।

### କଂଗ୍ରେସର ଯୁବ ସମ୍ପର୍କ ପଦଯାତ୍ରା

ବରଗଡ଼ ଅଫିସ୍,୩।୮: ବରଗଡ଼ ସହରରେ ବୁଧବାର କଂଗ୍ରେସର ଯୁବ ସମ୍ପର୍କ ପଦଯାତ୍ରା ହୋଇଥିଲା। ଜିଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ଶେଷ ନାରାୟଣ ଓଝା, ସହପ୍ରଭାରୀ ଅଭିନବ ଭଗତ, ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମିତିରଞ୍ଜନ ଲେଙ୍କା ଯୋଗ ଦେଇଥିଲେ। ବେକାରୀ ସମସ୍ୟା, ସ୍ଥାୟୀ ନିଯୁକ୍ତି, ଚାକିରି ବୟସସୀମା ୪୨ବର୍ଷକୁ ବୃଦ୍ଧି ଆଦି ସମସ୍ୟାର ସମାଧାନ ଦାବି କରିଥିଲେ। ଏହା ସହିତ ରାଜ୍ୟ, କେନ୍ଦ୍ର ସରକାରଙ୍କ ବିରୋଧରେ କଂଗ୍ରେସ କର୍ମୀମାନେ ରଣହୁଙ୍କାର ଦେଇଥିଲେ। ରାଜ୍ୟ ଯୁବ କଂଗ୍ରେସ ସୋସିଆଲ ମିଡ଼ିଆ ଅଧ୍ୟକ୍ଷ ଅଭିଳାଷ ପତି, ଜିଲା ସୋସିଆଲ ମିଡ଼ିଆ ସଂଯୋଜକ ପପୁ କୁମାର, ଯୁବନେତା ନିପନ ଦାଶ, ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରାବଣରେ ଜମି ଶୁଖିଲା

**ସୁବର୍ଣ୍ଣପୁର ଜିଲା**

■ ଜୁନ୍ ମାସରେ ନିଅଣ୍ଟିଆ ବର୍ଷା ପାଇଁ ଚାଷ ପ୍ରଭାବିତ

ସୋନପୁର,୩।୮(ନି.ପ୍ର.)

ସୁବର୍ଣ୍ଣପର ଜିଲାର ୬ଟି ବ୍ଲକରେ ଆବଶ୍ୟକତା ଠାରୁ କମ୍ ବର୍ଷା ହୋଇଛି। ନିଅଣ୍ଟିଆ ବର୍ଷା ଯୋଗୁ ଅଣଜଳସେଚିତ ୪ ବ୍ଲକରେ ଚାଷ କାର୍ଯ୍ୟ ଆଗେଇ ପାରୁନି। ଶ୍ରାବଣ ମାସରେ ଲଗାଣ ବର୍ଷା ବଦଳରେ ମୁଣ୍ଡଫଟା ଖରା ହେଉଛି। ଏଥିଯୋଗୁ ଧାନ ତଳି ନଷ୍ଟ ହେବାକୁ ବସିଛି। ବର୍ଷା ଅଭାବରୁ ଅଧାରୁ ଅଧିକ ଜମିରେ ଧାନ ରୁଆ ହୋଇପାରିନି। ବୁଣା ଜମିରେ ବେଉଷଣ ହୋଇପାରିନି। ଚାଷୀ ମୁଣ୍ଡରେ ହାତ ଦେଇ ବସିଛି ।

ଖରିଫ୍‌ରେ ଜିଲାର ୭୦ହଜାର ୫୦୦ହେକ୍ଟର ଜମିରେ ଧାନ ଚାଷ ପାଇଁ ଯୋଜନା ଥିଲା। ଚଳିତବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା। ହେଲେ ଜୁନ୍ ମାସରେ ନିଅଣ୍ଟିଆ ବର୍ଷା ଯୋଗୁ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଛି। କ୍ଷେତରେ ପାଣି ନଥିବାରୁ ତଳି ରୁଆ ହୋଇପାରୁନି । ପ୍ରାୟ ୧ ମାସରୁ ଉର୍ଦ୍ଧ୍ୱ ଚାଷ କାର୍ଯ୍ୟ ବିଳମ୍ବ ହେଲାଣି। କେତେକ ସ୍ଥାନରେ ଧାନ ତଳି ଶୁଖି ଗଲାଣି। କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଜୁନ୍ ମାସରେ ଜିଲାରେ ସାଧାରଣ ବୃଷ୍ଟିପାତ ୨୧୭.୪ ମିଲିମିଟର ରହିଥିବା ବେଳେ ଜିଲାରେ ହାରାହାରି ୧୩୬.୦୨ ମିଲିମିଟର ବର୍ଷା ହୋଇଥିଲା। ଧାନ ଚାଷ ପାଇଁ ଗୁରୁତ୍ୱପୂର୍ଣ୍ଣ ଜୁନ୍ ମାସରେ ୩୭.୩୫% କମ୍ ବର୍ଷା ହୋଇଥିବା ରେକର୍ଡ କରାଯାଇଥିଲା। ବିନିକା ବ୍ଲକରେ ସର୍ବନିମ୍ନ ୭୮.୪ ମିଲିମିଟର ବର୍ଷା ହୋଇଥିଲା ବେଳେ ଡୁଙ୍ଗୁରିପାଲିରେ ୧୦୫ ମିଲିମିଟର, ବୀରମହାରାଜପୁରରେ ୧୧୩ମିଲିମିଟର, ତରଭାରେ ୧୪୮.୬ ମିଲିମିଟର, ସୋନପୁରରେ ୧୮୫ ମିଲିମିଟର ଓ ଉଲୁଣ୍ଡାରେ ୧୮୬.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା। ଜୁନ୍ ମାସରେ ଲଘୁଚାପ ଜନିତ ବର୍ଷା ଯୋଗୁ ଅଣଜଳସେଚିତ ସୋନପୁର, ତରଭା, ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ଚାଷ କାର୍ଯ୍ୟରେ ସ୍ୱଳ୍ପ ବର୍ଷା ବାଧା ସୃଷ୍ଟି କରିଛି। ଜୁଲାଇ ମାସ ଜିଲାର ସାଧାରଣ ବୃଷ୍ଟିପାତ ୩୯୯.୬ ମିଲିମିଟର ରହିଥିବା ବେଳେ ୪୦୬.୦୩ ମିଲିମିଟର ବର୍ଷା ହୋଇଛି। ଜୁଲାଇ ମାସରେ ୧.୬୦% ବର୍ଷା ଅଧିକ ହୋଇଛି। ଜୁଲାଇ ମାସରେ ବୀରମହାରାଜପୁର ବ୍ଲକରେ ସର୍ବାଧିକ ୪୬୦.୧ ମିଲିମିଟର ବର୍ଷା ହୋଇଥିଲା। ଡୁଙ୍ଗୁରିପାଲି ବ୍ଲକରେ ୪୫୧ ମିଲିମିଟର, ତରଭାରେ ୪୪୩ ମିଲିମିଟର, ଉଲୁଣ୍ଡାରେ ୪୧୧.୨ ମିଲିମିଟର, ସୋନପୁରରେ ୪୦୩.୭୦ ମିଲିମିଟର ଓ ବିନିକାରେ ସର୍ବନିମ୍ନ ୨୬୭.୨୦ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଗତ ୧୫ ଦିନ ହେବ ଜିଲାରେ ଭଲ ବର୍ଷା ହୋଇନାହିଁ। ଅଣଜଳସେଚିତ ଅଞ୍ଚଳର ଚାଷ କାର୍ଯ୍ୟ ବିଳମ୍ବିତ ହୋଇଛି। ବିଳମ୍ବିତ ବର୍ଷା ଯୋଗୁ ଜିଲାର ପ୍ରାୟ ଚାଷୀ ଚଳିତ ଥର ବୁଣା ବୁଣି ନକରି ପାଣି ସୁବିଧା ଥିବା ଜମିରେ ତଳି ପକାଇ ଥିଲେ। ତେବେ କ୍ଷେତ ଶୁଖିଲା ପଡି ଥିବାରୁ ଧାନ ତଳି ବଢି ପାରିନାହିଁ। ବୀରମହାରାଜପୁର ବ୍ଲକର ଠେଙ୍ଗୋ ଡ୍ୟାମରେ ହରିହରଯୋର ମଧ୍ୟମ ଜଳସେଚନ ପ୍ରକଳ୍ପ ଅଛି। ମାତ୍ର ଏହି ପ୍ରକଳ୍ପ ଦ୍ୱାରା ବହୁତ କମ୍ ଜମିକୁ ପାଣି ମାଡି ପାରୁଛି। ଚାଷୀ ରୁଆ ବିହୁଡା କାର୍ଯ୍ୟ ସାରି ପାରି ନାହାନ୍ତି। ସେହିପରି ବିନିକା ବ୍ଲକ ମେଘଲା ପଞ୍ଚାୟତର ସାହାଜବାହାଲ ଗାଁ ନିକଟରେ ଗତ ୨୫ ତାରିଖରେ ହୀରାକୁଦ କେନାଲର ଭୀମଟିକିରା ଡ୍ରିଷ୍ଟ୍ରିବ୍ୟୁଟାରିରେ ଘାଇ ସୃଷ୍ଟି ହୋଇଥିଲା। ୨୦ ଫୁଟର ଘାଇକୁ ବିଭାଗ ପକ୍ଷରୁ ମାଟି ପକା ଯାଇ ମରାମତି କରାଯାଇଛି। ଏଥିପାଇଁ କେନାଲରେ କମ୍ ପାଣି ଛଡାଯାଉଛି। ମୌସୁମୀ ଓ ଲଘୁଚାପ ବର୍ଷା ଧୋକା ଦେଇଥିବା ବେଳେ କେନାଲରେ ଅଧିକ ପାଣି ଛଡା ନଯିବା କାରଣରୁ ଜଳସେଚିତ ବିନିକା ଓ ଡୁଙ୍ଗୁରିପାଲି ବ୍ଲକରେ ମଧ ଚାଷ କାର୍ଯ୍ୟ ପଛେଇ ଯାଇଛି। ସୁବର୍ଣ୍ଣପୁର ମୁଖ୍ୟ ଜିଲା କୃଷି ଅଧିକାରୀ ରମାକାନ୍ତ ଡିଗାଲ କହିଛନ୍ତି ଜୁନ୍ ମାସରେ ନିଅଣ୍ଟିଆ ବର୍ଷା ପାଇଁ ଚାଷ କାର୍ଯ୍ୟ ବିଳମ୍ବିତ ହୋଇଛି। ଗତ ୨୮ ତାରିଖ ସୁଦ୍ଧା ୩୦ ହଜାର ୪୨୬ ହେକ୍ଟର ଜମିରେ ରୁଆ କାର୍ଯ୍ୟ ସରିଲାଣି। ପାଣି ଅଭାବରୁ ଉଚ୍ଚ ଜମି ଓ ଅଣ ଜଳସେଚିତ ଜମିରେ ରୁଆ କାର୍ଯ୍ୟ ହୋଇପାରୁନି। ବର୍ଷା ହେଲେ ଚାଷ କାର୍ଯ୍ୟ ସ୍ୱାଭାବିକ ହୋଇପାରିବ ବୋଲି ଡିଗାଲ କହିଛନ୍ତି ।


ନିଅଣ୍ଟିଆ ବର୍ଷା ଯୋଗୁ ଉଲୁଣ୍ଡା ବ୍ଲକ କୁକିଆ ଗାଁରେ ଚାଷୀ ବେଉଷଣ କାର୍ଯ୍ୟ କରିପାରୁନି।

# ଜିଲାସ୍ତରୀୟ ସମନ୍ୱିତ ରୋଗ ପ୍ରତିରୋଧ ପ୍ରସ୍ତୁତି ବୈଠକ

ବୌଦ୍ଧ,୩।୮(ସ୍ୱ.ପ୍ର.)

ସଂପ୍ରତି ରାଜ୍ୟର ୧୦ରୁ ଅଧିକ ଜିଲାରେ ତରଳଝାଡ଼ା ରୋଗ ବ୍ୟାପିବା ପରିପ୍ରେକ୍ଷୀରେ ବୌଦ୍ଧ ଜିଲାରେ ଜିଲାସ୍ତରୀୟ ସମନ୍ୱିତ ରୋଗ ପ୍ରତିରୋଧ ଓ ନିରାକରଣ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଭାରପ୍ରାପ୍ତ ଜିଲାପାଳ ବବିତାରାଣୀ ଦଳବେହେରାଙ୍କ ସଭାପତିତ୍ୱରେ ବୁଧବାର ଦିନ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭୟ କୁମାର ଦାଶ ଜିଲାରେ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନର ସ୍ଥିତି ଉପରେ ଆଲୋକପାତ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ ଜିଲାରେ ତରଳଝାଡ଼ା, ମ୍ୟାଲେରିଆ, ଡେଙ୍ଗୁ, ଯକ୍ଷ୍ମା, କୁଷ୍ଠ, କୋଭିଡ୍ ରୋଗର ସ୍ଥିତି, ଏସବୁର ନିୟନ୍ତ୍ରଣ ତଥା ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଶେଷରେ ଭାରପ୍ରାପ୍ତ ଜିଲାପାଳ ସହରାଞ୍ଚଳ, ଗ୍ରାମାଞ୍ଚଳ ଓ ବିଦ୍ୟାଳୟ ସ୍ତରରେ ନିୟମିତ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ରକ୍ତହୀନତା ନିୟନ୍ତ୍ରଣ ତଥା ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବା, ଶତପ୍ରତିଶତ କୋଭିଡ୍ ଟିକାକରଣ କରାଇବା ନେଇ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ଆହ୍ୱାନ କରିଥିଲେ। ଜିଲା ତଥା ସମସ୍ତ ବ୍ଲକ, ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ଗାଁ କଲ୍ୟାଣ ସମିତି ସ୍ତରରେ ସମନ୍ୱିତ ରୋଗ ପ୍ରତିରୋଧ ସଂପର୍କିତ ସଭା କରି ଜନସାଧାରଣଙ୍କୁ ସଚେତନ କରିବାକୁ ପଦକ୍ଷେପ ନେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପଞ୍ଚାୟତ ଅଧିକାରୀ ଲଛମନ ଓରାମ୍, ଜିଲା ସମାଜ ମଙ୍ଗଳ ଅଧିକାରୀ, ମୀନତି ପତି, ଡିପିଏମ୍ ରୂପକ ମହାପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୀତାକାନ୍ତି ବଳିୟାର ସିଂ, ସମସ୍ତ ବ୍ଲକର ସ୍ୱାସ୍ଥ୍ୟ ଅଧିକାରୀ, ମହିଳା ଓ ଶିଶୁ ବିକାଶ ଅଧିକାରୀ, ଜିଲା ଜନସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ବିଜେଡିର ସାଙ୍ଗଠନିକ ବୈଠକ


ବୈଠକରେ ଉପସ୍ଥିତ ବିଜେଡି କର୍ମକର୍ତ୍ତା।

ଅମରପାଲି,୩।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମୈତ୍ରୀସଦନରେ ବୁଧବାର ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଜିଲା ବିଜେଡି ସମ୍ପାଦକ ସ୍ୱୟମ୍ଭୁନାଥ ଖଣ୍ଡଗିରୀ ସଭାପତିତ୍ୱ କରିଥିଲେ। ବୈଠକରେ ବ୍ଲକର ସମସ୍ତ ପଞ୍ଚାୟତର କର୍ମକର୍ତ୍ତା ଯୋଗ ଦେଇଥିଲେ। ବିଜେଡି ସଙ୍ଗଠନକୁ ସୁଦୃଢ କରିବାକୁ ସମସ୍ତ କର୍ମୀ ଏକଜୁଟ ହୋଇ କାମ କରିବାକୁ ନିଷ୍ପତ୍ତି ହୋଇଥିଲା। ପୂର୍ବତନ ବ୍ଲକ ଅଧକ୍ଷ ତଥା ଜିଲା ଜୀବନ ବିନ୍ଦୁ ସଂଯୋଜକ ରଞ୍ଜିତ ରଥ, ମଧୁସୂଦନ ପଣ୍ଡା, ସତ୍ୟଞ୍ଜିବ ମିଶ୍ର, କିଶୋର ହୋତା, ଧିରେନ୍ଦ୍ର ପଣ୍ଡା, ପୂର୍ବତନ ସରପଞ୍ଚ ରଞ୍ଜିତ ଖେତି, ଅଇଁଠୁ ହୋତା, ଚମ୍ପାମାଲ ସରପଞ୍ଚ ମହେନ୍ଦ୍ର ଜଗଦଲା, ଯତୀନ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ମେହେର ସଙ୍ଗଠନକୁ ଅଧିକ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ଲକରେ ନୂତନ ସାଙ୍ଗଠନିକ କର୍ମକର୍ତ୍ତା ଚୟନ କରିବାକୁ ମତପ୍ରକାଶ ପାଇଥିଲା। ବୀରମହାରାଜପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଥିବା ସମସ୍ୟା ସହିତ ସାଧାରଣ ଲୋକଙ୍କ କାର୍ଯ୍ୟକୁ ଦଳୀୟ କର୍ମୀମାନେ ବିଧାୟକ, ବ୍ଲକ ଅଧକ୍ଷ ତଥା ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ସମାଧାନ କରିବାକୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

# ତଳି ଅଞ୍ଚଳ ଚାଷଜମିକୁ ମାଡୁନି କେନାଲ ପାଣି

**ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ ରଣାପାଲି ଗ୍ରାମର ଚାଷୀ**

ଅମରପାଲି,୩।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ହରିହରଯୋର ମଧ୍ୟମ ଜଳସେଚନ ପ୍ରକଳ୍ପର ପାଣି କେନାଲର ତଳ ମୁଣ୍ଡ ଚାଷ ଜମିକୁ ମାଡୁ ନ ଥିବା ନେଇ ବୀରମହାରାଜପୁର ବ୍ଲକ ରଣାପାଲି ଗ୍ରାମର ଚାଷୀ ମଙ୍ଗଳବାର ସ୍ଥାନୀୟ ତହସିଲଦାରଙ୍କୁ ଭେଟି ଅଭିଯୋଗ କରିଛନ୍ତି। ହରିହର ଯୋର ମଧ୍ୟମ ଜଳ ସେଚନ ପ୍ରକଳ୍ପରୁ ଏକମାତ୍ର କେନାଲ ଦେଇ ବୀରମହାରାଜପୁର ଓ ଉଲୁଣ୍ଡା ଅଞ୍ଚଳର ଚାଷ ଜମିରେ ଜଳସେଚନ ହୋଇ ଚାଷ ହୋଇଥାଏ।ବୀରମହାରାଜପୁର ଅଞ୍ଚଳର କେତେକ ଚାଷୀ କେନାଲ ପାଣି ଭରସାରେ ଚାଷ କରିଥିଲେ। ମାତ୍ର କେନାଲ ତଳମୁଣ୍ଡକୁ ପାଣି ପହଞ୍ଚୁ ନ ଥିବା ଅଭିଯୋଗ ହୋଇଛି। ବୀରମହାରାଜପୁର ଜଳସେଚନ ବିଭାଗ କାର୍ଯ୍ୟାଳୟ ପଛପାଖ କେନାଲରୁ ଏକ ଛୋଟ କେନାଲ ଦେଇ ରଣାପାଲି ଅଞ୍ଚଳର ଚାଷୀଙ୍କୁ ଚାଷ ପାଇଁ ପାଣି ମିଳିଥାଏ। ଛୋଟ କେନାଲ ପାଇଁ ରାସ୍ତା ତଳେ ପୋତା ଯାଇଥିବା ପାଇପଟି କୌଣସି କାରଣରୁ ବନ୍ଦ ହୋଇ ଯିବାରୁ ପାଣି ତଳି ଅଞ୍ଚଳକୁ ଯାଇ ନ ଥିଲା। ଏ ନେଇ ତଳି ଅଞ୍ଚଳର ଚାଷୀ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବିଭାଗୀୟ କର୍ମଚାରୀଙ୍କୁ କହିଲେ ଏହା ପାଣିପଞ୍ଚାୟତର କାମ କହି ଅଭିଯୋଗକୁ ଏଡାଇ ଦେଉଥିଲେ। ଏପରି ସ୍ଥିତିରେ ଚାଷୀ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କଲା ପରେ ତହସିଲଦାର ବୁବୁଧ ଗଡନାୟକ ଉକ୍ତ ସ୍ଥାନକୁ ଆସି ବିଭାଗୀୟ ଯନ୍ତ୍ରୀ ଏବଂ ଯେଉଁ ରାସ୍ତା ତଳେ ପାଇପ ଯାଇଛି ଆର.ଡି ଯନ୍ତ୍ରୀଙ୍କୁ ଡାକି ଚାଷୀମାନଙ୍କ ପାଇଁ ବର୍ତ୍ତମାନ ଅସ୍ଥାୟୀ ଭାବେ କେନାଲ ଖୋଳି ଚାଷୀଙ୍କୁ ପାଣି ଦେବାକୁ ଆଦେଶ ଦେଇଥିଲେ। ଏହାପରେ ରାସ୍ତା ସାଇଡ ଖୋଳି ଚାଷୀଙ୍କୁ ପାଣି ଦିଆଯାଇଛି। ଆଗକୁ ଏହାର ସ୍ଥାୟୀ ପ୍ରତିକାର କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ କୁହାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି।

# ଆମ ପୋଲିସ ସମିତି ବୈଠକ

ଝାରବନ୍ଧ,୩।୮(ଡି.ଏନ.ଏ.)

ବରଗଡ ଜିଲା ଝାରବନ୍ଧ ପୋଲିସ ପକ୍ଷରୁ ବୁଧବାର କୁର୍ଲୁପାଲି ପଞ୍ଚାୟତ ଅଫିସରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଦିଲୀପ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧକ୍ଷ ହୃଷିକେଶ ବରିହା, ସରପଞ୍ଚ ଅହଲ୍ୟା ପଟେଲ ଯୋଗ ଦେଇଥିଲେ। ଜନସାଧାରଣଙ୍କ ସୁରକ୍ଷା ସହ ଅସାମାଜିକ କାର୍ଯ୍ୟ ନିୟନ୍ତ୍ରଣ ପାଇଁ ଲୋକଙ୍କ ସହଯୋଗ ଜରୁରୀ ବୋଲି ଥାନା ଅଧିକାରୀ ବେହେରା କହିଥିଲେ। ଏହି କାର୍ଯ୍ୟକ୍ରମରେ କୁନି ପିଲାଙ୍କୁ ଖାତା କଲମ ବଣ୍ଟନ କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ସହ ଏସଆଇ ଜଗା ବାରିହା, ଏଏସଆଇ ସମରୁ ନାଗ, ଶଶିକାନ୍ତ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଚାରାରୋପଣ

ତରଭା, ୩।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ଓଡିଶା ଆଦର୍ଶ ବିଦ୍ୟାଳୟ ଜାମକାନୀଠାରେ ବୁଧବାର ଚାରାରୋପଣ ସହ ବନ ମହୋତ୍ସବ ହୋଇଯାଇଛ। କମସରା ସରପଞ୍ଚ କୁନ୍ତଳା ରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଆମ୍ବଚାରା ରୋପଣ କରିବା ସହିତ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଚାରାରୋପଣର ଉପକାରିତା ବିଷୟରେ କହିଥିଲେ। ବିଦ୍ୟାଳୟ ଅଧକ୍ଷ ପଞ୍ଚାନନ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ୍ତ କିଶୋର ଦାନୀ, ସଭ୍ୟ କପିଳାସ ସେଠ ଯୋଗଦାନ କରିଥିଲେ। ଛାତ୍ର ଗୋପୀନାଥ ନାଏକ, ପ୍ରଦ୍ୟୁମ୍ନ କୁମାର ଦାସ ଗଛର ଉପକାର ବିଷୟରେ କହିଥିଲେ। ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଚାରାରୋପଣ ପରେ ଏକ ସଭାର ଆୟୋଜନ କରାଯାଇଥିଲା। ଶିକ୍ଷକ ଶୈଳ ସିଂ ସଭା ପରିଚାଳନା କରିଥିଲେ।


ଆଦର୍ଶ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି।

# ଜୟନ୍ତୀରେ ନାଟ୍ୟକାର ପଞ୍ଚାନନ ମେହେରଙ୍କ ସ୍ମୃତିଚାରଣ

ବରପାଲି, ୩।୮(ଡି.ଏନ.ଏ.)

ବରଗଡ ଜିଲା ବରପାଲି ଅଞ୍ଚଳର ଲୋକପ୍ରିୟ କଳାକାର ପଞ୍ଚାନନ ମେହେରଙ୍କ ୭୯ତମ ଜୟନ୍ତୀ ସ୍ଥାନୀୟ କଳାକାର କ୍ଲବରେ ବୁଧବାର ପାଳିତ ହୋଇଯାଇଛି। ଇଣ୍ଟରନ୍ୟାଶନାଲ ଥିଏଟର ବରପାଲି ଶାଖା ପକ୍ଷରୁ ଆୟୋଜିତ ଉତ୍ସବରେ ନାଟ୍ୟଶ୍ରୀ ସରୋଜ କୁମାର ମେହେର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଅଭିନେତା ଅବନୀ ମେହେର, ସମ୍ମାନିତ ଅତିଥି ଲୀଳାବତୀ ଷ୍ଟୁଡିଓର ମୁଖ୍ୟ ଅଶିନୀ ରାଉତ ଓ ମୁଖ୍ୟବକ୍ତାଭାବେ ଅଧ୍ୟାପକ ରମାକାନ୍ତ ତ୍ରିପାଠୀ ଯୋଗଦେଇ ପଞ୍ଚାନନ ମେହେରଙ୍କ ବହୁମୁଖୀ ପ୍ରତିଭାର ଅବତାରଣ କରିଥିଲେ। ପଞ୍ଚାନନ ଏକାଧାରରେ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ଓ ମଞ୍ଚ କଳାକାର ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜୟନ୍ତୀ ସଭାରେ ଟଙ୍କଧର ଭୋଇ, ଦଶରଥ ବେହେରା, ମୁରଲୀ ମେହେର, ମଧୁସୂଦନ ମେହେର, ଅଭିମନ୍ୟୁ ମେହେର, ବଟୁ ମେହେର, ଚିତ୍ରକୁଟ ମେହେର, ଶିବଶଙ୍କର ମେହେର, ଚକାନନ ମେହେର, ମୀନ କେତନ ମେହେର, ନବ କିଶୋର ମେହେର, ରବୀନ୍ଦ୍ର ମେହେର, ଅବତାର ମେହେର ପ୍ରମୁଖ ଯୋଗ ଦେଇଥିଲେ।

# ହର୍‌ଘର୍ ତ୍ରିରଙ୍ଗା ଅଭିଯାନ ଶୁଭାରମ୍ଭ

ବୌଦ୍ଧ,୩।୮(ସ୍ୱ.ପ୍ର.)

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଆଗାମୀ ସ୍ୱାଧୀନତା ଦିବସ ଉତ୍ସବକୁ ଦେଶବ୍ୟାପୀ ମହାସମାରୋହରେ ପାଳନ କରାଯିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଉଦ୍ୟମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ହରଘର ତ୍ରିରଙ୍ଗା ଅଭିଯାନ ଆରମ୍ଭ କରାଯାଇ ଦେଶର ପ୍ରତ୍ୟେକ ଘରେ ତ୍ରିରଙ୍ଗା ପତାକା ଉଡାଇବାକୁ ସନ୍ଦେଶ ଦିଆଯାଇଛି। ବୁଧବାର ବୌଦ୍ଧ ମୁଖ୍ୟ ଡାକଘର ସମ୍ମୁଖରେ ଜିଲା ଭାଜପା ପକ୍ଷରୁ ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି। ଜିଲାର ପ୍ରତ୍ୟେକ ଡାକଘରେ ୨୫ ଟଙ୍କା ଦେଇ ଗୋଟିଏ ପତାକା କିଣିପାରିବେ। ସମସ୍ତ ବ୍ୟକ୍ତିବିଶେଷ ଏହି ତ୍ରିରଙ୍ଗା ପତାକା କିଣି ଆସନ୍ତା ୧୩ ତାରିଖଠାରୁ ୧୫ ତାରିଖ ପର୍ଯ୍ୟନ୍ତ ନିଜ ଘର ସମ୍ମୁଖରେ, ଛାତ ଉପରେ ଓ କାର୍ଯ୍ୟାଳୟରେ ଉଡାଇପାରିବେ। ତେଣୁ ବହୁ ସଂଖ୍ୟାରେ ଜିଲାବାସୀ ଏହି ଅଭିଯାନରେ ସାମିଲ ହୋଇ ୭୫ ତମ ସ୍ୱାଧୀନତା ଦିବସ ପାଳନକୁ ସ୍ମରଣୀୟ କରିବା ସହିତ ଦେଶପ୍ରେମରେ ଉଦବୁଦ୍ଧ ହେବାକୁ ଜିଲା ଭାଜପା ପକ୍ଷରୁ ନିବେଦନ କରାଯାଇଛି। ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଡାକଘର ଡାକପାଳ କାଳୀ ପ୍ରସନ୍ନ ହୋତା, ଅନ୍ୟତମ ଅତିଥି ଭାବରେ ଡାକଘର କର୍ମଚାରୀ ଜୟନ୍ତ ସାହୁ, ମାନସ ସାହୁ, ଶୋଭାରାମ ଖେଡିଆ,ନମିତା ମିଶ୍ରଙ୍କ ସମେତ ଜିଲା ଭାଜପା ମୁଖପାତ୍ର ପ୍ରେମାନନ୍ଦ ମିଶ୍ର,ସହ ସଂଯୋଜକ ତାପସ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

**ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ ଘଟଣା**

ଅମରପାଲି,୩।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା କୁମରକେଲି ଗାଁର ଜଣେ ମହିଳାଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟଣା ନୂଆ ମୋଡ ନେଇଛି। ମହିଳାଙ୍କ ବାପ ଘର ଲୋକେ ବିଦ୍ୟୁତ ଆଘାତଜନିତ ମୃତ୍ୟୁ ନୁହେଁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ବୁଧବାର ବୀରମହାରାଜପୁର ଥାନାରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ,ଗତ ମଙ୍ଗଳବାର କୁମରକେଲି ଗାଁର ଅନୁରି ସୁରୁଜାଲ(୨୧)କୁଲର ସୁଇଚ ଦେବା ସମୟରେ ବିଦ୍ୟୁତ୍ ଆଘାତ ପାଇ ଗୁରୁତର ହୋଇଥିଲେ। ତାଙ୍କୁ ବୀରମହାରାଜପୁର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ପୋଲିସକୁ ସୂଚନା ଦେଇଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ ପାଇଁ ନେବା ସମୟରେ ମହିଳାଙ୍କ ବାପଘର ଲୋକେ ଆସି ତାଙ୍କ ସ୍ୱାମୀଙ୍କୁ ଗିରଫ କର ନ ହେଲେ ଛାଡିବୁ ନାହିଁ ବୋଲି ଜିଦ୍ କରିଥିଲେ। ବହୁ ବୁଝାଶୁଝା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ବାପଘର ଏହି ଥାନା ଅଧିନସ୍ଥ ଭଜଳପୁରକୁ ମୃତଦେହ ନେଇ ଯାଇଥିଲେ। ଅପରାହ୍ନରେ ସୋନପୁର-ବୀରମହାରାଜପୁର ମୁଖ୍ୟରାସ୍ତାରେ ମୃତଦେହ ରଖି ବାପଘର ଓ ଗ୍ରାମବାସୀ ଅବରୋଧ କରିଥିଲେ। ଏହି ଘଟଣାରେ ଅନୁରିଙ୍କ ସ୍ୱାମୀ,ଶାଶୁ, ଶଶୁରଙ୍କୁ ତୁରନ୍ତ ଗିରଫ କରିବାକୁ ଆନ୍ଦୋଳନକାରୀମାନେ ଦାବି କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।


ଭଜଳପୁରରେ ସୋନପୁର-ବୀରମହାରାଜପୁର ମୁଖ୍ୟରାସ୍ତା ଅବରୋଧ କରାଯାଇଛି।

**ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ**

ଖଡ଼ିଆଲ,(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଲ ବିଜେପୁର କୁସମାଲ ସଡ଼କ କଡ଼ରେ ଏକ ନିମ୍ବ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ସେହି ସ୍ଥାନର ସଡ଼କ ଉପରେ ଗୋଲାପ ଓ ଅନ୍ୟାନ୍ୟ ଫୁଲର ପାଖୁଡାରେ ଲଭ ୟୁ ଲେଖା ହୋଇଛି। ଯୁବକ ଜଣକ ଖଡ଼ିଆଲ ବ୍ଲକ ନିକଟସ୍ଥ ଝିଣ୍ଟ୍ରିଝୋଡ଼ା ଗ୍ରାମର ପଦ୍ମଚରଣ ତାଣ୍ଡି (୨୪) ବୋଲି ଜଣାପଡିଛି। ଖଡ଼ିଆଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ ସହ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ପରିବାର ଲୋକେ ଆତ୍ମହତ୍ୟା କରି ନ ଥିବା କହି ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

## ସଂକ୍ଷେପରେ

### ଚତୁର୍ଥ ସେମିଷ୍ଟର ପରବର୍ତ୍ତୀ ସମୟକୁ ଘୁଞ୍ଚାଇବାକୁ ଦାବି

**କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଦାବିପତ୍ର**

ଭବାନୀପାଟଣା,୩।୮(ଡି.ଏନ.ଏ.): କଳାହାଣ୍ଡି ଜିଲାର ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଅଭିଯୋଗ ଆଧାରରେ ବୁଧବାର ଜିଲା ଛାତ୍ର କଂଗ୍ରେସ ପକ୍ଷରୁ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ କୁମାର ଶତପଥୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଅଧୀନ ସମସ୍ତ ଯୁକ୍ତ ୩ କଲେଜର ଚତୁର୍ଥ ସେମିଷ୍ଟର ପରବର୍ତ୍ତୀ ସମୟକୁ ଘୁଞ୍ଚାଇବା ଓ ରହିଯାଇଥିବା ପ୍ରଥମ ସେମିଷ୍ଟାର, ୨ୟ ସେମିଷ୍ଟର ଓ ୩ୟ ସେମିଷ୍ଟାର ଫଳ ଶୀଘ୍ର ପ୍ରକାଶ କରିବା ଆଦି ଦାବି ଉଲ୍ଲେଖ କରାଯାଇଛି। ଯଥାଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଛାତ୍ର କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲା ଛାତ୍ର କଂଗ୍ରେସ ସଭାପତି ସୁଶାନ୍ତ ପ୍ରଧାନୀଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ଜିଲା ଉପସଭାପତି ଯୁବରାଜ ସୋଲ, ଗଣେଶ ଛତ୍ରିଆ, କନ୍ଦର୍ପ ଶବର, ମଣ୍ଟୁ ସାହୁ, ବାସୁଦେବ ବାଗ, ସୁବାଷ ପ୍ରଧାନ ଓ ଉପଦେଷ୍ଟା ମହମ୍ମଦ ସାହେବ ପ୍ରମୁଖ ଉପସ୍ଥିତ ଥିଲେ।

### ୫-ଟି ରୂପାନ୍ତରଣ ନେଇ ଆଲୋଚନା

କର୍ଲାମୁଣ୍ଡା,୩।୮(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ଗ୍ରାମପଞ୍ଚାୟତ ହାଇସ୍କୁଲର ୫-ଟି ରୂପାନ୍ତରଣ ପାଇଁ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ବ୍ଲକ ଅଧ୍ୟକ୍ଷା କୁନି ସାହୁ, ରିଞ୍ଜା ସରପଞ୍ଚ ପଞ୍ଚାନନ ବାଗ, ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ସହକାରୀ ଯନ୍ତ୍ରୀ ସନ୍ଦୀପ କୁମାର ନାଏକ, ସମିତି ସଭ୍ୟ ଆନନ୍ଦ ନାଗ, ପରିଚାଳନା କମିଟି ସଭ୍ୟ ବିଷ୍ଣୁ ପୁଟେଲ, ରାଜ ସାହୁ, ଲାଲସାହେବ ସାହୁ, ରୁତୁପୂର୍ଣ୍ଣ ହରପାଲ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ ଜଣାଇବା ସହ ସ୍କୁଲ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ବିଦ୍ୟାଳୟକୁ ସ୍ୱତନ୍ତ୍ର ପାଣି ଯୋଗଇବାକୁ ଜିଲା ପରିଷଦ ଅଧ୍ୟକ୍ଷ ଓ ବ୍ଲକ ଅଧ୍ୟକ୍ଷାଙ୍କୁ କମିଟି କର୍ମକର୍ତ୍ତା ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ରଥ, ଶ୍ରୀକୃଷ୍ଣ ପୁଟେଲ, ବେଲାର ଚନ୍ଦ୍ର ପୁଟେଲ, ସଞ୍ଜୀବ କୁମାର ନାଗ, ସୁରେଶ ମିଶ୍ର, ଲେମ୍ବୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଥାନାଧିକାରୀଙ୍କୁ ପାଟ୍ରୋଲିଂ ପାଇଁ ଦାବିପତ୍ର


ବ୍ଲକ କଂଗ୍ରେସ ପକ୍ଷରୁ ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କୋକସରା,୩।୮(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକରେ ଗତ ସପ୍ତାହେ ହେବ ଚୋର, ଡକାୟତ, ସନ୍ଦିଗ୍ଧଙ୍କ ଭୟ ସାଧାରଣଙ୍କୁ ଚିନ୍ତାରେ ପକାଇ ଦେଇଛି। ବ୍ଲକର କେତେକ ଗ୍ରାମରେ ଏକପ୍ରକାର କୋକୁଆ ଭୟରେ ଲୋକେ ରାତି ଅନିଦ୍ରା ରହି ଗାଁକୁ ସୁରକ୍ଷା ଦେବାରେ ଲାଗି ପଡିଛନ୍ତି। ପୋଲିସ ପକ୍ଷରୁ ରାତିରେ ପାଟ୍ରୋଲିଂ ଜାରି ରହିଛି। କିନ୍ତୁ ଥାନାଞ୍ଚଳରେ ସମସ୍ତ ଗାଁକୁ ପୋଲିସ ପାଟ୍ରୋଲିଂ କରିବାରେ ସକ୍ଷମ ହୋଇପାରୁନାହାହିଁ। ଏହାକୁ ଦୃଷ୍ଟିରେ ରଖି ବୁଧବାର ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକ ସଭାପତି ଘନଶ୍ୟାମ ଜାଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କୋକସରା ଥାନାଧିକାରୀଙ୍କ ଅନୁପସ୍ଥିତରୁ ସବଇନିସ୍ପେକ୍ଟର ଗୋପବନ୍ଧୁ ନାଏକଙ୍କୁ ୫ଦଫା ଦାବିପତ୍ର ପ୍ରଦାନ କରାଯାଇଛି। କୋକସରାରେ ପୋଲିସ ପାଟ୍ରୋଲିଂ କଡାକଡି ଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ଗୁଜବ ଉପରେ ଅଙ୍କୁଶ ଲଗାଇବାକୁ ଦାବି କରିଛନ୍ତି। ବରିଷ୍ଠ ନେତା ପୁରୁଷୋତ୍ତମ ଗୁପ୍ତା, ନିମାଇଁ ଧଙ୍ଗଡା ମାଝି, ଯୁବନେତା ଓବିସି ସେଲ ଜିଲା ସଭାପତି ଲିଙ୍ଗରାଜ ବେହେରା, କୀର୍ତ୍ତନ ଶବର, ହରେକୃଷ୍ଣ ନାଏକ, କମଳ ଲୋଚନ ନାଏକ, ହରିଶ୍ଚନ୍ଦ୍ର ନାଏକ, ସୁଜିତ ସରାଫ, ନାରିନେତ୍ରୀ ଫୁଲତୋଳା ଖମାରି ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

# କାମରେ ଆସୁନି କୋଣାର୍କ ସୂତାକଳ

- ■କ୍ଷତି ସହୁଛନ୍ତି କପା ଚାଷୀ
- ■ପ୍ରାୟ ବର୍ଷକୁ ୫ ଲକ୍ଷ କୁଇଣ୍ଟାଲ କପା ଉତ୍ପାଦନ

ଭବାନୀପାଟଣା,୩।୮(ଡି.ଏନ.ଏ.)



କେସିଙ୍ଗାରେ ଥିବା କୋଣାର୍କ ସୂତାକଳ।

କଳାହାଣ୍ଡି ଜିଲାର ଚାଷୀଙ୍କ ରୋଜଗାର ବୃଦ୍ଧି ସହ ଦାଦନ ସମସ୍ୟାରେ ରୋକ ଲଗାଇବା ପାଇଁ ୧୯୮୨ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଉଦ୍ୟମରେ କେସିଙ୍ଗାରେ ସ୍ଥାପିତ ହୋଇଥିଲା କୋଣାର୍କ ସ୍ପିନିଂ ଓ ଜିନିଙ୍ଗ ମିଲ। ଧଳା ସୁନା ଉତ୍ପାଦନରେ କଳାହାଣ୍ଡି ରାଜ୍ୟର ପ୍ରଥମ ଜିଲା ହୋଇଥିବାବେଳେ ଏଠାକାର କପାକୁ ନେଇ ସ୍ପିନିଂ ଓ ଜିନିଙ୍ଗ ମଧ୍ୟମରେ ସୂତା ତିଆରି କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିଲା ଏହି କାରଖାନା। ତେବେ ସ୍ଥାପନ ହେବା ଦିନରୁ ହିଁ ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ୪୦ ବର୍ଷ ତଳେ କୋଣାର୍କ ସୂତାକଳର ପରିକଳ୍ପନା କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ୧୫ କୋଟି ଟଙ୍କାରେ ମିଲର ଭିତ୍ତିଭୂମିର ବିକାଶ କରାଯାଇଥିଲା। ହେଲେ ରାଜନୈତିକ ଇଚ୍ଛାଶକ୍ତି ଅଭାବ ଓ ପ୍ରଶାସନିକ ଉଦାସୀନତା ଯୋଗୁ ଏବେ କୋମାରେ ପଡିଛି ଜିଲାବାସୀଙ୍କ ଏହି ବହୁ ପ୍ରତିକ୍ଷୀତ କାରଖାନା। ଯେଉଁ ଉଦ୍ଦେଶ୍ୟରେ କୋଣାର୍କ ସୂତାକଳର ପରିକଳ୍ପନା କରାଯାଇଥିଲା ତାହା ବାଟବଣା ହୋଇଯାଇଥିବା ଅଭିଯୋଗ ହୋଇଛି। ଜିଲାରେ ପ୍ରାୟ ବର୍ଷକୁ ୫ ଲକ୍ଷ କୁଇଣ୍ଟାଲ କପା ଉତ୍ପାଦନ ହେଉଛି। ଏଥିରୁ ପ୍ରାୟ ୨ ଶହରୁ ୩ ଶହ କୋଟି ଟଙ୍କା ଆଦାୟ ହେବା ସହ ଚାଷୀଙ୍କଠାରୁ କ୍ରୟ ପାଇଁ ସରକାର ସିସିଆଇକୁ ଦାୟିତ୍ୱ ଦେଇଛନ୍ତି। ହେଲେ ସିସିଆଇ କର୍ମଚାରୀ ଓ କୋଣାର୍କ ସୂତାକଳର ଅସହଯୋଗନୀତି ଯୋଗୁ ଚାଷୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେବା ସହ କ୍ଷତି ସହୁଛନ୍ତି। କୋଣାର୍କ ସୂତାକଳରେ କେବଳ ୩ ମାସ ପାଇଁ ଜିନିଙ୍ଗ କରାଯାଇଥାଏ। ଯଦି ପୁନରୁଦ୍ଧାର କରାଯିବା ସହ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଏ ତାହେଲେ ପ୍ରାୟ ୧୫ ଶହରୁ ଉର୍ଦ୍ଧ୍ୱ କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କୁ ରୋଜଗାର ମିଳିବ। ଏଥିସହ ଅନେକ ଶିକ୍ଷିତ ଯୁବକଯୁବତୀ ଚାକିରି ପାଇପାରିବେ। ଜିଲାର କପା ଉନ୍ନତମାନର ହୋଇଥିବାରୁ ଅନ୍ତର୍ଜାତୀୟ ବଜାରରେ ଏହାର ଚାହିଦା ଢେର ଅଧିକ ରହିଛି। ଏଠାରେ ପ୍ରଚୁର ପରିମାଣରେ କଞ୍ଚାମାଲ ଥିବା ସତ୍ତ୍ୱେ ଏଠାକାର ଶ୍ରମିକ ଓ ଶିକ୍ଷିତ ଯୁବକଯୁବତୀ ରୋଜଗାର ପାଇପାରୁନାହାନ୍ତି। ଏଥିଯୋଗୁ ଜିଲାରେ ବେକାରୀ ସମସ୍ୟା ବୃଦ୍ଧି ପାଇବା ସହ ଦାଦନ ସମସ୍ୟା ଉଗ୍ର ରୂପ ନେଉଛି। ଆଉ ଏ ସବୁକୁ ନେଇ ଏବେ ଜିଲାବାସୀଙ୍କ ମଧ୍ୟରେ ଆନ୍ଦୋଳନ ଦାନା ବାନ୍ଧୁଛି। ତେବେ ଦେଖିବାର କଥା ଜିଲାବାସୀଙ୍କ ଏହି ବହୁ ପ୍ରତିକ୍ଷୀତ ଦାବି ପୂରଣ କରିବାରେ ସରକାର କେତେ ସଫଳ ହେଉଛନ୍ତି।

# କାର୍ଯ୍ୟାଳୟ ଗେଟ୍‌ରେ ତାଲା ପକାଇଲେ ଏସ୍‌ଏଚ୍‌ଜି


ଏସ୍‌ଏଚ୍‌ଜି ମହିଳାଙ୍କ ସହ ଆଇଆଇସି, ବିଡିଓ ଆଲୋଚନା କରୁଛନ୍ତି।

- ■ଭିତରେ ଚାଲିଥିଲା ବୈଠକ
- ■ବିଡିଓ, ଆଇଆଇସିଙ୍କ ଉପସ୍ଥିତିରେ ଖୋଲାଗଲା

ଜୁନାଗଡ,୩।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଳିଆକୁଣ୍ଡଲ ପଞ୍ଚାୟତରେ ବୁଧବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ସ୍ଥାନୀୟ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ନାଏବ ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବରଙ୍କୁ ନେଇ ବୈଠକ ଚାଲିଥିବାବେଳେ ହଠାତ୍ ଗ୍ରାମର କେତେକ ଏସଏଚ୍‌ଜି ମହିଳା ଆସି କାର୍ଯ୍ୟାଳୟ ଫାଟକରେ ତାଲା ପକାଇଥିଲେ। ଫଳରେ ସେମାନେ ବାହାରକୁ ନ ବାହାରି ଘଣ୍ଟାଏ ଧରି କାର୍ଯ୍ୟାଳୟ ଭିତରେ ରହିଯାଇଥିଲେ। ସରପଞ୍ଚ ବିଡିଓଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ଘଟଣାସ୍ଥଳରେ ବିଡିଓ ଦୁଲାରାମା ମାରାଣ୍ଡି, ଆଇଆଇସି ଉତ୍ତମ କୁମାର ସାହୁଙ୍କ ସହ ପୋଲିସ ପହଞ୍ଚିବା ପରେ ଏହି ତାଲା ଖୋଲାଯାଇଥିଲା। ଏପରିକି ତାଲା ଖୋଲିବା ପରେ ମଧ୍ୟ ଏସଏଚ୍‌ଜି ମହିଳାମାନେ ପୁଣି ଥରେ ପଞ୍ଚାୟତ କାର୍ଯ୍ୟାଳୟକୁ ତାଲା ପକାଇଥିବା ଜଣାପଡିଛି। ପ୍ରକାଶ ଯେ, ଗ୍ରାମର ଏସ୍‌ଏଚ୍‌ଜି ମହିଳାମାନେ ଗତ କିଛିଦିନ ତଳେ ଏହି ପଞ୍ଚାୟତରେ ପିଡିଏସ୍ ବଣ୍ଟନ ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜିଙ୍କୁ ଅପସାରଣ କରିବା ସହ ଯୋଗାଣ ସହାୟକ ନିଯୁକ୍ତି ଦାବି ନେଇ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବା ସହ ରାସ୍ତାରୋକୋ କରିଥିଲେ।

# ବ୍ଲକସ୍ତରୀୟ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା ସମାରୋହ



ଅତିଥିଙ୍କ ଗହଣରେ ବ୍ଲକସ୍ତରୀୟ ମାଟ୍ରିକ ଟପ୍ପର ଛାତ୍ରୀଛାତ୍ରମାନେ।

କୋକସରା,୩।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକର ଚଳିତ ମାଟ୍ରିକ ପରୀକ୍ଷାରେ ଟପ୍ପର ଛାତ୍ରୀଛାତ୍ରଙ୍କୁ ବୁଧବାର ଲଡୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ସମ୍ବର୍ଦ୍ଧନା ଦିଆଯାଇଛି। ଲଡୁଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲ, ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ ଲଡୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ସଞ୍ଜୟ କୁମାର ପୁରୋହିତ, ସମ୍ମାନିତ ଅତିଥି ପ୍ରଫେସର ଭୁବନେଶ୍ୱର ବେହେରା ଟ୍ରଷ୍ଟ ଜିଲା ସଂଯୋଜକ ବସନ୍ତ ନାଏକ, ଦଣ୍ଡପାଟ ଯୁବ ସେବା ସଙ୍ଗଠନ ସଦସ୍ୟ ରଜତ କୁମାର ବଂଶଲ, ବ୍ଲକ ଶିକ୍ଷା ଅଧିକାରୀ ନେପାଲ ଚନ୍ଦ୍ର ବାଗ, ଲଡୁଗାଁ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ଜିତେନ୍ଦ୍ର କୁମାର ଜେନା, କୋକସରା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ଟପ୍ପର ୨୧ ଉଚ୍ଚ ବିଦ୍ୟାଳୟର ୨୫ଜଣ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ଶିକ୍ଷକ ବୁଦ୍ଧିରାମ ନାଏକ କରିଥିବା ବେଳେ ପ୍ରଫେସର ଭୁବନେଶ୍ୱର ବେହେରା ସଙ୍ଗଠନ ସମ୍ପାଦକ ଅବିନାଶ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ଦଣ୍ଡପାଟ ଯୁବ ସଙ୍ଗଠନର ଭିକାରୀ ଚରଣ ଗୋପାଳ, ଭଜବଲ ନାଏକ, ସୁଶିଳ ଚନ୍ଦ୍ର ନାଗ, ରିଙ୍କୁ ବିଶି ସମେତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରଫେସର ଭୁବନେଶ୍ୱର ବେହେରା ୟୁଥ ଅର୍ଗାନାଇଜେଶନ ଟ୍ରଷ୍ଟ ମୁଡ୍ରାଗୁଡା, ଦଣ୍ଡପାଟ ଯୁବ ସେବା ସଙ୍ଗଠନ ବେହେରା ଓ ଧର୍ମଗଡ଼ ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟର ମିଳିତ ଉଦ୍ୟମରେ ଏହା ଆୟୋଜିତ ହୋଇଥିଲା।

# ପ୍ରଧାନମନ୍ତ୍ରୀ ଫସଲ ବୀମା ସହାୟତାରୁ ଚାଷୀ ବଞ୍ଚିତ

ପଲମ,୩।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଞ୍ଚଳରେ ୨୦୨୧ ଖରିଫ ଋତୁରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲା। ଚାଷୀ ନିଅଣ୍ଟିଆ ବର୍ଷାକୁ ନେଇ ଫସଲ ବୀମା ସହାୟତା ରାଶି ପାଇଁ ବ୍ୟାଙ୍କ, ଜନସେବା କେନ୍ଦ୍ର ଏବଂ ସେବା ସମବାୟ ସମିତିଗୁଡିକରେ ବୀମା ବାବଦରେ ପ୍ରିମୟମ ଦାଖଲ କରିଥିଲେ। ନର୍ଲା ବ୍ଲକ ଅନ୍ତର୍ଗତ ମୁସ୍କୁଟି ପଞ୍ଚାୟତସ୍ଥିତ ସାଲିଙ୍ଗ ଗ୍ରାମର ଚାଷୀ ଉପେନ୍ଦ୍ର ସାହୁ ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇଁ ରୁପ୍ରା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଶାଖାରେ ନିଜ ଆକାଉଣ୍ଟରେ ପ୍ରିମିୟମ ରାଶି ବାବଦରେ ଗତ ତା ୨୯।୭।୨୦୨୧ରେ ୧୪୦୬ ଟଙ୍କା କଟିଥିଲା। ମରୁଡି ସହାୟତା ରାଶି ଟଙ୍କା ଉଠାଣ କରିବା ପାଇଁ ଉପେନ୍ଦ୍ର ବ୍ୟାଙ୍କକୁ ଯାଇ ବୀମା ସହାୟତା ରାଶି ବାବଦରେ ଶାଖା ପରିଚାଳକଙ୍କୁ ପଚାରି ବୁଝିଥିଲେ। ଖାତାରେ ବୀମା ଟଙ୍କା ଜମା ହୋଇ ନ ଥିବା ଶାଖା ପରିଚାଳକ କହିବା ପରେ ଚାଷୀ ଜଣକ କୃଷୀ ବୀମା କମ୍ପାନୀ ସହ ଯୋଗାଯୋଗ କରିଥିଲେ। କୃଷି ବୀମା କମ୍ପାନୀ ଭୁବନେଶ୍ୱର ପକ୍ଷରୁ ଆଞ୍ଚଳିକ ମୁଖ୍ୟ ଶାଖା ପ୍ରବନ୍ଧକ ଅନୁପମ ଦାଶ ୨୧।୬।୨୦୨୨ରିଖରେ ଉପେନ୍ଦ୍ରଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ ଯେ ରୁପ୍ରା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରୁ ତାଙ୍କ ନାମରେ କୌଣସି କୃଷି ବୀମା ପ୍ରିମିୟମ ରାଶି ଜମା କରାଯାଇ ନ ଥିଲା। ତେଣୁ ବୀମା ସହାୟତା ରାଶି ତାଙ୍କୁ ପ୍ରଦାନ କରାଯାଇନାହିଁ। ଏ ସମ୍ପର୍କରେ ରୁପ୍ରା ଶାଖା ପରିଚାଳକଙ୍କୁ ପଚାରିବାରୁ ମୁଁ ଆରବିଓ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଜଣାଇ ଦେଇଛି ବୋଲି କହିଥିଲେ। ଏ ବାବଦରେ ତଦନ୍ତ ହେଲେ ଜଣପଡିବ ବୋଲି କହିଛନ୍ତି। ଅନ୍ୟପଟେ ଚାଷୀ ଜଣକ ସହାୟତା ରାଶି ନ ପାଇ ମାନସକ ସ୍ୱାସ୍ଥ୍ୟ ହରାଇ ନିରାଶ ହୋଇଛନ୍ତି।

# ଧରିତ୍ରୀ ପ୍ରଭାବ: ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗର ତଦନ୍ତ


ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ ଦାଣ୍ଡିଭଜା ସ୍କୁଲରେ କାଗଜପତ୍ର ଯାଞ୍ଚ କରୁଛି।

**ଦାଣ୍ଡିଭଜା ପ୍ରାଥମିକ ସ୍କୁଲରେ ବ୍ୟାପକ ଦୁର୍ନୀତି ଘଟଣା**

କର୍ଲାମୁଣ୍ଡା,୩।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ଦାଣ୍ଡିଭଜା ସ୍କୁଲରେ ପ୍ରଧାନ ଶିକ୍ଷକ ଶଙ୍କର ବାଗଙ୍କ ଦ୍ୱାରା ଦୁର୍ନୀତି ହୋଇଥିବା ନେଇ ଗ୍ରାମବାସୀ ଜିଲାପାଳ ଯୁଗ୍ମ ଜନଶୁଣାଣି ଶିବିରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ବୁଧବାର କର୍ଲାମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ଆକାଉଣ୍ଟାଣ୍ଟ କ୍ଷିରୋଦ ବଡମାଲି, ପ୍ରଫୁଲ୍ଲ ପାଠୀ, ଏମଡିଏମ ଡିଇଓ ମନୋଜ ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସହଦେବ ସୁନା ପ୍ରମୁଖ ବିଦ୍ୟାଳୟକୁ ଯାଇ ସମସ୍ତ କାଗଜ ପତ୍ର ଯାଞ୍ଚ କରିଥିବା ଜଣାପଡ଼ିଛି। ଏ ନେଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସହଦେବ ସୁନାଙ୍କୁ ପଚାରିବାରୁ ତଦନ୍ତ ୨ ଦିନ ଭିତରେ ସରିଯିବ। ପରେ ପ୍ରଧାନ ଶିକ୍ଷକଙ୍କଠାରୁ ସମସ୍ତ ଅର୍ଥ ଅସୁଲ କରାଯାଇ ଉକ୍ତ ବିଦ୍ୟାଳୟର ଆକାଉଣ୍ଟରେ ଟଙ୍କା ଜମା କରାଯିବ ବୋଲି କହିଛନ୍ତି। ତେବେ ଦାଣ୍ଡିଭଜାର ସମସ୍ତ ଅଭିଭାବକମାନଙ୍କୁ ଭେଟି ତାଙ୍କ ପିଲାମାନଙ୍କୁ ସ୍କୁଲକୁ ଛାଡିବାକୁ ଅନୁରୋଧ କରିଥିବା ସେ ପ୍ରକାଶ କରିଛନ୍ତି।

# ଆଶ୍ରମ ବିଦ୍ୟାଳୟର ପ୍ରଥମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

ଖଡ଼ିଆଲ,୩।୮(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ନେହେନା ଆଶ୍ରମ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କ ବୁଧବାର ମୃତ୍ୟୁ ଘଟିଛି। ଛାତ୍ରୀ ଜଣଙ୍କ ହେଲେ ଏହି ବ୍ଲକ ମହୁଲକୋଟ ଗ୍ରାମର ଶିବନୀ ଭୋଇ (୬)। ଛାତ୍ରୀଙ୍କୁ ଜ୍ୱର ହେଉଥିବା ବେଳେ ଚିକିତ୍ସାରେ ବିଳମ୍ବ ହେବାରୁ ତାଙ୍କର ମୃତ୍ୟୁ ଘଟିଛି ବୋଲି ଆଶ୍ରମ ବିଦ୍ୟାଳୟ ଗ୍ରାମରେ ଚର୍ଚ୍ଚା ହେଉଛି। ସୂଚନା ଯେ, ଶିବନୀଙ୍କୁ ଜ୍ୱର ହେବାରୁ ସକାଳେ ଖଡ଼ିଆଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାନରେ ଅପରାହ୍ନ ସାଢ଼େ ୪ଟାରେ ମୃତ୍ୟୁ ଘଟିଛି। ଡାକ୍ତର ମହେନ୍ଦ୍ର ମାଝିଙ୍କୁ ପଚାରିବାରୁ ଛାତ୍ରୀଙ୍କୁ ଜ୍ୱର ହେବା ସହିତ ଦେହ ଝଟକା ମାରୁଥିଲା। ଏ ନେଇ ତାଙ୍କ ବାପା ସହିତ ଯୋଗାଯୋଗ ହୋଇପାରିନାହିଁ। ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ତାଙ୍କୁ ଜ୍ୱର ହେବାରୁ ସକାଳେ ଖଡ଼ିଆଲ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଛି ବୋଲି କହିଛନ୍ତି। ଖଡ଼ିଆଲ ଜନମଙ୍ଗଳ ଅଧିକାରୀ କ୍ଷଣପ୍ରଭା ପାଣିଗ୍ରାହୀଙ୍କୁ ପଚାରିବାରୁ ଖଡ଼ିଆଲ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧୀନରେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା କହିଛନ୍ତି।

# ୨୦ ଦଫା ଦାବି ନେଇ ତହସିଲ ଅଫିସ ଘେରାଉ

**ଯୁବ କଂଗ୍ରେସର ଯୁବ ସମ୍ପର୍କ ପଦଯାତ୍ରା**

ଗୋଲାମୁଣ୍ଡା,୩।୮(ଡି.ଏନ.ଏ.)

କଳାହାଣ୍ଡି ଜିଲାର ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ଯୁବ କଂଗ୍ରେସ ପକ୍ଷରୁ ୨୦ ଦଫା ଦାବିରେ ଯୁବ ସମ୍ପର୍କ ପଦଯାତ୍ରା ଓ ସ୍ଥାନୀୟ ତହସିଲ ଅଫିସ ଘେରାଉ କରାଯାଇଛି। ଜିଲା ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ବ୍ଲକର ଉଦେଶୃଙ୍ଗଠାରୁ ଗୋଲାମୁଣ୍ଡା ତହସିଲ ଅଫିସ ପର୍ଯ୍ୟନ୍ତ ଏକ ପଦଯାତ୍ରା ହୋଇଥିଲା। ତହସିଲ ଅଫିସଠାରେ ଆୟୋଜିତ ସଭାରେ କଂଗ୍ରେସ କର୍ମୀମାନେ ଜିଲାର ବିଭିନ୍ନ ସମସ୍ୟା ଉପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜାତୀୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶେଷ ନାରାୟଣ ଓଝା, ସମ୍ପାଦକ ଅଭିନାଶ ଭଗତ, ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା, ଉପସଭାପତି ନିରଞ୍ଜନ ନାଏକ, ବିରେନ୍ଦ୍ର ନାଗ, ସୁରେଶ ରାଓ, ନିରଞ୍ଜନ ପାଣିଗ୍ରାହୀ, ଜ୍ଞାନ ଦାସ, ବିଶ୍ୱଜିତ ଲେଙ୍କାଙ୍କ ସମେତ ହଜାର ହଜାର ସଂଖ୍ୟାରେ ଚାଷୀ ସାମିଲ ହୋଇଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୨୦ ଦଫା ଦାବିପତ୍ର ପ୍ରଦାନ ପାଇଁ ତହସିଲ ଅଫିସ ଯାଇଥିଲେ। ସେଠାରେ ତହସିଲଦାର ନ ଥିବାରୁ ଯୁବ କଂଗ୍ରେସ କର୍ମୀମାନେ ଧାରଣାରେ ବସିଥିଲେ। ଦୀର୍ଘ ୫ ଘଣ୍ଟା ଧାରଣା ପରେ ଘଟଣାସ୍ଥଳକୁ ସହକାରୀ ଜିଲାପାଳ ଚିନ୍ମୟ କୁମାର ନାୟକ ଆସି ଯୁବ କଂଗ୍ରେସ କର୍ମୀମାନଙ୍କୁ ବୁଝାଶୁଝା କରିଥିଲେ। ଦାବିଗୁଡିକୁ ଯଥାଶୀଘ୍ର ପୂରଣ ପାଇଁ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଟ୍ରାଫିକ୍ ସମସ୍ୟା: ୧୨ ଘଣ୍ଟା ଖଡ଼ିଆଲ ବନ୍ଦ

ଖଡ଼ିଆଲ,୩।୮(ଡି.ଏନ.ଏ.)



ଖଡ଼ିଆଲ ସହରର ଦୋକାନ ବଜାର ବନ୍ଦ ରହିଛି।

ନୂଆପଡା ଜିଲାର ଖଡ଼ିଆଲ ଏକ ପ୍ରମୁଖ ସହର। ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ ବ୍ୟବସାୟ ପାଇଁ ଜିଲାର ଅଧିକାଂଶ ଲୋକ ଏହି ସହର ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଟ୍ରାଫିକ ବ୍ୟବସ୍ଥା ଠିକ ନ ଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେଉଛି। ଖଡ଼ିଆଲ ସହର ବାଇପାସ ରାସ୍ତା ନିର୍ମାଣ ନେଇ ସଚେତନ ନାଗରିକ ମଞ୍ଚ ପକ୍ଷରୁ ବିଭିନ୍ନ ସମୟରେ ପ୍ରଶାସନ ନିକଟରେ ଦାବି କରିଥିଲେ। କିନ୍ତୁ ସହରବାସୀଙ୍କ ଦାବିକୁ ପ୍ରଶାସନ କର୍ଣ୍ଣପାତ କରୁନାହିଁ। ଏ ନେଇ ଖଡ଼ିଆଲ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରି ବୁଧବାର ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଖଡ଼ିଆଲ ସହର ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ ତଥା ଅନ୍ୟାନ୍ୟ ସମସ୍ତ ସଂସ୍ଥା ଓ ଗାଡିମୋଟର ବନ୍ଦ ରହିଥିଲା। ଏହି ଅବସରରେ ୫ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଆଚାର୍ଯ୍ୟଙ୍କୁ ପ୍ରଦାନ କରାଯାଇଛି। ସୂଚନା ଯେ, ଜିଲାର ବ୍ୟସ୍ତବହୁଳ ଖଡ଼ିଆଲ ସହରର ଅଣଓସାରିଆ ରାସ୍ତା ଯୋଗୁ ଦୁର୍ଘଟଣା ଘଟି ଅକାଳରେ ଲୋକଙ୍କ ଜୀବନ ଯାଉଛି। ସହର ଭିତରେ ଭାରିଯାନ, ମାଲ ବୋଝେଇ ଟ୍ରକ୍ ପଶି ଦୁର୍ଘଟଣା ଘଟୁଛି। ସେହିଭଳି ଟ୍ରାଫିକ ନିୟନ୍ତ୍ରଣ ଭୁଶୁଡି ପଡିଛି, ଫଳରେ ବିଦ୍ୟାଳୟ ଛାତ୍ରୀଛାତ୍ର ମଧ୍ୟ ଅନେକ ସମୟରେ ମୃତ୍ୟୁମୁଖରେ ପଡୁଛନ୍ତି। ୫ ଦଫା ଦାବି ମଧ୍ୟରେ ଖଡ଼ିଆଲ ବାଇପାସ ରାସ୍ତା ଅନୁମୋଦନ କରି ତୁରନ୍ତ ରାସ୍ତା ନିର୍ମାଣ କରିବା, ସ୍ୱତନ୍ତ୍ର ଟ୍ରାଫିକ ପୋଲିସ ଦ୍ୱାରା ଟ୍ରାଫିକ ପରିଚାଳନା କରିବା, ବ୍ୟସ୍ତ ବହୁଳ ସହର ଯୋଗୁ ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ଓ ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ସହରରେ ଭାରିଯାନ ପ୍ରବେଶ ନିଷେଧ କରିବା, ତୁରନ୍ତ ୩୫୩ ଜାତୀୟ ରାଜପଥ କାର୍ଯ୍ୟ ଶେଷ କରିବା ଆଦି ରହିଛି। ସଚେତନ ନାଗରିକ ମଞ୍ଚ ପକ୍ଷରୁ ବନ୍ଦ ପାଳନରେ ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ପୃଥୱୀରାଜ ମହାନ୍ତି, ସୁନୀଲ ସାହୁ, ସୁବେର ସିଂଦେଓ, ଦେବଦତ୍ତ ଯୋଶୀ, ବିଭୁଦତ୍ତ ଯୋଶୀ, ଚନ୍ଦନ ସାହୁ, ଦୁର୍ବା ଖମାରୀ, ରାଜୁ ଛାବଡା, ସରୋଜ ଶବର, ପ୍ରଦୀପ ଦଣ୍ଡସେନା, ଶୈଳେନ୍ଦ୍ର ପାଣିଗ୍ରାହୀ, ଦାମୋଦର ନାଏକ, ସୁନୀଲ ନାଗ, ସୁରେନ୍ଦ୍ର କୁମାର ପ୍ରମୁଖ ସାମିଲଥିଲେ।

**ଏନ୍‌ଏସି ଅଧିକାରୀଙ୍କୁ ୫ ଦଫା ଦାବିପତ୍ର**

## ଉପଖଣ୍ଡ ପୋଲିସ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ

ପଦ୍ମପୁର,(ଡି.ଏନ.ଏ.): ପଦ୍ମପୁର ପୋଲିସ ସୁପ୍ରିମକୋର୍ଟଙ୍କ ରାୟ ଓ ପୋଲିସ ସାର୍କୁଲାରକୁ ଉଲ୍ଲଂଘନ କରିଛି। ଏହିଭଳି ଅଭିଯୋଗ କରି ଆଦିବାସୀ ନେତା ଗୋବର୍ଦ୍ଧନ ଭୋଏଙ୍କ ନେତୃତ୍ୱରେ ଆଦିବାସୀ ସଂଘ ପକ୍ଷରୁ ବୁଧବାର ଉପଖଣ୍ଡ ପୋଲିସ ଅଧିକାରୀ ବିଭୁତି ଭୂଷଣ ଭୋଇ ଓ ଥାନା ଅଧିକାରୀ ରାଜେନ୍ଦ୍ର ସିଅଲଙ୍କୁ ଭେଟିଥିଲେ। ପରେ ନେଇ ଏକ ଦାବିପତ୍ର ଉପଖଣ୍ଡ ପୋଲିସ ଅଧିକାରୀଙ୍କୁ ସେମାନେ ପ୍ରଦାନ କରିଥିଲେ। ଗୋବର୍ଦ୍ଧନ ଭୋଏ, ବାମନ ଧରୁଆ, ଶଶିଭୂଷଣ ବରିହା, ଗୋବିନ୍ଦ ବରିହା ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ଅନିୟମିତ ବୃଷ୍ଟିପାତ, ମରୁଡ଼ି ଚିନ୍ତା

ବରଗଡ଼ ଅଫିସ୍,୩।୮


ନିଲେଶ୍ୱର ଗ୍ରାମର ଚାଷୀମାନେ ଉଜୁଡ଼ା ଧାନ ଫସଲ ଦେଖୁଛନ୍ତି ।

ବରଗଡ଼ ଜିଲାରେ ଅନିୟମିତ ବୃଷ୍ଟିପାତ ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଠିକ୍‌ଭାବେ ବୃଷ୍ଟିପାତ ହେଉ ନଥିବା ଯୋଗୁ ଜିଲାରେ ପୁଣି ମରୁଡ଼ି ଆଶଙ୍କା ଦେଖାଯାଇଛି। ବର୍ଷାଭାବରୁ ଜିଲାର ଅଣଜଳସେଚିତ ଅଞ୍ଚଳର ଚାଷଜମି ଉଜୁଡ଼ି ବସିବା ଆରମ୍ଭ ହେଲାଣି। ଚାଷଜମି ଫାଟି ଗଲାଣି। ନିକଟରେ ବର୍ଷା ନହେଲେ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ିଯିବାର ସମ୍ଭାବନା ଦେଖାଦେଇଛି। ଏଭଳି ସ୍ଥିତିରେ ଚାଷୀ ଏବେଠାରୁ ଭାଙ୍ଗି ପଡ଼ିଛି। ଆଗକୁ ବର୍ଷା ନହେଲେ ଜିଲାରେ ମରୁଡ଼ି ସ୍ଥିତି ଉପୁଜିବ ବୋଲି କୃଷି ବିଭାଗ ମଧ୍ୟ ଆଶଙ୍କା ପ୍ରକାଶ କରିଛି।

ଜିଲାରେ ରହିଥିବା ୩ଲକ୍ଷ ୪୮ହଜାର ହେକ୍ଟର ଚାଷୋପଯୋଗୀ ଜମି ରହିଛି। ସେଥିରୁ ଖରିଫରେ ୨ଲକ୍ଷ ୪୮ହଜାର ୯୪୪ ହେକ୍ଟର ଜମିରେ ଧାନଚାଷ ଲକ୍ଷ୍ୟ ରଖାଯାଇଛି। ସେଥିମଧ୍ୟରୁ ଜଳସେଚିତ ଅଞ୍ଚଳର ୧ଲକ୍ଷ ୫୧ହଜାର ୫୯୪ ହେକ୍ଟର ଜମିର ଧାନଚାଷ କେନାଲ ପାଣି ଏବଂ ଅଣଜଳସେଚିତ ଅଞ୍ଚଳର ୯୭ହଜାର ୪୫୦ ହେକ୍ଟର ଜମିର ଧାନଚାଷ ବର୍ଷା ଉପରେ ନିର୍ଭର କରିଥାଏ। ଜୁନ ମାସର ସ୍ୱଳ୍ପ ବୃଷ୍ଟିପାତ ଅଣଜଳସେଚିତ ଅଞ୍ଚଳକୁ ଚିନ୍ତାରେ ପକାଇ ଦେଇଥିଲା। ଜିଲାରେ ଜୁନମାସର ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୨୦୫ମି.ମି ରହିଛି। କିନ୍ତୁ ଜୁନରେ ଜିଲାର ହାରାହାରି ବୃଷ୍ଟିପାତ ପରିମାଣ ୧୨୩.୭୩ ମି.ମିରେ ସୀମିତ ଥିଲା। ଫଳରେ ଅଣଜଳସେଚିତ ଅଞ୍ଚଳର ଚାଷୀମାନେ ଚାଷକାର୍ଯ୍ୟ ଆଗେଇ ପାରି ନଥିଲେ। ଜୁଲାଇ ପ୍ରଥମାର୍ଦ୍ଧରେ ଅନୁକୂଳ ବୃଷ୍ଟିପାତ ହୋଇଥିଲା । ତେବେ ଏହିମାସରେ ଜିଲାର ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୩୯୭.୨ମି.ମି ରହିଥିବାବେଳେ ୪୩୯.୬୯ ମି.ମି ବୃଷ୍ଟିପାତ ହୋଇଥିଲା ।

ଜୁଲାଇରେ ସ୍ୱାଭାବିକ ବୃଷ୍ଟିପାତ ପରିମାଣଠାରୁ ଅଧିକ ବର୍ଷା ହୋଇଛି ସତ, ହେଲେ ବୃଷ୍ଟିପାତ ଅନିୟମିତ ରହିଥିଲା। ଗତପ୍ରାୟ ୨ସପ୍ତାହ ହେଲା ଜିଲାରେ ବର୍ଷାନାହିଁ। କାଁ ଭାଁ କେତେକାଞ୍ଚଳରେ ଯେଉଁ ସ୍ୱଳ୍ପ ବୃଷ୍ଟିପାତ ହେଉଛି ତାହା କାମକୁ ନୁହେଁ। ଫଳରେ ଜିଲାର ପଦ୍ମପୁର ଉପଖଣ୍ଡ ସମେତ ବରଗଡ଼ ଉପଖଣ୍ଡର ଅଣଜଳସେଚିତ ଅଞ୍ଚଳର ଚାଷଜମି ପାଣି ଅଭାବରୁ ଉଜୁଡ଼ିବାରେ ଲାଗିଛି। କେତେକ ସ୍ଥାନରେ ଚାଷଜମି ମାଟି ଫାଟି ଆଁ କଲାଣି । ଦିନେ, ଦୁଇଦିନ ମଧ୍ୟରେ ବର୍ଷା ନହେଲେ ତାଙ୍କ ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯିବ ବୋଲି ନିଲେଶ୍ୱର ଗ୍ରାମର ଜଣେ ଚାଷୀ ସଭା ସାହୁ କହିଛନ୍ତି। ସେହିପରି ବର୍ତ୍ତମାନ ଯେଉଁଭଳି ସ୍ଥିତି ଦେଖାଗଲାଣି ଏଥର ମଧ୍ୟ ମରୁଡ଼ିର ପୁନରାବୃତ୍ତି ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଚାଷୀନେତା ହର ବଣିଆ କହିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ଜିଲା କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣାଙ୍କୁ ପଚାରିବାରୁ ସେ କହିଥିଲେ, ଜିଲାରେ ଜୁନରେ ୪୦ପ୍ରତିଶତ କମ୍ ବୃଷ୍ଟିପାତ ହୋଇଥିଲା। ଜୁଲାଇରେ ସ୍ୱାଭାବିକ ବୃଷ୍ଟିପାତ ପରିମାଣଠାରୁ ଅଧିକ ୧୦ପ୍ରତିଶତ ବୃଷ୍ଟିପାତ ହୋଇଥିଲା। ମାତ୍ର ଗତ ୧୦/୧୨ଦିନ ହେଲା ବର୍ଷାନାହିଁ । ଫଳରେ ଆଗକୁ ବର୍ଷା ନହେଲେ ମରୁଡ଼ି ସମ୍ଭାବନା ଯଥେଷ୍ଟ ରହିଛି ବୋଲି ସେ କହିଥିଲେ ।

## ସଂକ୍ଷେପରେ

### ବାଇକ୍‌ରୁ ଖସିପଡି ମହିଳାଙ୍କ ମୃତ୍ୟୁ

ସୋନପୁର,୩।୮(ନି.ପ୍ର.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ଅଇଲାଛାଟ ଗାଁ ନିକଟରେ ବାଇକ୍‌ରୁ ଖସି ପଡି କ୍ଷିରାବ୍ଧୀ ତନୟା ଦାସ (୩୬)ଙ୍କ ମୃତ୍ୟୁ ଘଟିଛି । ବୀରମହାରାଜପୁର ନିକଟସ୍ଥ ବାଘମାରୀ ଗାଁର ଚନ୍ଦ୍ରେଶ୍ୱର ମିଶ୍ର ତାଙ୍କ ଭଉଣୀ କ୍ଷିରାବ୍ଧୀଙ୍କୁ ବାଇକ୍‌ରେ ବସାଇ ଶାଶୁ ଘର ଅଇଲାଛାଟକୁ ଯାଉଥିଲେ । ଗାଁ ମୁଣ୍ଡରେ କ୍ଷିରାବ୍ଧୀ ବାଇକ୍‌ରୁ ଖସି ପଡିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ପରିବାର ତରଫରୁ ଉଲୁଣ୍ଡା ପୋଲିସକୁ ଖବର ଦିଆଯାଇଥିଲା । ପୋଲିସ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ଉଲୁଣ୍ଡା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

### ଜଳଖିଆ ଦୋକାନକୁ ପଶିଲା ଟ୍ରକ : ଜଣେ ମୃତ, ୨ ଗୁରୁତର

ବୌଦ୍ଧ,୩।୮(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ନୂଆପଡା ଠାରେ ବୁଧବାର ସନ୍ଧ୍ୟାରେ ଏକ ଟ୍ରକ ଜଳଖିଆ ଦୋକାନ ଭିତରକୁ ପଶିଯିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ଓ ୨ଜଣ ଗୁରୁତର ହୋଇଥିବା ଜଣାପଡିଛି । ପ୍ରକାଶ ଯେ, ବୌଦ୍ଧ ପଟୁ ଚାରିଛକ ଆଡକୁ ଏକ ଟ୍ରକ (ଏମପି ୦୯ ଏଚଏଚ ୧୮୧୬) ଯାଉଥିବା ବେଳେ ନୂଆପଡା ଠାରେ ଏକ ବଡ ହମ୍ପସ ଥିବାରୁ ଟ୍ରକଟି ଭାରସାମ୍ୟ ହରାଇ ନିକଟରେ ଥିବା ଜଳଖିଆ ଦୋକାନ ଭିତରକୁ ପଶିଯିବା ସହ ଓଲଟି ପଡିଥିଲା । ଏହି ଦୁର୍ଘଟଣାରେ ଜଳଖିଆ ଦୋକାନରେ ଥିବା ଶାନ୍ତାନୁ ଉର୍ମା ଓ ଶାନ୍ତି ଉର୍ମା ତଥା ଟ୍ରକର ଚାଳକ ଗୁରୁତର ହୋଇଥିଲେ । ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମେଡିକାଲକୁ ପଠାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶାନ୍ତାନୁଙ୍କ ମୃତ୍ୟୁ ଘଟିଛି । ବୌଦ୍ଧ ପୋଲିସ ଘଟଣାର ତଦନ୍ତ ଚଳାଇଛି ।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ

ପାଇକମାଲ, ୩।୮(ଡି.ଏନ.ଏ.): ବରଗଡ଼ ଜିଲା ପାଇକମାଲ ବ୍ଲକ ଆଦର୍ଶ ବିଦ୍ୟାଳୟ ଫ୍ରେଜରପୁରଠାରେ ବନ ମହୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ କେଛୋଦାଦର ପଞ୍ଚାୟତ ଯୁବ ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା ଉପରେ କହିଥିଲେ। କେବଳ ରୋପଣ ନୁହେଁ, ଚାରାର ଦାୟିତ୍ୱ ନେଇ ବୃଦ୍ଧିରେ ସହାୟକ ହେବାକୁ ଆହ୍ୱାନ ଦିଆଯାଇଥିଲା। ସମ୍ମାନିତ ଅତିଥିଭାବେ ପାଇକମାଲ ବନପାଳ ଖେଳପ୍ରିୟ ସାହୁ ଯୋଗଦେଇଥିଲେ। ଭାରପ୍ରାପ୍ତ ଅଧକ୍ଷା ଦୀପ୍ତିମୟୀ ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାକୁ ସହକାରୀ ଶିକ୍ଷକ ତରୁଣ କୁମାର ଦାସ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସୁବାଷ ଚନ୍ଦ୍ର ନାଏକ, ଅଧାପକ ଅବିନାଶ ମହାନନ୍ଦ ଉପସ୍ଥିତ ଥିଲେ। ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଏବଂ ଅତିଥି ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ।

## ଶିକ୍ଷକ ନିଯୁକ୍ତି ଦାବି, ଜିଲାପାଳଙ୍କୁ ଫେରାଦ

ବରଗଡ଼ ଅଫିସ୍,୩।୮

ବରଗଡ଼ ଜିଲା ଗୋପାଳପୁର ଆଶ୍ରମ ସ୍କୁଲରେ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଶ୍ରେଣୀ କୋଠରିର ଅଭାବ ରହିଛି। ଏଭଳି ଅଭିଯୋଗ ନେଇ ବୁଧବାର ସ୍କୁଲ ପରିଚାଳନା କମିଟି ଏବଂ ଅଭିଭାବକମାନେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ସ୍କୁଲରେ ରହିଥିବା ସମସ୍ୟାଗୁଡ଼ିକର ସମାଧାନ କରିବାକୁ ସେମାନେ ନିବେଦନ କରିଛନ୍ତି।

ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ବର୍ତ୍ତମାନ ୨୫୫ଜଣ ଛାତ୍ରୀଛାତ୍ର ଅଛନ୍ତି। ୮ଟି ଶ୍ରେଣୀ ପାଇଁ ମାତ୍ର ୩ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ରହିଛନ୍ତି। ଏଥିରୁ ଉକ୍ତ ସ୍କୁଲରେ ପାଠପଢ଼ା କିଭଳି ଚାଲୁଥିବ ତାହା ସହଜରେ ଅନୁମେୟ ବୋଲି ଅଭିଭାବକମାନେ କହିଛନ୍ତି। ସେହିପରି ଶ୍ରେଣୀ କୋଠରି ଅଭାବ ରହିଥିବାବେଳେ ଛାତ୍ରୀନିବାସରେ ରୋଷେଇ ଘର ନାହିଁ। ଅନ୍ତେବାସୀ ଭୋଜନ କରିବା ପାଇଁ ସ୍ୱତନ୍ତ୍ର ଘର ମଧ୍ୟ ନଥିବା ଅଭିଯୋଗ ହୋଇଛି। ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସ୍କୁଲ ପରିଚାଳନା କମିଟି ସଦସ୍ୟ ଏବଂ ଅଭିଭାବକମାନେ ଜିଲାପାଳଙ୍କୁ ନିବେଦନ କରିଥିଲେ। ପରିଚାଳନା କମିଟି ଚେୟାରମ୍ୟାନ ଅନନ୍ତ ସାହୁଙ୍କ ସମେତ ଅଭିଭାବକମାନେ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଅଫିସକୁ ଆସିଥିଲେ।

## ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କିତ ବୈଠକ

ସୋନପୁର,୩।୮(ନି. ପ୍ର)

ଭୋଟର ତାଲିକା ୨୦୨୩ ପ୍ରସ୍ତୁତି ସମ୍ପର୍କରେ ଏକ ନିର୍ବାଚନୀ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ମିନି ସମ୍ମିଳନୀ କକ୍ଷଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭୋଟର ପରିଚୟପତ୍ର ସହ ଆଧାର ସଂଯୋଗୀକରଣ ଓ ସଂଶୋଧିତ ରୂପାନ୍ତରିତ ପଞ୍ଜିକରଣ ଫର୍ମ ଆଦି ବ୍ୟବସ୍ଥା ସମ୍ବନ୍ଧରେ ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧି, କର୍ମକର୍ତ୍ତାଙ୍କୁ ଅବଗତ କରାଯାଇଛି। ଡେପୁଟି କଲେକ୍ଟର (ନିର୍ବାଚନ ଶାଖା) ପ୍ରୟାଶୀ ପ୍ରଧାନ ବୈଠକର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । କେନ୍ଦ୍ର ସରକାରଙ୍କ ଆଇନ ୧୯୫୦/୫୧ର ପରିବର୍ତ୍ତନ କରାଯାଇ ସଂଶୋଧିତ ଭୋଟର ପଞ୍ଜିକରଣ ଆଇନ -୨୦୨୨ ଅନୁଯାୟୀ ରୂପାନ୍ତରିତ ପଞ୍ଜିକରଣ ଫର୍ମର କାର୍ଯ୍ୟକାରିତା ସମ୍ବନ୍ଧରେ ଅତିରିକ୍ତ ଜିଲାପାଳ ଦାଶ ସୂଚନା ପ୍ରଦାନ କରିଥିଲେ। ପରିବର୍ତ୍ତନ ଅନୁସାରେ ପୂର୍ବରୁ ନୂଆ ଭୋଟରଙ୍କ ପଞ୍ଜୀକରଣ ଏବଂ ଗୋଟିଏ ନିର୍ବାଚନମଣ୍ଡଳୀରୁ ଅନ୍ୟ ଗୋଟିଏ ନିର୍ବାଚନମଣ୍ଡଳୀକୁ ସ୍ଥାନାନ୍ତରଣ ସୁବିଧା ପାଇଁ ବ୍ୟବହାର କରାଯାଉଥିବା ୬ ନଂ ଫର୍ମକୁ କେବଳ ନୂତନ ଭୋଟରଙ୍କ ପଞ୍ଜୀକରଣ ପାଇଁ ବ୍ୟବହାର କରାଯିବ । ସେହିପରି ଫର୍ମ ୮ ରେ ପୂର୍ବରୁ ଭୋଟର ତାଲିକାରେ ତ୍ରୁଟି ଥିବା ବିବରଣୀର ସଂଶୋଧନ କରାଯାଉଥିଲା, ଏବେ ସେଥିରେ ନିର୍ବାଚନମଣ୍ଡଳୀ ମଧ୍ୟରେ କିମ୍ବା ବାହାରକୁ ବାସସ୍ଥାନ ସ୍ଥାନାନ୍ତର ନିମନ୍ତେ, ଭୋଟର ତାଲିକାରେ ଥିବା ବିବରଣୀ ସଂଶୋଧନ, ଭୋଟର ପରିଚୟ ପତ୍ର ବଦଳ କରିବା ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ଚିହ୍ନଟ ଆଦି କରାଯିବ। ଫର୍ମ ୭ ନାମ ବାଦ ଦେବାପାଇଁ ବ୍ୟବହାର କରାଯିବ। ମାତ୍ର ମୃତ୍ୟୁ ପ୍ରମାଣ ପତ୍ର ସଂଲଗ୍ନ କରାଯିବ । ସବୁଠୁ ଉଲ୍ଲେଖନୀୟ ବିଷୟ ହେଲା ଭୋଟର ହେବାକୁ ପୂର୍ବରୁ ବର୍ଷକୁ ଥରେ ମାତ୍ର ନାମ ପଞ୍ଜିକରଣ ସୁଯୋଗ ମିଳୁଥିଲା। ଏବେ ୪ ଥର ସୁଯୋଗ ମିଳିବ। ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ ବେଳକୁ ଯେଉଁ ନାଗରିକଙ୍କ ବୟସ ୧୮ ବର୍ଷ ହେଉଥିବ ସେମାନେ ପରବର୍ତ୍ତୀ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ସଂଶୋଧନ କାର୍ଯ୍ୟକ୍ରମରେ ନିଜର ନାମକୁ ଭୋଟର ତାଲିକାରେ ପଞ୍ଜୀକରଣ କରିପାରିବେ। ଅଗଷ୍ଟ ୧ ରୁ ଆରମ୍ଭ କରାଯାଇଥିବା ଭୋଟର ପରିଚୟ ପତ୍ରକୁ ଆଧାର ସହିତ ସଂଯୋଗ କାର୍ଯ୍ୟକ୍ରମ ଅନ୍‌ଲାଇନରେ କରାଯାଇପାରିବ। ଏଥିସହିତ ଅଫଲାଇନରେ ବିଏଲଓ କିମ୍ବା ଭୋଟର ସହାୟତା କେନ୍ଦ୍ର ସହାୟତାରେ କରାଯାଇପାରିବ। ସ୍ୱେଚ୍ଛାକୃତ ଭାବେ ଭୋଟରଙ୍କ ଠାରୁ ଆଧାର ବିବରଣୀ ସଂଗ୍ରହ କରାଯିବ । ଆଧାର ବିବରଣୀ ଦାଖଲ କରିବା ନିମନ୍ତେ ନୂତନ ଫର୍ମ ୦୬ (ଖ) ପ୍ରଚଳନ କରାଯାଇଛି । ବୈଠକରେ ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧି ଭାବେ ବିଜେଡିର କଇଁରୁ ସ୍ୱାଇଁ, ଭାରତୀୟ ଜାତୀୟ କଂଗ୍ରେସର ସୁଧୀର ପଣ୍ଡା, ଏସୟୁସିଆଇର ଗୋବିନ୍ଦ ମହାରଣାଙ୍କ ସହ ସହକାରୀ ଜିଲାପାଳ, ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଚିତ୍ତରଞ୍ଜନ ମିଶ୍ର, ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର ଅମରେନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦାନ କରିଥିଲେ।

## ବିନିକାରେ ହୋଟେଲ, ରେଷ୍ଟୁରାଣ୍ଟରେ ଚଢ଼ାଉ

ସୋନପୁର,୩।୮(ନି.ପ୍ର.)


ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖାଦ୍ୟର ମାନ ଯାଞ୍ଚ କରାଯାଉଛି ।

- ୧୪,୮୦୦ ଟଙ୍କା ଜରିମାନା ଆଦାୟ
- ନଷ୍ଟ କରାଗଲା ୫୬ କିଲୋରୁ ଊର୍ଦ୍ଧ୍ୱ ବାସି ଖାଦ୍ୟ

ସୁବର୍ଣ୍ଣପୁର ଜିଲା ବିନିକା ସହରରେ ଥିବା ହୋଟେଲ ଓ ରେଷ୍ଟୁରାଣ୍ଟରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ବୁଧବାର ଚଢାଉ କରିଛି। ହୋଟେଲ ଓ ରେଷ୍ଟୁରାଣ୍ଟରେ ବାସି ଖାଦ୍ୟ ବିକ୍ରି ହେଉଥିବା ଅଭିଯୋଗ କ୍ରମେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱ ରଞ୍ଜନ ପତିଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢାଉ ହୋଇଥିଲା । ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ) ଡା. ରମେଶ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଟିମ୍ ଚଢାଉ କରି ସହରର ୧୧ଟି ହୋଟେଲରୁ ୫୬ କିଲୋ ବାସି ଖାଦ୍ୟ ନଷ୍ଟ କରିଛନ୍ତି । ସମ୍ପୃକ୍ତ ହୋଟେଲ ମାଲିକଙ୍କ ନିକଟରୁ ମୋଟ ୧୪ ହଜାର ୮୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି । ଏହି ଟିମ୍‌ରେ ଖାଦ୍ୟ ନିରାପତ୍ତା ଅଧିକାରୀ ସସ୍ମିତା ନାଏକ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ଶ୍ରୀବନ୍ତ ଖଣ୍ଡଗିରି, ରାକେଶ ମାହାନା ଓ ବିନିକା ପୋଲିସ କର୍ମଚାରୀ ସାମିଲ ଥିଲେ। ବାସି ଖାଦ୍ୟ, ଦୂଷିତ ପାଣି ଗ୍ରାହକଙ୍କୁ ନ ଦେବା ପାଇଁ ହୋଟେଲ, ରେଷ୍ଟୁରାଣ୍ଟ ଓ ଜଳଖିଆ ଦୋକାନୀଙ୍କୁ ତାଗିଦ୍ କରାଯାଇଛି। ନିକଟରେ ଜିଲାର ତରଭା ବ୍ଲକ ସୂର୍ଯ୍ୟମୁଣ୍ଡା ଗ୍ରାମରେ ଝାଡାବାନ୍ତି ବ୍ୟାପି ୫୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିଲେ । ସେହିଭଳି ଜଣେ ଆକ୍ରାନ୍ତଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ଏହି ଘଟଣା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ହୋଟେଲ, ରେଷ୍ଟୁରାଣ୍ଟ, ଜଳଖିଆ ଦୋକାନ, ଫାଷ୍ଟ ଫୁଡ ସେଣ୍ଟର ଓ ମୁଢି ମିଲରେ ଚଢାଉ କରାଯାଇ ଖାଦ୍ୟ ପଦାର୍ଥର ମାନ ଯାଞ୍ଚ କରାଯାଇଛି ।

## ବରିଷ୍ଠ ନାଗରିକ ସଂଘର ଜଳାଭିଷେକ କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୩।୮

ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବୁଧବାର ଅଷ୍ଟଶମ୍ଭୁ ପୀଠ ଦେଓଗାଁସ୍ଥିତ ବୈଦ୍ୟନାଥ ମନ୍ଦିରରେ ଜଳାଭିଷେକ, ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟକ ଦେବେଶ ଆଚାର୍ଯ୍ୟ, ପୌରାଧ୍ୟକ୍ଷା କଳ୍ପନା ମାଝି ଅତିଥିଭାବେ ଯୋଗ ଦେଇଥିଲେ। ବିନୋଦ ପଣ୍ଡା କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ନିର୍ମଳ କିଶୋର କର, ଅଶୋକ ପଶାୟତ ଭଜନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କଣ୍ଠଶିଳ୍ପୀ ସ୍ୱାଗତିକା ସାହୁ, ଆସ୍ଥା ମହାପାତ୍ର, ଶୁଭମ ନାୟକ, ପ୍ରଦୀପ ପ୍ରଧାନ, କାହ୍ନୁ ପୃଷ୍ଟି ଭଜନ ପରିବେଷଣ କରିଥିଲେ। ଦୟାନିଧି ମହାପାତ୍ର କବିତା ଆବୃତ୍ତି କରିଥିଲେ। ଗୋବିନ୍ଦ ଦାଶ, ଭାରତ ଦାଶ, ପ୍ରଦୀପ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ହୋଇଥିଲା। ସଂଘ ଉପଦେଷ୍ଟା ଅମରେନ୍ଦ୍ର ନାରାୟଣ ଯାଦବ, ଯାଚକେଶ୍ୱର ପ୍ରଧାନ, ସୁଶିଲ ମହାପାତ୍ର, ସଭାପତି ପ୍ରମୋଦ ଝାଙ୍କର, ସମ୍ପାଦକ ପ୍ରହ୍ଲାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାମବାସୀ,ସ୍କୁଲ ପରିଚାଳନା କମିଟି ନାଁରେ ଥାନାରେ ଅଭିଯୋଗ କଲେ ବିଇଓ

ଅମରପାଲି,୩।୮(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବରିଷ୍ଠ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାରଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ବୁଧବାର ବୀରମହାରାଜପୁର ଥାନାରେ ଅଭିଯୋଗ ହୋଇଛି । ପ୍ରକାଶ ଯେ, ମଙ୍ଗଳବାର ବୀରମହାରାଜପୁର ଉପକଣ୍ଠ କେନ୍ଦୁପାଲି ୫-ଟି ସରକାରୀ ଉନ୍ନୀତ ହାଇସ୍କୁଲରେ ଶିକ୍ଷକ ନିଯୁକ୍ତିକୁ ନେଇ ସ୍କୁଲ ଫାଟକରେ ତାଲା ଦେଇ ଗ୍ରାମବାସୀ ଓ ଛାତ୍ରୀଛାତ୍ର ପ୍ରତିବାଦ କରୁଥିଲେ। ମଧ୍ୟାହ୍ନରେ ବିଇଓ କୁମ୍ଭକାର ଓ ସିଆରସିସି ପଦ୍ମନାଭ ବାରିକ ସ୍କୁଲକୁ ଆଲୋଚନା ପାଇଁ ଯାଇଥିଲେ। ସେଠାରେ ଉତ୍ତ୍ୟକ୍ତ ଲୋକେ ବିଇଓଙ୍କୁ ଦୁର୍ବ୍ୟବହାର କରିବା ସହିତ ଗାଳିଗୁଲଜ କରିଥିଲେ । ଏନେଇ ବିଇଓ କୁମ୍ଭକାର ବ୍ଲକର ମିଳିତ ଶିକ୍ଷକ ସଂଘର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କ ସହିତ ଥାନାକୁ ଆସି ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ବୀରମହାରାଜପୁର ଥାନାରେ ନଂ୧୬୦/୨୨ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରିଣୀ ଅଞ୍ଜଳୀ କୁମ୍ଭାର ପ୍ରକାଶ କରିଛନ୍ତି।

## କୁସୁମକଢ଼ି ଅନୁଷ୍ଠାନର ସମ୍ବଲପୁରୀ ଦିନ୍

ବରଗଡ଼ ଅଫିସ୍,୩।୮

ବରଗଡ଼ ବ୍ଲକ ନୂଆ ସରସରା ଗ୍ରାମର କୁସୁମ କଢ଼ି ଶିଶୁ ପ୍ରତିଭା ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ଦିନ୍ ପାଳିତ ହୋଇଛି। ଶିଶୁ କଳାକାରମାନେ ସୌମ୍ୟଶ୍ରୀ ପଣ୍ଡା, କାହ୍ନା ମଟାରୀ, ଆକାଂକ୍ଷା ବିଶି, ସ୍ୱୟଂ ପଣ୍ଡା ପ୍ରମୁଖଙ୍କ ନୃତ୍ୟ ପ୍ରଦର୍ଶନ ଚିତ୍ତାକର୍ଷକ ଥିଲା। ସ୍ଥାନୀୟ ସଂସ୍କୃତିପ୍ରେମୀମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଶିଶୁକନ୍ୟାକୁ କୋଳେଇ ନେଲେ ଇଟାଲୀ ଦମ୍ପତି

ପାଇକମାଲ, ୩।୮ (ଡି.ଏନ.ଏ.)

ବରଗଡ ଜିଲଶ ପାଇକମାଲ କସ୍ତୁରବା ଗାନ୍ଧୀ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ଶିଶୁକନ୍ୟାକୁ ବୁଧବାର ଇଟାଲୀର ଏକ ଦମ୍ପତି ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ଏଥିପାଇଁ ସେମାନେ ଅନଲାଇନ ମାଧ୍ୟମରେ ଦରଖାସ୍ତ ଦେଇ ତିନି ବର୍ଷ ହେଲା ଅପେକ୍ଷା କରି ରହିଥିଲେ। ଇଟାଲୀୟ ଦମ୍ପତିଙ୍କୁ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପୋ ଓ ନବୀନ କୁମାର ପଟେଲ, ଉପଜିଲାପାଳ ଶୁଭେନ୍ଦୁ କୁମାର ସାମଲ ହସ୍ତାନ୍ତର କରିଥିଲେ। ଶିଶୁଟିକୁ ପାଇକମାଲ ଅଞ୍ଚଳରୁ ଅସହାୟ ଅବସ୍ଥରେ ଉଦ୍ଧାର କରାଯାଇ ପରବର୍ତ୍ତୀ ସମୟରେ ପାଇକମାଲ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରଖାଯାଇଥିଲା। ଶିଶୁକନ୍ୟା ହସ୍ତାନ୍ତର ସମୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମଞ୍ଜୁ ଇକ୍କା, ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ବିଦ୍ୟୁତ ଦାଶ, ଅଣଆନୁଷ୍ଠାନିକ ଅଧିକାରୀ ଜୟନ୍ତୀ ହିଆଲ, ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ପରିଚାଳକ ନିର୍ମଳ ଗିରି ଉପସ୍ଥିତ ଥିଲେ।



ଅଧିକାରୀଙ୍କ ଗହଣରେ ଶିଶୁକନ୍ୟାକୁ ଆପଣେଇ ନେଇଥିବା ଇଟାଲୀୟ ଦମ୍ପତି।

# ଆବଶ୍ୟକ ବେଳେ ସାର ଅଭାବ

ବରଗଡ଼ ଅଫିସ୍,୩।୮


ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଚାଷୀମାନେ ଧାରଣା ଦେଇଛନ୍ତି।

- କୃଷି କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଧାରଣା
- ସାର ମିଳିବା ପରେ ଧାରଣାରୁ ଉଠିଲେ

ବରଗଡ଼ ଜିଲାରେ ଖରିଫ ଚାଷ ଆରମ୍ଭରୁ ସାର ଅଭାବ ପରିଲକ୍ଷିତ ହୋଇଛି। ଚାଷକାର୍ଯ୍ୟକୁ ମାସେ ବିତିଯାଇ ଥିଲେ ସୁଦ୍ଧା ଚାଷୀଙ୍କୁ ଆବଶ୍ୟକତା ଅନୁସାରେ ସାର ମିଳୁ ନାହିଁ। ଜିଲାରେ ଡିଏପି, ୟୁରିଆ ସାର ଅଭାବ ରହୁଛି। ଅନ୍ୟପକ୍ଷେ ଖୋଲାଖୋଲିଭାବେ ଜିଲାର ଏହି ସାର କଳାବଜାରରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଜିଲାର ଚାଷୀମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଅଭିଯୋଗ ନେଇ ବୁଧବାର ବରଗଡ଼ ବ୍ଲକ ଗାଇସୀମା ଅଞ୍ଚଳର ଶତାଧିକ ଚାଷୀ ପୂର୍ବାହ୍ନ ପ୍ରାୟ ୧୦ଟାରେ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଡିଏପି, ୟୁରିଆ ସାର ଯୋଗାଇ ଦେବାକୁ ସେମାନେ ଦାବି କରିଥିଲେ। ମାତ୍ର ବିଭାଗୀୟ ଅଧିକାରୀମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନଥିଲେ। ଏହାର ପ୍ରତିବାଦରେ ଚାଷୀମାନେ ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ବିଭାଗୀୟ ଅଧିକାରୀମାନେ ଧାରଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ସାର ନ ମିଳିବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ଉଠିବେ ନାହିଁ ବୋଲି ଚାଷୀମାନେ ଜିଦ୍ ଧରିଥିଲେ। ପରେ ମୁଖ୍ୟ ଜିଲା କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣା ଧାରଣାରତ ଚାଷୀଙ୍କ ପାଇଁ ୪୦୦ ପ୍ୟାକେଟ୍ ଡିଏପି ଏବଂ ୩୦୦ ପ୍ୟାକେଟ୍ ୟୁରିଆ ସାର ଯୋଗାଣ ବ୍ୟବସ୍ଥା କରିଥିଲେ । ଏହାପରେ ଅପରାହ୍ନ ପ୍ରାୟ ୪ଟାରେ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରୁ ଚାଷୀଙ୍କ ଧାରଣା ଉଠିଥିଲା ।

କୃଷି ବିଭାଗ ତଥ୍ୟ ଅନୁଯାୟୀ, ଖରିଫ୍‌ରେ ୨ଲକ୍ଷ ୪୭ହେକ୍ଟର ଜମିରେ ଧାନଚାଷ ହୋଇଥାଏ। ଉଭୟ ଜଳସେଚିତ, ଅଣଜଳସେଚିତ ଅଞ୍ଚଳରେ ଚାଷକାର୍ଯ୍ୟ ହେଉଥିବା ଯୋଗୁ ଖରିଫରେ ଅଧିକ ସାରର ମଧ୍ୟ ଆବଶ୍ୟକତା ପଡ଼େ। କିନ୍ତୁ ବିଗତ ବର୍ଷ ଅପେକ୍ଷା ଏଥର ଜିଲାକୁ ଯଥେଷ୍ଟ କମ୍ ସାର ଯୋଗାଣ ହେଉଛି। ଜିଲାକୁ ୨୪ହଜାର ୫୦୦ ମେଟ୍ରିକ ଟନ୍ ୟୁରିଆ ସାର ଯୋଗାଣର ଆବଶ୍ୟକତା ରହିଛି। କିନ୍ତୁ ଏପର୍ଯ୍ୟନ୍ତ ମାତ୍ର ୧୬ହଜାର ୨୨୪ ମେଟ୍ରିକ ଟନ ମିଳିଛି। ସେହିପରି ୧୫ହଜାର ୫୦୦ ମେଟ୍ରିକ ଟନ ଡିଏପି ସାର ଦରକାର ପଡୁଥିବାବେଳେ କେବଳ ୯୬୮୦ ମେଟ୍ରିକ ଟନ୍ ପହଞ୍ଚିଛି । ଅନୁରୂପଭାବେ କମ୍ପ୍ଲେକ୍ସ ସାର ମଧ୍ୟ କମ୍ ଆସିଛି। ଜିଲାରେ ୨୧ହଜାର ୩୫୦ ମେଟ୍ରିକ ଟନ କମ୍ପ୍ଲେକ୍ସ ସାର ଆବଶ୍ୟକତା ରହିଛି। କିନ୍ତୁ ଏପର୍ଯ୍ୟନ୍ତ ୧୩ହଜାର ୬୮୦ ମେଟ୍ରିକ ଟନ କମ୍ପ୍ଲେକ୍ସ ସାର ଜିଲାକୁ ପହଞ୍ଚିଛି।

ଜିଲାକୁ ଆବଶ୍ୟକତା ଅନୁଯାୟୀ ଯଥେଷ୍ଟ କମ୍ ସାର ଯୋଗାଣ ହେଉଥିବା ଯୋଗୁ ଚାଷୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଗୋଟିଏ ପଟେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଫସଲ ଉଜୁଡ଼ି ବସିଥିବାବେଳେ ସାର ଅଭାବ ଚାଷୀଙ୍କୁ ଆହୁରି ଚିନ୍ତାରେ ପକାଇ ଦେଇଛି। ଫଳରେ ଚାଷୀ ଅସନ୍ତୋଷ ବଢ଼ି ଚାଲିଛି ଏବଂ ଏହି କ୍ରମରେ ଗାଇସୀମା ଅଞ୍ଚଳର ଚାଷୀମାନେ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଗାଇସୀମା ଅଞ୍ଚଳର ଚାଷୀନେତା ସରୋଜ ପ୍ରଧାନ, ନିରଞ୍ଜନ ପ୍ରଧାନ, ସୁଶାନ୍ତ ସାହୁ, ପ୍ରଶାନ୍ତ ସାହୁ ପ୍ରମୁଖ ଧାରଣାର ନେତୃତ୍ୱ ନେଇଥିଲେ। ଚାଷୀନେତା ରମେଶ ମହାପାତ୍ର ସେଠାରେ ପହଞ୍ଚି ଧାରଣାକୁ ସମର୍ଥନ କରିଥିଲେ। ତେବେ ଜିଲାରେ ସାର ଆବଣ୍ଟନ କରୁଥିବା ମାର୍କଫେଡ୍‌କୁ ଯଥେଷ୍ଟ ସାର ଯୋଗାଣ ଦେବା ପାଇଁ ଜିଲାପାଳ ରାଜ୍ୟ କୃଷି ବିଭାଗର ନିର୍ଦ୍ଦେଶକଙ୍କୁ ଲେଖି ଜଣାଇଛନ୍ତି। ସାର ପହଞ୍ଚିଥିଲେ ଜିଲାରେ ଆଉ ସାର ଅଭାବ ଦେଖାଯିବ ନାହିଁ ବୋଲି ମୁଖ୍ୟ ଜିଲା କୃଷି ଅଧିକାରୀ ମହାରଣା କହିଛନ୍ତି।